

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୩୦ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 30 MARCH 2024

Vol.No. 35 ■ No.87 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କଂଗ୍ରେସକୁ ୧୮୨୩ କୋଟିର ଆୟକର ନୋଟିସ୍: ଚିନ୍ତାରେ ଦଳ

ନୂଆଦିଲ୍ଲୀ, ୨୯/୩ : ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଘାରିଛି ପାଣ୍ଠି ଚିନ୍ତା। ଟିକସ ନ ଦେବା ଅଭିଯୋଗରେ କଂଗ୍ରେସର ଆକାଉଣ୍ଟକୁ ଆୟକର ବିଭାଗ ଫ୍ରିଜ୍? କରିଛି। ଏବେ ପୁଣିଥରେ ଆୟକର ବିଭାଗ ଦଳକୁ ୧୮୨୩ କୋଟି ଟଙ୍କାର ନୋଟିସ କରିଛି। ଆୟକର ବିଭାଗର ଟିକସ ପୁନଃଆକଳନ ପ୍ରକ୍ରିୟା ଉପରେ ରୋକ ଲଗାଇବା ପାଇଁ ଦଳ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲା। ସେଠାରୁ ନିରାଶ ହେବା ପରେ ଆଜି ଦଳ ପାଖକୁ ପୁଣି ଗୋଟିଏ ନୋଟିସ ଆସିଛି। ୨୦୧୭-୧୮ ଓ ୨୦୨୦-୨୧ ବର୍ଷର ଟିକସ ପାଇଁ ଆୟକର ବିଭାଗ ଜୋରିମାନା ଓ ସୁଧକୁ ମିଶାଇ ମୋଟ ୧୮୨୩ କୋଟି ଟଙ୍କାର ନୋଟିସ ପାଇଛି। କଂଗ୍ରେସ ୧୮୨୩.୦୮ କୋଟି ଟଙ୍କାର



ନୋଟିସ ପାଇଥିବା ଖବରକୁ ନିଶ୍ଚିତ କରିଥିବା ବେଳେ ବିଜେପି ଟିକସ ଆତଙ୍କବାଦରେ ଲିପ୍ତ ରହିଥିବା ଅଭିଯୋଗ କରିଛି। ଲୋକସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳକୁ ଆର୍ଥିକସ୍ତରରେ ପଙ୍ଗୁ କରି ଦେବାକୁ ଚାହୁଁଛି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। କଂଗ୍ରେସ ମୁଖ୍ୟାଳୟରେ ଏହି ଘଟଣାରେ ଆଜି ପବନ ଖେଡା, ଜୟରାମ ରମେଶ ଓ ଅଜୟ ମାକେନ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ସେମାନେ କହିଛନ୍ତି, ବିଜେପି ଗୁରୁତର ଟିକସ ଆଇନ ଉଲ୍ଲଙ୍ଘନ ମାମଲାରେ ସାମିଲ ରହିଛି। ଏପରି ନିୟମ ଉଲ୍ଲଙ୍ଘନ ପାଇଁ ଆୟକର ବିଭାଗ ବିଜେପି ଠାରୁ ୪,୬୦୦ କୋଟିରୁ ଅଧିକ ଟଙ୍କା ଆଦାୟ କରିବା ଦରକାର। ରମେଶ କହିଛନ୍ତି, ନିର୍ବାଚନୀ ବଣ୍ଡ ସ୍କାମରୁ ବିଜେପି ୮,୨୦୦ କୋଟି ଟଙ୍କା ପାଇଛି। ପ୍ରି-ପେଡ, ପୋଷ୍ଟ ପେଡ, ପୋଷ୍ଟ ରେଡ ଲାଞ୍ଚ ଓ ଶେଲ କମ୍ପାନୀ ଦ୍ୱାରା ଟଙ୍କା ହାସଲ କରିଛି। ବିଜେପି ଟିକସ ଆତଙ୍କବାଦରେ ସାମିଲ ରହିଛି। କଂଗ୍ରେସକୁ ଆର୍ଥିକସ୍ତରରେ ପଙ୍ଗୁ କରି ଦେବାକୁ ଉଦ୍ୟମ ଚାଲିଛି। ହେଲେ ଆମେ କେବେ ହେଲେ ମୁଣ୍ଡ ନୁଆଁଇବୁ ନାହିଁ ବୋଲି ସେ କହିଛନ୍ତି। ସେ ପ୍ରତିଶ୍ରୁତି ଦେଇଛି ଯେ ଆୟକର ବିଭାଗର ଛାଟ ସତ୍ତ୍ୱେ କଂଗ୍ରେସ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ଜାରି ରଖିବ ଓ ଦଳ ଦେଶବାସୀଙ୍କ ଠାରୁ ଗ୍ୟାରେଣ୍ଟୀ ହାସଲ କରିବେ। ଏପରି ନୋଟିସରେ କଂଗ୍ରେସ ଡରିବ ନାହିଁ। ଦଳ ଅଧିକ ଆକ୍ରମଣାତ୍ମକ ହେବ ଓ ନିର୍ବାଚନ ଲଢ଼ିବ ବୋଲି ଜୟରାମ କହିଛନ୍ତି। କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବେ ଆୟକର ବିଭାଗ ଟାର୍ଗେଟ କରୁଥିବା ଅଜୟ ମାକେନ ଅଭିଯୋଗ କରିଛନ୍ତି।

## ୪୦ ଡିଗ୍ରୀ ଛୁଇଁଲା ରାଜ୍ୟର ୫ ଜିଲ୍ଲାର ତାତି

ଭୁବନେଶ୍ୱର, ୨୯/୩ (ନି.ପ୍ର): ଚଳିତବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ୪୦ ଡ଼ିଗ୍ରୀ ଛୁଇଁଲା ତାତି। ଟିଟଲାଗଡ, ବଲାଙ୍ଗିର, ବୌଦ୍ଧ, ଭବାନୀପାଟଣା ଓ ନୟାଗଡରେ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁଛି। ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଏହି ପ୍ରକାର ତାପମାତ୍ରା ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ୍ ଅନୁସାରେ ବାଲେଶ୍ୱରରେ ୩୫.୦ ଡିଗ୍ରୀ, ଚାନ୍ଦବାଲିରେ ୩୮.୬ ଡିଗ୍ରୀ, କଟକରେ ୩୭.୫ ଡିଗ୍ରୀ,



ପାରାଦୀପରେ ୩୨.୩ ଡିଗ୍ରୀ, ଭୁବନେଶ୍ୱରରେ ୩୭.୪ ଡିଗ୍ରୀ, ଗୋପାଳପୁରରେ ୩୧.୨ ଡିଗ୍ରୀ, ପୁରୀରେ ୩୩.୦ ଡିଗ୍ରୀ, ଅନୁଗୋଳରେ ୩୯.୧ ଡିଗ୍ରୀ, ବାରିପଦାରେ ୩୭.୮ ଡିଗ୍ରୀ, ଝାରସୁଗୁଡ଼ାରେ ୩୯.୧ ଡିଗ୍ରୀ, ସମ୍ବଲପୁରରେ ୩୭.୭ ଡିଗ୍ରୀ, ସୁନ୍ଦରଗଡ଼ର ତାପମାତ୍ରା ୩୮.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ହୀରାକୁଦରେ ୩୭.୫ ଡିଗ୍ରୀ, ତାଳଚେରରେ ୩୯.୮ ଡିଗ୍ରୀ, ଭବାନୀପାଟଣାରେ ୪୦.୦ ଡିଗ୍ରୀ, କୋରାପୁଟରେ ୩୫.୪ ଡିଗ୍ରୀ, ▶▶ପୃଷ୍ଠା ୭

## ଶ୍ରୀମନ୍ଦିରରେ ପ୍ରବେଶ ପାଇଁ ଅସମ୍ଭାଳ ଭିଡ଼

ପୁରୀ, ୨୯/୩ (ନି.ପ୍ର): ପୁଣି ଥରେ ଶ୍ରୀମନ୍ଦିର ପ୍ରବେଶ ବେଳେ ଅସମ୍ଭାଳ ଭିଡ଼ ହଇରାଣ ହେଲେ ଶତାଧିକ ଶ୍ରଦ୍ଧାଳୁ। ଆଜି ସକାଳୁ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଏଭଳି ଭିଡ଼ ପରିସ୍ଥିତି ଉପୁଜିଥିଲା। ପଶ୍ଚିମ ଦ୍ୱାର ଦେଇ କେବଳ ପୁରୀ ବାସିନ୍ଦାଙ୍କୁ ପ୍ରବେଶ ଅନୁମତି ରହିଛି। ▶▶ପୃଷ୍ଠା ୭



## ଅଫିସରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଲେ ପ୍ରଦୀପ

ଭୁବନେଶ୍ୱର, ୨୯/୩ (ନି.ପ୍ର): ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଉ ହେଉ ସରକାରୀ ଅଫିସରଙ୍କ ବିରୋଧରେ ଆସିଲାଣି ଅଭିଯୋଗ। କେଉଁଠି ଡରାଉଛନ୍ତି ତ ଆଉ କେଉଁଠି ଧମକାଉଛନ୍ତି। ଭୟର ବାତାବରଣ ସୃଷ୍ଟି କରି ସାରା ଗଞ୍ଜାମ ଜିଲ୍ଲାରେ ଆରମ୍ଭ କରିଛନ୍ତି ନିର୍ବାଚନ ପାଇଁ ପକ୍ଷପାତ ପ୍ରକ୍ରିୟା। ପ୍ରଚାର କାର୍ଯ୍ୟକ୍ରମ ମଞ୍ଚ ଉପରୁ ଏଭଳି ଅଭିଯୋଗ ଆଣିଛନ୍ତି ବ୍ରହ୍ମପୁର ବିଜେପି ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ। ଛତ୍ରପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଛନ୍ତି, କେତେକ ପ୍ରଭାବଶାଳୀ ସରକାରୀ ବାବୁ ସରକାରୀ ଦଳର



କର୍ମୀ ସାଜିଛନ୍ତି। ଜଣେ ତତ୍କାଳୀନ ଆଇଜି ନେତା ଓ କର୍ମୀଙ୍କୁ ଧମକ ଦେଉଛନ୍ତି। ବିରୋଧୀ ଦଳର ନେତା, କର୍ମୀ ଓ ଠିକାଦାରମାନଙ୍କୁ ବିଜେଡିରେ ରହିବା ପାଇଁ ଧମକ ଚମକ ଦେଉଛନ୍ତି। ଜିଲ୍ଲାର କିଛି ପୁରୁଖା ଅଫିସର ନିର୍ବାଚନ ବେଳେ ଏଠି ପୋଷ୍ଟିଂ ହୁଅନ୍ତି, ଦଳ ପାଇଁ କାମ କରନ୍ତି। ଆଉ ନିର୍ବାଚନ ପରେ ଅନ୍ୟତ୍ର ବଦଳି ହୋଇଯାଆନ୍ତି। ପ୍ରଦୀପ ପାଣିଗ୍ରାହୀଙ୍କ ସହ କଂଗ୍ରେସ ମଧ୍ୟ ସ୍ୱର ମିଶାଇ ସମାନ ଅଭିଯୋଗ ଆଣିଛି। ତେବେ ଏନେଇ ପୁଲିସ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିବା ବେଳେ ବିଜେଡି ଅଭିଯୋଗକୁ ଖଣ୍ଡନ କରିବା ସହ କହିଛି, ଯଦି ସେଭଳି କିଛି ଅଭିଯୋଗ ଅଛି, ନିର୍ବାଚନ କମିଶନରଙ୍କୁ ଜଣାନ୍ତୁ। ଫେବୃଆରୀ ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ମୁଖ୍ୟ ନିର୍ବାଚନ କମିଶନର ଶାନ୍ତି ପ୍ରିୟ ଓଡ଼ିଶାରେ ଅବାଧ, ମୁକ୍ତ ଓ ନିରପକ୍ଷ ନିର୍ବାଚନ ପାଇଁ ଆହ୍ୱାନ କରିଥିଲେ। କିଛି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନିର୍ବାଚନ ବେଳେ ସରକାରୀ ▶▶ପୃଷ୍ଠା ୭

## ଗୁଳି ଫୁଟାଇ ଦମ୍ପତିଙ୍କଠାରୁ ଲୁଟ୍

କେନ୍ଦୁଝର, ୨୯/୩ (ନି.ପ୍ର): ଦିନ ଦ୍ୱିପ୍ରହରରେ ଜାତୀୟ ରାଜପଥରେ ଦମ୍ପତିଙ୍କୁ ବନ୍ଧୁକ ଦେଖାଇ ଲୁଟିନେଲେ। ପ୍ରଥମେ ଦମ୍ପତିଙ୍କୁ ଧକ୍କା ଦେଲେ ଓ ତାପରେ ବେକରୁ ସୁନା ହାର, ମଙ୍ଗଳସୂତ୍ର ଓ କାନଫୁଲ ଝାମ୍ପିନେଲେ। ଭୟଭିତ କରିବାକୁ ଫାଙ୍କା ଗୁଳି ମଧ୍ୟ ରାସ୍ତା ଉପରକୁ ଚଳାଇଥିଲେ। କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ ସ୍ୱଷ୍ଟ ଦିବାଲୋକରେ ଦମ୍ପତିଙ୍କ ଠାରୁ ଲୁଟ୍। ନିଗମ ପ୍ରଶାଦ ସାହୁ ଓ ତାଙ୍କ ପତ୍ନୀ ହରିଚନ୍ଦନପୁରରୁ ସ୍କୁଟିରେ ବେଲବାହାଳି ଯାଉଥିଲେ। ୨୦ ନମ୍ବର ଜାତୀୟ ରାଜପଥର ବୀରଗୋବିନ୍ଦପୁର ନିକଟରେ ରାସ୍ତାରେ ଯାଉଥିବା ସମୟରେ ଏକ କଳା ପଲସରରେ ୩ ଜଣ ମୁଖାପିନ୍ଧା ଯୁବକ ତାଙ୍କ ପିଛା କରିଥିଲେ। ଆଉ ସ୍କୁଟିକୁ ସାଇଟ୍ ମାରିଥିଲେ। ଦମ୍ପତିଙ୍କୁ ଭୟଭିତ କରିବା ପାଇଁ ବନ୍ଧୁକ ବାହାର କରି ୩ ରାଉଣ୍ଡ ଫାଙ୍କା ଗୁଳି କରିଥିଲେ। ପରେ ବନ୍ଧୁକ ଦେଖାଇ ପତ୍ନୀଙ୍କ ବେକରୁ ସୁନା ହାର, ମଙ୍ଗଳସୂତ୍ର ଓ କାନଫୁଲ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଘଟଣାର ଖବର ପାଇ ଘଷିପୁରା ପୁଲିସ ଘଟଣା ସ୍ଥଳରେ ପହଞ୍ଚିଛି ତଦନ୍ତ ଆରମ୍ଭ କରିଛି।

## ବିଜେପିରୁ ଇସ୍ତଫା ଦେଲେ ନୀଳଗିରି ବିଧାୟକ

ନୀଳଗିରି, ୨୯/୩ (ନି.ପ୍ର): ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଆଜି ବିଜେପିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ସେ କାହିଁକି ଦଳରୁ ଇସ୍ତଫା ଦେଲେ, ସେ ନେଇ ସେଥିରେ କିଛି ଉଲ୍ଲେଖ କରି ନାହାନ୍ତି। ସୁକାନ୍ତ କୁମାର ନାୟକ ପ୍ରଥମେ ବିଜେଡିରେ ଥିଲେ। ୨୦୧୪ରେ ସେ ବିଜେଡି ଟିକେଟରେ ନୀଳଗିରିରୁ ବିଧାନସଭାକୁ ନିର୍ବାଚିତ



ହୋଇଥିଲେ। ୨୦୧୯ରେ ସେ ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ ଓ ପୁଣି ଥରେ ଏହି ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସୁକାନ୍ତ କୁମାର ନାୟକ ପୁଣି ବିଜେଡିକୁ ଫେରିବା ନା କ'ଣ କରିବେ, ତାହା ଜଣାପଡ଼ିନାହିଁ। ନିଜ ସମର୍ଥକଙ୍କ ସହିତ ▶▶ପୃଷ୍ଠା ୭

## ଦିଲ୍ଲୀରେ ବିଜେପି ନିର୍ବାଚନୀ କୋର କମିଟି ବୈଠକ

ଭୁବନେଶ୍ୱର, ୨୯/୩ (ନି.ପ୍ର): ଖୁବଶୀଘ୍ର ଆସିପାରେ ବିଜେପିର ତାଲିକା । ନୂଆଦିଲ୍ଲୀରେ ବିଜେପି ନିର୍ବାଚନୀ କୋର ଗ୍ରୁପ ବୈଠକରେ ସବୁ ସିଟ୍ ଉପରେ, ସବୁ ଦିଗକୁ ନେଇ ଆଲୋଚନା ହୋଇଛି । ବିଜେପି ରାଷ୍ଟ୍ରୀୟ କାର୍ଯ୍ୟାଳୟରେ ଏହି ବୈଠକ ବସିଥିଲା । ବୈଠକରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା, ଗୃହ ମନ୍ତ୍ରୀ ଅମିତ୍ ଶାହା ଯୋଗ ଦେଇଥିଲେ। ଓଡିଶା ବିଧାନସଭା ଏବଂ ବାକି ଥିବା ୩ଟି ଲୋକସଭା ସିଟ ନେଇ ଆଲୋଚନା ହୋଇଛି । ଏ ନେଇ ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି ।

## ସର୍ବନିମ୍ନ ମଜୁରୀ ୩୦୦ଟଙ୍କା କରାଯାଉ : ବିଜେପି

ଭୁବନେଶ୍ୱର, ୨୯/୩ (ନି.ପ୍ର): ଗୋଆ ଭଳି ଛୋଟିଆ ରାଜ୍ୟର ଶ୍ରମିକ ଦୈନିକ ୩୫୭ଟଙ୍କା ମଜୁରୀ ପାଉଥିବାବେଳେ ଓଡ଼ିଆ ଶ୍ରମିକଙ୍କୁ ୨୫୪ଟଙ୍କା ମଜୁରୀ 'ଶ୍ରମିକ ସମାଜ'କୁ ଅତ୍ୟନ୍ତ ପୀଡା ଦେଉଛି। ଯଥେଷ୍ଟ କାର୍ଯ୍ୟ ଓ ମଜୁରୀ ଅଭାବରେ ସେ ନିଜ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଛି। ଫଳତଃ ଆବଂଟିତ ଅର୍ଥକୁ ବିନିଯୋଗ ନାଁରେ ମେସିନ ଜରିଆରେ କାର୍ଯ୍ୟ କରାଇ କାର୍ଡଧାରୀଙ୍କୁ ହାତଗୁଞ୍ଜା ଦେଇ କର୍ମ ସଂସ୍କୃତିକୁ ନଷ୍ଟ କରିବାର ଚିତ୍ର ସର୍ବତ୍ର ଦେଖାଯାଉଛି ବୋଲି ବିଜେପି ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି। ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ କର୍ମ ଯୋଗାଣରେ ବିଫଳ ହୋଇଛନ୍ତି। ଆମ ରାଜ୍ୟରେ ଯେତେ ପରିମାଣରେ କର୍ମ ଯୋଗାଣ ହେଉଛି, ତାଠାରୁ ଢେର ଅଧିକ ଅନ୍ୟ ରାଜ୍ୟମାନଙ୍କରେ ହେଉଛି ଏବଂ ସେଠାକାର ରାଜ୍ୟ ସରକାରମାନେ ଓଡ଼ିଶା ଠାରୁ ଅଧିକ ମଜୁରୀ ବୃଦ୍ଧି କରିଛନ୍ତି। ଏବେ ଓଡ଼ିଶାରେ ଶ୍ରମିକ ସର୍ବନିମ୍ନ ୨୫୪ଟଙ୍କା ପାଇବା ଅତ୍ୟନ୍ତ ପୀଡାଦାୟକ। କମ୍ ମଜୁରୀ କାରଣରୁ ହଜାର ହଜାର ଶ୍ରମିକ ତଥା ଓଡ଼ିଆ ଯୁବକମାନେ ଦାଦନ ଖଟିବାକୁ ବାହର ରାଜ୍ୟକୁ ଯାଉଛନ୍ତି। ରାଜ୍ୟ ସରକାର ଶ୍ରମିକମାରଣ ଆଭିମୁଖ୍ୟରେ ପରିବର୍ତ୍ତନ କରି ନିଜ ପକ୍ଷରୁ ମଜୁରୀ ବୃଦ୍ଧି କରନ୍ତୁ । ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ୩ଶହ ଟଙ୍କା ଦିଆଯାଉ ବୋଲି ଶ୍ରୀ ଶର୍ମା ଦାବୀ କରିଛନ୍ତି ।

## ମୁକ୍ତାର ଅନସାରୀଙ୍କୁ ବିଷ ଦିଆଯାଇଥିବା ଅଭିଯୋଗ: ୟୁପିରେ ୧୪୪ ଲାଗୁ

ଉତ୍ତରପ୍ରଦେଶ , ୨୯/୩ (ନି.ପ୍ର): ଉତ୍ତରପ୍ରଦେଶରେ ହାଇ ଆଲର୍ଟ। ୧୪୪ ଧାରା ଲାଗୁ ସହ ବିଭିନ୍ନ ଜିଲ୍ଲାରେ ପୁଲିସ ଫୋର୍ସ ମୁତୟନ। ଗ୍ୟାଙ୍ଗଷ୍ଟରରୁ ରାଜନେତା ବନିଥିବା ମୁକ୍ତାର ଅନସାରୀଙ୍କ ମୃତ୍ୟୁ ପରେ ହାଇ ଆଲର୍ଟ ଜାରି କରିଛି ପୁଲିସ। ଅନସାରୀଙ୍କୁ ଜେଲରେ ସ୍ଲୋ ପଏଜନ ବା ଅଳ୍ପ ଅଳ୍ପ ବିଷ ଦିଆଯାଇଥିବା ପରିବାର ଲୋକେ



ଅଭିଯୋଗ ଆଣିବା ପରେ ଅପ୍ରିତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ନେଇଛି ଉତ୍ତର ପ୍ରଦେଶ ପୁଲିସ। ▶▶ପୃଷ୍ଠା ୭

## ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ଉପରେ ପ୍ରତିକ୍ରିୟା ରଖିଲା ଜାତିସଂଘ

ନୂଆଦିଲ୍ଲୀ, ୨୯/୩ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ଏବଂ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଅଚଳ ଉପରେ ପ୍ରତିକ୍ରିୟା ରଖିଛି ମିଳିତ ଜାତିସଂଘ। ଜାତିସଂଘ କହିଛି, ଭାରତ ଏବଂ ଅନ୍ୟ ରାଷ୍ଟ୍ରର ନିର୍ବାଚନ ସମୟରେ ଲୋକଙ୍କ ରାଜନୈତିକ ତଥା ନାଗରିକ ଅଧିକାର ସୁରକ୍ଷା ଥିବ ବୋଲି ବିଶ୍ୱ ସଂସ୍ଥା ଆଶା ରଖିଛି। ଜାତିସଂଘର ମୁଖ୍ୟ ଶାସନ ସଚିବ ଆଣ୍ଟୋନି ଗୁଟେରସଙ୍କ ମୁଖପାତ୍ର ଷ୍ଟିଫେନ ଡୁଜେରିକ କହିଛନ୍ତି, 'ଭାରତ ଏବଂ ଅନ୍ୟ ରାଷ୍ଟ୍ରମାନଙ୍କର ନିର୍ବାଚନ



ସମୟରେ ସମସ୍ତଙ୍କ ରାଜନୈତିକ ଏବଂ ମାନିବିକ ଅଧିକାର ସୁରକ୍ଷିତ ଥିବ ବୋଲି ଆମେ ଆଶା କରୁଛୁ। ନିର୍ବାଚନ ସମୟରେ ପ୍ରତ୍ୟେକ ବ୍ୟକ୍ତି ଏକ ସ୍ୱଚ୍ଛ ଏବଂ ନିରପକ୍ଷ ପରିବେଶରେ ମତଦାନ କରିବାକୁ ସକ୍ଷମ ହେବେ।' ଲୋକସଭା ନିର୍ବାଚନର କିଛି ଦିନ ପୂର୍ବରୁ ଦିଲ୍ଲୀର ମଦ ନୀତି ମାମଲାରେ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରାଯିବାକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ଚଳିତ ମାସ ୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଗିରଫ କରିଥିଲା। ସେ ବର୍ତ୍ତମାନ କେନ୍ଦ୍ରୀୟ ଅନୁସନ୍ଧାନ ଏଜେନ୍ସିର ହେପାଜତରେ ଅଛନ୍ତି। ଗତକାଲି କେଜ୍ରିୱାଲଙ୍କ ୭ ଦିନିଆ ରିମାଣ୍ଡ ଅବଧି ସରିବା ପରେ ଇଡି ତାଙ୍କୁ ପୁଣି ଏପ୍ରିଲ ୧ ଯାଏ ହେପାଜତକୁ ନେଇଛି। ସେପଟେ, ଆୟକର ବିଭାଗ କଂଗ୍ରେସ ବ୍ୟାଙ୍କ ଖାତା ଅଚଳ କରିଦେଇଛି। ନିର୍ବାଚନ ସମୟରେ ଜାଣିଶୁଣି ଆମ ଖାତା ଅଚଳ କରାଯାଇଥିବା ଅଭିଯୋଗ କରିଛି କଂଗ୍ରେସ।

## ବିହାରରେ ଇଣ୍ଡିଆ ମେଣ୍ଟର ଆସନ ଭାଗବଣ୍ଟା: ଆରଜେଡିକୁ ୨୬, କଂଗ୍ରେସ ପାଇଲା ୯

ବିହାର , ୨୯/୩ : ବିହାରରେ ଇଣ୍ଡିଆ ମେଣ୍ଟର ଆସନ ଭାଗବଣ୍ଟା ହୋଇଛି। ୪୦ଟି ଲୋକସଭା ଆସନରୁ ୨୬ଟି ଆସନରେ ଆରଜେଡି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ କଂଗ୍ରେସ ୯ ଏବଂ ବାମପନ୍ଥୀ ଦଳକୁ ପାଞ୍ଚଟି ଆସନ ବଣ୍ଟନ କରାଯାଇଛି। କଂଗ୍ରେସ କାଟିହର, କିଶାନଗଞ୍ଜ, ପାଟନା ସାହେବ, ସାସାରାମ, ଭାଗଲପୁର, ପଶ୍ଚିମ ଚମ୍ପାରନ, ମୁଜାଫରପୁର, ସାମସ୍ତିପୁର ଏବଂ ମହାରାଜଗଞ୍ଜ ଆସନରୁ ପ୍ରାର୍ଥୀ ଦେବ ଏବଂ ବାମପନ୍ଥୀମାନେ ବେଗୁସରାଇ, ଖାଗରିଆ, ଆରହ, କରକାଟ ଏବଂ ନାଳନ୍ଦାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବାକି ୨୬ଟି ଆସନରେ ଆରଜେଡି ପ୍ରାର୍ଥୀ ଦେବ ବୋଲି ବୁଝାମଣା ହୋଇଛି। ବିହାରର ୪୦ଟି ଆସନ ପାଇଁ ଲୋକସଭା ନିର୍ବାଚନ ଏପ୍ରିଲ ୧୯, ୨୬, ମେ ୭, ୧୩, ୨୦, ୨୫ ଏବଂ ଜୁନ୍ ୧ରେ ସାତୋଟି ପର୍ଯ୍ୟାୟରେ



ଅନୁଷ୍ଠିତ ହେବ। ଜୁନ୍ ୪ରେ ଫଳାଫଳ ପ୍ରକାଶ ପାଇବ। ଅନ୍ୟପକ୍ଷରେ ବିଜେପି ନେତୃତ୍ୱାଧୀନ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ (ଏନଡିଏ)ର ସହଯୋଗୀ ଦଳ ମଧ୍ୟରେ ଆସନା ଭାଗବଣ୍ଟା ସରିଛି। ବିହାରରୁ ବିଜେପି ୧୭ ଲୋକସଭା ଆସନରେ ଲଢିବାକୁ ଥିବାବେଳେ ଜେଡି (ୟୁ) ୧୬ ଆସନରେ ପ୍ରାର୍ଥୀ ଦେବ। ସେହିପରି ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା (ଏଁଇଗ) ଏବଂ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଜଖଝଚ) ଯଥାକ୍ରମେ ଗୋଟିଏ ଲେଖାଏଁ ଆସନରେ ପ୍ରାର୍ଥୀ ଦେବେ ଏବଂ ଚିରାଗ ପାସୱାନଙ୍କ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ପାଞ୍ଚଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଠାରେ ୨୦୧୯ ଲୋକସଭା ନିର୍ବାଚନରେ କଂଗ୍ରେସ କେବଳ ଗୋଟିଏ ଆସନ ଜିତିଥିବାବେଳେ ଆରଜେଡି ଏବଂ ବାମ ଦଳ ଖାତା ଖୋଲିପାରି ନଥିଲେ। ଏନଡିଏ ମିଳିତ ମଞ୍ଚ ବିଜେପି ଏବଂ ଜନତା ଦଳ (ୟୁନାଇଟେଡ୍) ଜେଡି (ୟୁ) ଯଥାକ୍ରମେ ୧୭ ଏବଂ ୧୬ଟି ସିଟ୍ ଜିତିଥିଲେ।

# ରେଡ ରିବନ କ୍ଲବ ତରଫରୁ ଏଡ଼ସ୍ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୨୯/୩ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ରେଡ ରିବନ କ୍ଲବ୍ ତରଫରୁ ଆଜି ଏକ ଦିବସୀୟ ଏଡସ ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦାନ କରି ଏଚ.ଆଇ.ଭି. ବିଷୟରେ ସମ୍ପୂର୍ଣ୍ଣ ଭାବରେ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ଡକ୍ଟର ଦୁର୍ଗାପ୍ରସାଦ ରାଜ, ମହାମାରୀ ବିଶେଷଜ୍ଞ ମାଲକାନଗିରି ୧୦୯୭ ଏବଂ ଏଡସ କୁ ବନ୍ଦ କରିବା ପାଇଁ ସରକାରଙ୍କ ତରଫରୁ ମିଳୁଥିବା ସୁବିଧା ଗୁଡିକ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡ଼କ୍ରସ ସମ୍ପାଦକ ଏବଂ ରେଡ ରିବନ କ୍ଲବର ଅଧିକାରୀ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସଭା ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଅଧାପକ ଦଶରଥ ତାଣ୍ଡି, ଅଧାପକ ବିଘ୍ନେଶ୍ୱର ବିଡ଼ିସିକା ମଂଚାସୀନ ରହି ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିବା ସହିତ ସୂଚନାହିଁ ବଞ୍ଚେଇ ପାରିବ ବୋଲି ମତ ପୋଷଣ କରିଥିଲେ।

ଏହି ଅବସରରେ ଜଣା ଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦୁଇ ଶହରୁ ଉର୍ଦ୍ଧ୍ୱ ରେଡ ରିବନ କ୍ଲବର ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିବର୍ତନ ଟିଆଇ ପ୍ରକଳ୍ପର ପରିଚାଳିକା ପ୍ରଜ୍ଞା ପରିମିତା ସଲ, ମଧୁସ୍ମିତା ମାଡ଼କାମୀ, ସୌମ୍ୟ ରଞ୍ଜନ ସ୍ୱାଇଁ, ସସ୍ମିତା ବେହେରା, ହେମଲତା ଖରା ଯୋଗଦାନ କରିବା ସହିତ ପୁସ୍ତିକା ବଣ୍ଟନ କରିଥିଲେ। ମାଲକାନଗିରି ମହାବିଦ୍ୟାଳୟ ଠାରୁ ଗଣ୍ଡିଆଗୁଡା ପର୍ଯ୍ୟନ୍ତ ଏକ ଏଡ଼ସ ସଚେତନତା ରାଲି କାର୍ଯ୍ୟକ୍ରମ କରାଯାଇଥିଲା। ସଭା ଶେଷରେ ଅଧାପିକା ଦୀପ୍ତିରେଖା ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଓଡିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସୋସାଇଟି ତରଫରୁ ଆର୍ଥିକ ସହାୟତା କରିଥିବା ବେଳେ ଭାରତୀୟ ରେଡ଼କ୍ରସ ସୋସାଇଟି ଓଡିଶା ଶାଖା ସହଯୋଗ କରିଥିଲେ।

# କୋଟିଆ ମାମଲାରେ ମୁଖ୍ୟ ସଚିବ ସ୍ତରୀୟ ବୈଠକ ଡାକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର, ୨୯/୩ (ନି.ପ୍ର): କୋଟିଆ ଅଂଚଳରେ ଆନ୍ଧ୍ରପ୍ରଦେଶ ଏବଂ ପାର୍ବତୀପୁର ଜିଲ୍ଲା ପ୍ରଶାସନ ବାରମ୍ବାର ହସ୍ତକ୍ଷେପ କରି ଅଶାନ୍ତି ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ଏହି ଅଂଚଳର ଗରିବ ଜନସାଧାରଣଙ୍କୁ ବିଭିନ୍ନ ଲୋଭନୀୟ ଜନକଲ୍ୟାଣକାରୀ ଯୋଜନା ଜରିଆରେ ନିଜ ଆଡକୁ ଆକର୍ଷିତ କରି ନେବାପାଇଁ ଆନ୍ଧ୍ର ପ୍ରଶାସନର ଉଦ୍ୟମ ଅବ୍ୟାହତ ରହିଛି । ରାସ୍ତା, ବିଜୁଳି, ପିଇବା ପାଣି, ସ୍ୱାସ୍ଥ୍ୟସେବା, ମାଗଣା ଚାଉଳ, ବାର୍ଦ୍ଧକ୍ୟ ଭତା, ବିଧବା ଭତା ଠାରୁ ଆରମ୍ଭ କରି ପିଲାମାନଙ୍କର ପାଠପଢା ପାଇଁ ବିଭିନ୍ନ ଲୋଭନୀୟ ସ୍କିମ୍ ଜରିଆରେ ଆନ୍ଧ୍ର ଏହି ଲୋକମାନଙ୍କୁ ନିଜ ଆଡକୁ ଟାଣିବାକୁ ଉଦ୍ୟମ କରୁଛି । ଆଗାମୀ ସାଧାରଣ ନିର୍ବାଚନରେ ଆନ୍ଧ୍ର ସରକାର କୋଟିଆବାସୀଙ୍କୁ ନିଜ ସପକ୍ଷରେ ଅଧିକ ଭୋଟ୍‌ଦାନ ପାଇଁ ଚେଷ୍ଟା କରୁଛନ୍ତି । କିନ୍ତୁ ସ୍ଥାନୀୟ କୋରାପୁଟ ଜିଲ୍ଲା ପ୍ରଶାସନ ଓ ପଟାଙ୍ଗୀ ବ୍ଲକ ପ୍ରଶାସନ ଏ ଦିଗରେ ନିରବ । ରାଜ୍ୟ ସରକାର ମଧ ଉଭୟ ରାଜ୍ୟର ମୁଖ୍ୟସଚିବଙ୍କୁ ନେଇ କୋଟିଆ ସମସ୍ୟାର ସମାଧାନ ପାଇଁ ଯେଉଁ ଉଚ୍ଚସ୍ତରୀୟ ବୈଠକ କରିବା କଥା, ତାହା ଏପର୍ଯ୍ୟନ୍ତ କରିନାହାଁନ୍ତି । ତେଣୁ ଆଗାମୀ ନିର୍ବାଚନରେ ଓଡ଼ିଶାର ସୀମା ସୁରକ୍ଷା ଉପରେ ଆନ୍ଧ୍ରର ହସ୍ତକ୍ଷେପକୁ ବନ୍ଦ କରିବା ପାଇଁ ସମାଜବାଦୀ ପାର୍ଟି ଦାବି କରିଛି । ତୁରନ୍ତ ଦୁଇ ରାଜ୍ୟର ମୁଖ୍ୟ ସଚିବସ୍ତରୀୟ ବୈଠକ କରି ଏହି ମାମଲାରେ ଓଡ଼ିଶାର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଆଜି ଏକ ପତ୍ର ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି ।

ଆନ୍ଧ୍ର ସରକାର ବହୁଳ ଭାବରେ କୋଟିଆବାସିଙ୍କୁ ଭୋଟ୍ ଦାନ କରି ସୁପ୍ରିମକୋର୍ଟଙ୍କ ସମ୍ମୁଖରେ ନିଜର ମାଲିକାନାକୁ ଜାହିର କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର କରିବାକୁ ଉଦ୍ୟମ କରୁଛନ୍ତି, ତାହାକୁ ଓଡ଼ିଶା ସରକାର ଉଚିତ୍ ଜବାବ ଦେବାକୁ ଶ୍ରୀ ବେହେରା ନିବେଦନ କରିଛନ୍ତି ।

# ବୋମା ମାଡ ଘଟଣା, ଅଭିଯୁକ୍ତ ଗିରଫ

ସମ୍ବଲପୁର, ୨୯/୩ (ନି.ପ୍ର): ସମ୍ବଲପୁର ସହର ପୀରବାବା ଛକରେ ବୋମା ମାଡ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ଆଇଟି ଛାତ୍ର ବୋଲି ଜଣାପଡିଛି । ତାଙ୍କ ନିକଟରୁ ଏକ ସ୍କୁଟି, ସାଇକଲ, ଦାମୀ ମୋବାଇଲ, ଟି-ସାର୍ଟ, ବୋମା ତିଆରି ସାମଗ୍ରୀ, ଛୁରୀ ଓ ଇଲେକ୍ଟ୍ରି ମିଟର ଆଦି ଜବତ ହୋଇଛି । ଏନେଇ ଟାଉନ ଥାନା ପୋଲିସ ୧୨୦/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବଡବଜାର ସୁନାରୀପଡାର ଅଭିଳାଶ ମିଶ୍ର(୧୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ସୁଶୀଲ ପାଇକ ନାମକ ଜଣେ ଯୁବକଙ୍କ ସହ ଅଭିଯୁକ୍ତଙ୍କ ବାପା ଦିଲ୍ଲୀପ ମିଶ୍ରଙ୍କ ଗଣ୍ଡଗୋଳ ହୋଇଥିଲା । ଏହାକୁ ନେଇ ଅଭିଳାଶ ପ୍ରତିଷୋଧ ପରାୟଣ ହୋଇଥିଲେ । ଯୋଜନାବଦ୍ଧ ଭାବେ ବୋମା ତିଆରି କରି ହୋଲି ଦିନ ରାତିରେ ପୀରବାବା ଛକ ନିକଟରେ ବୋମା ମାଡ କରିଥିଲେ । ଏଥିରେ ୩ଜଣ ଆହତ ହୋଇଥିବା ବେଳେ ବୁଲେଟ୍ ଓ ଏକ ରିକ୍ସା ପୋଡି ନଷ୍ଟ ହୋଇଥିଲା । ଏହା ଜଣାପଡିବା ପରେ ଅ ଳରେ ଉଦେ ଜନା ପ୍ରକାଶ ପାଇଥିଲା । ଘଟଣାସ୍ଥଳରେ ଉ ରା ଳ ଆଇଜି ହିମାଂଶୁ ଲାଲ, ଆରଡିସି ଶ୍ରୀକାନ୍ତ ପୃଷ୍ଟି, ଜିଲ୍ଲାପାଳ ଅକ୍ଷୟସୁନୀଲ ଅଗ୍ରୱାଲ ଓ ଏସ୍‌ପି ମୁକେଶ ଭାମୁ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ଏହି ଘଟଣା ପରେ ପୋଲିସ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ସହ ସାଇଂଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା । ଏଥିସହ ସିସିଟିଭି ଫୁଟେଜ ଯା , ସ୍ଥାନୀୟ ସୂଚନାକାରୀଙ୍କ ଆଧାର ସହ ସାମାଜିକ ଗଣମାଧ୍ୟମକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଥିଲା । ତେବେ ବୋମା ଉପରେ ସମ୍ବଲପୁର ମାଫିଆ ଗ୍ୟାଙ୍ଗ ଲେଖାଥିବା ଜଣାପଡିବାରୁ ପୋଲିସ ଏହାକୁ ଆଧାର କରି ତଦନ୍ତ ଚଳାଇଥିଲା ।

# ନିର୍ବାଚନ ଉପଲକ୍ଷେ ଗଠନ ହୋଇଛି ଏମସିଏମସି ସେଲ୍

ବଲାଙ୍ଗିର, ୨୯/୩ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ପାଇଁ ଭାରତୀୟ ନିର୍ବାଚନ କମିଶନ ନିର୍ବାଚନ ଘୋଷଣା କରିଛନ୍ତି । ଫଳରେ ଆଦର୍ଶ ଆଚରଣ ବିଧି ମଧ ଲାଗୁ ହୋଇଛି । ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲାସ୍ତରରେ ମିଡ଼ିଆ ସାର୍ଟିଫିକେସନ ଓ ମଣିଟରିଂ ସେଲ(ଏମସିଏମସି) ଗଠନ କରାଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏମସିଏମସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ କାର୍ଯ୍ୟ କରୁଛି ।

ଏହି ସେଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଲା ରାଜନୈତିକ ବିଜ୍ଞାପନର ପ୍ରାକ ସାର୍ଟିଫିକେସନ, ଦେୟ ପ୍ରଦାନ କରାଯାଇଥିବା ଖବର (ପେଡ ନ୍ୟୁଜ) ତଦାରଖ ଓ କାର୍ଯ୍ୟାନୁଷ୍ଠାନ ଏବଂ ନିର୍ବାଚନ ପ୍ରକ୍ରିୟା ସମୟରେ ଗଣମାଧମ ଦ୍ୱାରା ହେଉଥିବା ଉଲଙ୍ଘନ ଉପରେ ନଜର ରଖିବା ସହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ କରିବ । ଯେ କୌଣସି ପଞ୍ଜୀକୃତ ରାଜନୈତିକ ଦଳ / ଗୋଷ୍ଠି / ସଂଗଠନ / ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସାମାଜିକ ଗଣମାଧମ ସମେତ ବୈଦ୍ୟୁତିକ ଗଣମାଧମ ରେ ବିଜ୍ଞାପନକୁ ପ୍ରସାରଣ କରିବା ପୂର୍ବରୁ ଏହି କମିଟିର ମଞ୍ଜୁରୀ ଆବଶ୍ୟକ । ପ୍ରାର୍ଥୀ ମାନଙ୍କର ପ୍ରାକ ସାର୍ଟିଫିକେସନ ଆବେଦନକୁ ଜିଲ୍ଲା ସ୍ତରୀୟ ଏମସିଏମସି କମିଟି ଗ୍ରହଣ କରୁଥିବା ବେଳେ ପଞ୍ଜୀକୃତ ରାଜନୈତିକ ଦଳ ଗୁଡିକର ଆବେଦନ ରାଜ୍ୟ ସ୍ତରୀୟ ଏମସିଏମସି କମିଟି ଗ୍ରହଣ କରିବ । ପ୍ରତ୍ୟେକ ପଞ୍ଜୀକୃତ ଦଳ କିମ୍ବା ପାର୍ଥୀ ବିଜ୍ଞାପନ ପ୍ରସାରଣ ପାଇଁ ନିର୍ଦ୍ଧାରିତ ୩ ଦିନ ରୁ ଅଧିକ ସମୟ ପୂର୍ବରୁ ଆବେଦନ କରିବାକୁ ପଡିବ । ଅଣପଞ୍ଜୀକୃତ ମାନଙ୍କ ପାଇଁ ଏହା ୭ ଦିନ ରୁ ଅଧିକ ଦିନ ପୂର୍ବରୁ ଆବେଦନ କରିବାକୁ ଆବଶ୍ୟକ । ବିଜ୍ଞାପନର ପ୍ରାକ ସାର୍ଟିଫିକେସନ ପାଇଁ ୨ଟି ନକଲ ବୈଦ୍ୟୁତିକ ଆକାରରେ ଏବଂ ଉପଯୁକ୍ତ ଅଟେସଟେଡ ଟ୍ରାନସ୍କ୍ରିପ୍ଟ , ଉତ୍ପାଦନ ଖର୍ଚ୍ଚ , ଟିଭି କିମ୍ବା କେବୁଲ ନେଟୱାର୍କରେ ପ୍ରସାରଣର ଆନୁମାନିକ ମୂଲ୍ୟ ଏବଂ କେତେଥର ପ୍ରସାରଣ ହେବ ତାହାର ତାଲିକା ଦେବାକୁ ପଡିବ । ଯଦି କୌଣସି ରାଜନୈତିକ ଦଳ କିମ୍ବା ପାର୍ଥୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଜ୍ଞାପନ ଜାରି କରନ୍ତି ତେବେ ସେହି ବ୍ୟକ୍ତି ଶପଥରେ କହିବେ ଯେ, ଏହା କୌଣସି ଦଳ କିମ୍ବା ପାର୍ଥୀ ଙ୍କ ହିତ ପାଇଁ ନୁହେଁ ଏବଂ ସେମାନଙ୍କ ଦ୍ୱାରା ପ୍ରାୟୋଜିତ କିମ୍ବା କାର୍ଯ୍ୟକ୍ଷମ କିମ୍ବା ପ୍ରଦାନ କରାଯାଇନାହିଁ । ସମସ୍ତ ଦେୟ ଚେକ କିମ୍ବା ଡ୍ରାଫଟ ମାଧ୍ୟମରେ ହେବ ବୋଲି ଏକ ବିବୃତି କିମ୍ବା ଘୋଷଣା ନାମା ଦେବେ । ଲୋକସଭା ପାର୍ଥୀ ଙ୍କ ଖର୍ଚ୍ଚ ୯୫ ଲକ୍ଷ ହୋଇଥିବା ବେଳେ ବିଧାନସଭା ପାଇଁ ପାର୍ଥୀ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ଜନପ୍ରତିନିଧି ଆଇନ ୧୯୫୧ ଧାରା ୭୭(୧)ଅନୁସାରେ, ପ୍ରତ୍ୟେକ ପାର୍ଥୀ ନାମାଙ୍କନ ଦାଖଲ କରିଥିବା ତାରିଖ ଠାରୁ ନିର୍ବାଚନ ଫଳାଫଳ ଯାଏଁ ତାଙ୍କ ଦ୍ୱାରା କିମ୍ବା ତାଙ୍କ ଦ୍ୱାରା ନିର୍ବାଚିତ ଏଜେଂଟ ଦ୍ୱାରା ହୋଇଥିବା ଖର୍ଚ୍ଚର ହିସାବ ରଖିବା ଆବଶ୍ୟକ । ରାଜନୈତିକ ଦଳ ଗୁଡିକ ମଧ ନିଜର ନିର୍ବାଚନ ଖର୍ଚ୍ଚ ର ତାଲିକା ନିର୍ବାଚନ ଆୟୁକ୍ତଙ୍କ ନିକଟରେ ଦାଖଲ କରିବେ । ରାଜନୈତିକ ଦଳ ଗୁଡିକ ବିଧାନ ସଭା ପାଇଁ ୭୫ ଦିନ ଏବଂ ଲୋକ ସଭା ପାଇଁ ୯୦ ଦିନ ମଧରେ ଖର୍ଚ୍ଚ ବିବରଣୀ ପ୍ରଦାନ କରିବେ । ମୁଦ୍ରିତ ଗଣମାଧମ ରେ ଯଦି କୌଣସି ବିଜ୍ଞାପନ ପାର୍ଥୀଙ୍କ ଅସହମତିରେ ପ୍ରକାଶିତ ହୋଇଥାଏ ତେବେ ଆଇପିସି ଧାରା ୧୭୧ (ଏଚ) ଉଲଂଘନ ପାଇଁ ପ୍ରକାଶକ ଙ୍କ ବିରୋଧ ରେ କାର୍ଯ୍ୟାନୁଷ୍ଠାନଗ୍ରହଣ କରାଯିବ । ସେହିପରି ଆରପି ଆକ୍ଟ ୧୯୫୧ ଧାରା ୧୨୭ (ଏ )ଅନୁସାରେ ସମସ୍ତ ନିର୍ବାଚନୀ ପାମ୍ପଲେଟ , ପୋଷ୍ଟର, ବ୍ୟାଙ୍କ ବିଲ ଓ ଅନ୍ୟାନ୍ୟ ପ୍ରଚାର ପତ୍ରରେ ପ୍ରକାଶକ ଓ ମୁଦ୍ରାକର ଙ୍କ ନାମ , ଠିକଣା ଓ ମୁଦ୍ରିତ କପି ର ସଂଖ୍ୟା ସମ୍ମୁଖ ଭାଗରେ ସ୍ଥାନ ପାଇବା ବାଧ୍ୟତା ମୂଳକ । ନାମାଙ୍କନ ପତ୍ରରେ ପ୍ରାର୍ଥୀ ସେମାନଙ୍କ ସୋସିଆଲ ମିଡିଆ ଆକାଉଂଟ ସମ୍ପର୍କରେ ମଧ ଲେଖିବା ଆବଶ୍ୟକ ।

# ରତ୍ନ ଭଣ୍ଡାର ଯାଂଚ କମିଟି ଅଧକ୍ଷ ପ୍ରାକ୍ତନ ବିଚାରପତି ଅରଜିତ ପଶାୟତଙ୍କ ଇସ୍ତଫା ଦାବି

ପୁରୀ, ୨୯/୩ (ନି.ପ୍ର): ଶ୍ରୀଜଗନ୍ନାଥ ମନ୍ଦିର ଓଡିଶା ଭାରତ ତଥା ବିଶ୍ୱର ସାଂସ୍କୃତିକ ଓ ଆଧାତ୍ମିକ ପ୍ରାଣ କେନ୍ଦ୍ର । ବିଗତ କିଛି ବର୍ଷ ହେବ ରତ୍ନ ଭଣ୍ଡାର ପ୍ରସଙ୍ଗ ଓଡିଶା ତଥା ଭାରତ ଓ କୋଟି କୋଟି ହିନ୍ଦୁମାନଙ୍କ ପ୍ରାଣରେ ଗଭୀର ଆଘାତ ଦେବା ସହ ରାଜ୍ୟ ସରକାରଙ୍କ ଉଦାସୀନତା ସର୍ବସାଧାରଣଙ୍କ ମନରେସ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ରତ୍ନଭଣ୍ଡାର ଚାବି ହଜିବା ହେଉ, ରତ୍ନ ଭଣ୍ଡାର ମରାମତି ହେଉ, ରତ୍ନ ଭଣ୍ଡାର ରତ୍ନ ଗଣନା ବିଷୟ ହେଉ ଯେଉଁଭଳି ଭାବରେ ସରକାର ଟାଳଟୁଳ ନୀତି ଆପଣାଇଛନ୍ତି ତାହା ପରିତାପର ବିଷୟ । ଚାରିଆଡୁ ବିରୋଧ ପରେ ସରକାର ଯତ୍‌ପରନାସ୍ତି ନ୍ୟାୟରେ ଏକ କମିଟି ଗଠନ କରିଛନ୍ତି । ଅବସରପ୍ରାପ୍ତ ବିଚାରପତି ଅରଜିତ ପଶାୟତ ଉକ୍ତ କମିଟିର ଅଧକ୍ଷ ଭାବେ ସ୍ଥାନିତ ହୋଇଛନ୍ତି । ଏହି କମିଟି ମାଧମରେ ସରକାର ବିରୋଧ ସ୍ୱରକୁ ପ୍ରଶମିତ କରିବାକୁ ଚେଷ୍ଟା କରୁଛନ୍ତି । ବାସ୍ତବ କ୍ଷେତ୍ରରେ ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ସମାଧାନ କରିବା ନିମନ୍ତେ ସେତେଟା ଗୁରୁତ୍ୱ ନଦେବା ମନେ ହେଉଛି । ଅତୀତରେ ରାଜ୍ୟ ସରକାର ଶ୍ରୀମନ୍ଦିର ସମ୍ବନ୍ଧିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ତଦନ୍ତ କମିଶନ ଗଠନ କରି ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରିପୋର୍ଟ ପ୍ରସ୍ତୁତ ହୋଇଛି କିନ୍ତୁ ଏହା ସାର୍ବଜନୀନ କରାଯାଉନାହିଁ । ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ସେ ସମୟରେ ପ୍ରାକ୍ତନ ବିଚାରପତି ରଘୁବର ଦାସଙ୍କୁ ନେଇ କମିଟି ଗଠନ କରାଯାଇଥିଲା । ତାହା ଏବେ ଶୀତଳ ଭଣ୍ଡାରରେ । ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଠାରୁ ଆରମ୍ଭ କରି ରାଜ୍ୟର ସର୍ବବୃହତ ସ୍କାମ ଚିଟଫଣ୍ଡ ପ୍ରଭୃତି ରିପୋର୍ଟ ଶୀତଳ ଭଣ୍ଡାରରେ ପଡ଼ିରହିଛି । ସରକାର ଏକ ସାଧାରଣ ପ୍ରକ୍ରିୟାର ବ୍ୟବସ୍ଥାକୁ ପାଥେୟ କରି ଜନସାଧାରଣଙ୍କୁ ଭୁଆଁ ବୁଲାଇବାକୁ ପ୍ରୟାସ କରୁଛନ୍ତି । ସୁତରାଂ ଅନ୍ୟ ସବୁ ପ୍ରସଙ୍ଗ ପରି ରତ୍ନଭଣ୍ଡାର ସମ୍ପର୍କିତ ଯାଂଚ କମିଟି ଗଠନ କରି ରାଜସ୍ୱ ଅପଚୟ କରିବାର ମସୁଧାକୁ ଆଜି ଅଟଳ ବିଚାର ମଂଚ ପୁରୀର ଆବାହକ ବିନୟ ନୃସିଂହ ମହାପାତ୍ରଙ୍କ ଅଧକ୍ଷତାରେ ଏକ କମିଟି ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ଉନ୍ନୟନ ପ୍ରଶାସକ ପ୍ରଦୀପ ସାହୁଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ଉଲ୍ଲେଖ ରହିଛି ରତ୍ନଭଣ୍ଡାର ଯାଂଚ କମିଟି ଅଧକ୍ଷ ପ୍ରାକ୍ତନ ବିଚାରପତି ଅରଜିତ ପସାୟତଙ୍କ ଇସ୍ତଫା ଦାବି କରିଛନ୍ତି । ରାଜ୍ୟସରକାର ଯଦି ବାସ୍ତବରେ ରତ୍ନଭଣ୍ଡାର ପ୍ରସଙ୍ଗ ପରି ଗୁରୁତ୍ୱପୂର୍ଣ୍ଣ ବିଷୟର ସମାଧାନ ପାଇଁ ଆଗ୍ରହୀ ତେବେ ଜଣେ ସିଟିଂ ଜଜଙ୍କ ଦ୍ୱାରା କମିଟି ଗଠନ କରାଗଲେ ନିଶ୍ଚିତ ଭାବେ ଏହାର ସୁଫଳ ମିଳିବା ସହିତ ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ନଷ୍ଟ ହେବନାହିଁ। ଉକ୍ତ ପ୍ରତିନିଧି ମଣ୍ଡଳରେ ବିଷ୍ଣୁପ୍ରସାଦ ଦାସ, ବିଶ୍ୱନାଥ ପଣ୍ଡା, ମାନସ ଲେଙ୍କା, ପ୍ରଶାନ୍ତ ଭୂୟାଁ, ଉପେନ୍ଦ୍ର ବିଶୋଇ, ଲୋକନୀ ସାହୁ, ମମତା ଦାସ, ଲକ୍ଷ୍ମୀପ୍ରିୟା ସାହୁ, ବିଚିତ୍ର ରଞ୍ଜନ ସାହୁ, ରମେଶ ମହାରଣା, ତରୁଣାଆଦିତ୍ୟ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ବିଭୂଦତ ଦାସ ଓ ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାଁ ମୁଖିଆ ନାଇଡୁଙ୍କୁ ହତ୍ୟା ଉଦ୍ୟମ ଘଟଣା: ଫେରାର୍ ଥିବା ଦୁଇ ଅଭିଯୁକ୍ତ ଗିରଫ

ଗଞ୍ଜାମ, ୨୯/୩ (ନି.ପ୍ର): ଗାଁ ମୁଖିଆ ନାଇଡୁଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ଫେରାର୍ ଥିବା ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଗୋଳନ୍ଥରା ପୋଲିସ। ଅଭିଯୁକ୍ତ ମାନେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ପାନାପଲ୍ଲୀର ପି. ନୀଳାମ୍ବର ରେଡ୍ଡୀ (୩୨) ଓ ରମ୍ଭା ଥାନା କାର୍ତିକଡି ଗ୍ରାମର ଆର. ବିନୋଦ ରେଡ୍ଡୀ । କେସ୍ ନଂ ୧୦୩/୨୪ ରେ ମାମଲା ରୁଜୁ ସହ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଏହି ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡଃ. ସର୍ବଣା ବିବେକ ଏମ । ସୂଚନା ଅନୁସାରେ, ଗତ ୧୦ ତାରିଖରେ ପାନାପଲ୍ଲୀ ଗ୍ରାମର ନାଇଡୁ ତଥା ମୁଖିଆ ଟି. ଜଗନ୍ନାଥ ରେଡ୍ଡୀ ତୁଲୁ ଗ୍ରାମରୁ ନିଜ ଘରକୁ ଫେରୁଥିଲେ । ଏହି ସମୟରେ ରାସ୍ତାରେ ନିଳାମ୍ବର ଓ ବିନୋଦ ତାଙ୍କୁ ଅଟକାଇଥିଲେ । ପୂର୍ବ ଶତ୍ରୁତାକୁ ନେଇ ସେମାନେ ଜଗନ୍ନାଥଙ୍କ ସହିତ ଗଣ୍ଡଗୋଳ କରିଥିଲେ । ପରେ ହାତୁଡ଼ି, ଲୁହାରଡ଼ରେ ତାଙ୍କୁ ଆକ୍ରମଣ କରିଥିଲେ । ଫଳରେ ଜଗନ୍ନାଥ ଗୁରୁତର ହୋଇପଡିଥିଲେ । ଘଟଣା ପରେ ଉଭୟ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲେ ।

# ସେଂଚୁରିଅନ ମାର୍କେଟର ପ୍ରଦର୍ଶନୀ ଉତ୍ସବ ଉଦ୍‌ଯାପିତ

ବଲାଙ୍ଗୀର, ୨୯/୩ (ନି.ପ୍ର): ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱରେ ବଜାର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜାଗତୀକରଣ ଓ ଉଦାରୀକରଣ ଯୋଗୁଁ ବିଶ୍ୱର ସମସ୍ତ ଦେଶରେ ବଜାରର ଚାହିଦା ବଢିବାରେ ଲାଗିଛି। ଏପରି ସ୍ଥିତିରେ ବଜାର ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଓ ଛାତ୍ର, ଛାତ୍ରୀଙ୍କୁ 'ଲାଇଫ ସ୍କିଲ' ସମ୍ବନ୍ଧରେ ଅବଗତ କରାଇବା ପାଇଁ ସେଂଚୁରିଅନ ବିଦ୍ୟାଳୟର କର୍ତୃପକ୍ଷ ଆଜି ବିଦ୍ୟାଳୟ ପରିସରରେ ପ୍ରତୀକାତ୍ମକ 'ସେଂଚୁରିଅନ ମାର୍କେଟ'ର ପରିକଳ୍ପନା କରିଥିଲେ ଯାହା ପ୍ରଥମ ଶ୍ରେଣୀରୁ ପଂଚମ ଶ୍ରେଣୀର ଛାତ୍ର, ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଉତ୍ସବଟିକୁ ଅନୁଷ୍ଠାନର ଆଂଚଳିକ ନିର୍ଦ୍ଦେଶକ ଡ଼. ପ୍ରଦୀପ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବଟି ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଛାତ୍ର, ଛାତ୍ରୀମାନେ ପନିପରିବା, କଣ୍ଢେଇ, ଫଳ, ତେଜରାତି ସାମଗ୍ରୀ, କସ୍‌ମେଟିକ୍ ଓ ଷ୍ଟେସନାରୀ ସାମଗ୍ରୀ ପ୍ରଦର୍ଶିତ କରିଥିଲେ। ଯାହାକୁ ବିକ୍ରୟ ମଧ କରିଥିଲେ। ଏହା ଛାତ୍ର, ଛାତ୍ରୀଙ୍କ କ୍ରୟ, ବିକ୍ରୟ କରିବାର କ୍ଷମତାକୁ ବଢ଼ାଇବାରେ ସହାୟକ ହେବ। ଉତ୍ସବରେ ଅନୁଷ୍ଠାନର ଅଧକ୍ଷ ତମାଳ ଚକ୍ରବର୍ତୀ, ଉପାଧକ୍ଷା ଡ଼. ପୂଣ୍ୟତୋୟା ବିଶ୍ୱାଳ ପ୍ରଥମ ଶ୍ରେଣୀରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀ ଶିକ୍ଷୟତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମଟିର ସଫଳ ପରିଚାଳନାରେ ସହଯୋଗ କରିଥଲେ। ଅନୁଷ୍ଠାନର ଏଭଳି ଅଭିନବ ପ୍ରୟାସ ଅଭିଭାବକ ଓ ଅଭିଭାବିକାଙ୍କ ମହଲରେ ଉଚ୍ଚ ପ୍ରଶଂସିତ ଓ ଆଦୃତ ହୋଇପାରିଛି। ଏହି କାର୍ଯ୍ୟକ୍ରମଟି ଯୁଗୋପଯୋଗୀ ପ୍ରମାଣିତ ହୋଇପାରିଛି ଓ ଏଥିପାଇଁ ସହରର ସବୁ ମହଲରୁ ଅନୁଷ୍ଠାନକୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

# ପାଇପ୍ ଯୋଗେ ବିଶୁଦ୍ଧ ପିଇବା ପାଣି ଯୋଗାଇବାରେ ଓଡିଶା ପଛୁଆ, ଓଡିଶାରେ ପ୍ରଚାର ବେଶୀ କାମ କମ୍ : ହେମନ୍ତ ପଣ୍ଡା

ବଲାଙ୍ଗିର, ୨୯/୩ (ନି.ପ୍ର): ଶୁଦ୍ଧ ପିଇବା ପାଣି ଜନସାଧାରଣଙ୍କ ମୌଳିକ ଅଧିକାର । ତେଣୁ ସମସ୍ତଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ । ଗ୍ରାମାଂଚଳର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ଗତ ୨୦୧୯ ମସିହାରେ ରାଜ୍ୟମାନଙ୍କ ସହଯୋଗିତାରେ ହର୍ ଘର୍ ଜଲ୍ ଯୋଜନା ଆରମ୍ଭ କରିଥିଲେ । ସମସ୍ତଙ୍କ ଘରକୁ ପାଇପ୍ ସଂଯୋଗୀକରଣ କରାଯାଇ ୨୦୨୪ ମସିହ ସୁଦ୍ଧା ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଥିଲେ । ଦେଶର ସମସ୍ତ ୩୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୧୯ କୋଟି ୨୮ ଲକ୍ଷ ବାସଗୃହ ମଧ୍ୟରୁ ୧୪ କୋଟି ୪୭ ଲକ୍ଷ ବାସଗୃହକୁ ପାଇପ୍ ଜଳ ସଂଯୋଗୀ କରଣ କରାଯାଇଥିବା ତଥ୍ୟ ଭାରତ ସରକାରଙ୍କ ପାନୀୟ ଜଳ ଓ ସ୍ୱଚ୍ଛତା ବିଭାଗର ଜନ ସୂଚନା ଅଧିକାରୀ ଅଭିନାଶ କୁମାର ସିହ୍ନା ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଅନ୍‌ଲାଇନ୍‌ରେ ପ୍ରଦାନ କରିଛନ୍ତି । ଏହା ଦେଶର ୭୫.୦୭ ପ୍ରତିଶତ ବାସଗୃହ ଅଟେ । କିନ୍ତୁ, ଓଡିଶାର ସ୍ଥିତି ଏହି କ୍ଷେତ୍ରରେ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । ଜାତୀୟ ହାର ଠାରୁ ଓଡିଶା ତଳେ ରହିଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡିଛି ବୋଲି ଶ୍ରୀ ପଣ୍ଡା କହିବା ସଂଗେ ସଂଗେ ଦେଶର ସମୁଦାୟ ୩୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ରାଜ୍ୟମାନଙ୍କ ମଧ୍ୟରେ ଓଡିଶାର ସ୍ଥାନ ୨୯ ନମ୍ବରରେ ରହିଛି ବୋଲି ସେ କହିଛନ୍ତି । ଅର୍ଥାତ ତଳପଟୁ ଓଡିଶାର ସ୍ଥାନ ୬ ନମ୍ବରରେ ରହିଥିବା ତଥ୍ୟରୁ ଜଣାପଡିଛି । ପାଇପ୍ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦେବା କ୍ଷେତ୍ରରେ ୧୦୦ ପ୍ରତିଶତ ସଫଳତା ଅର୍ଜନ କରିଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳମାନଙ୍କ ମଧ୍ୟରେ ଗୋଆ, ଗୁଜୁରାଟ, ତେଲେଙ୍ଗାନା, ହରିଆନା, ପଞ୍ଜାବ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ, ମିଜୋରମ, ପୁଡୁଚେରି ଇତ୍ୟାଦି ୧୧ଟି ରଜ୍ୟ ରହିଥିବା ବେଳେ ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ୭୫ ପ୍ରତିଶତରୁ ଅଧିକ ସଫଳତା ହାସଲ କରିଛନ୍ତି । କିନ୍ତୁ ଓଡିଶା ଏପର୍ଯ୍ୟନ୍ତ ମାତ୍ର ୭୨.୭୯ ପ୍ରତିଶତ ଲକ୍ଷ୍ୟ ହାସଲ କରି ପାରିଛି ବୋଲି କେନ୍ଦ୍ର ସରକାରଙ୍କ ତଥ୍ୟକୁ ଆଧାର କରି ସୂଚନା କର୍ମୀ ଶ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି । ପିଇବା ପାଣି ରାଜ୍ୟର ବିଷୟବସ୍ତୁ ହୋଇଥିବା ବେଳେ ଏହାର କାର୍ଯ୍ୟକାରିତା ଓ ପରିଚାଳନା ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଅଧିନରେ କରାଯାଏ ବୋଲି ଭାରତ ସରକରଙ୍କ ତଥ୍ୟରେ କୁହାଯାଇଛି । ସୂଚନା କର୍ମୀ ଶ୍ରୀ ପଣ୍ଡା କହିଛନ୍ତି ଯେ, ଓଡିଶାର ପୁରପଲ୍ଲୀରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ହୋର୍ଡିଂ ଲଗାଇ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ସ୍ୱପ୍ନ ହୋଇଛି ସାକାର ସବୁ ଘରେ ସମସ୍ତଙ୍କ ପାଇଁ ବୋଲି ପ୍ରଚାର କରିଛନ୍ତି । ଏହା କେବଳ ପ୍ରଚାର କରାଯାଇଛି କିନ୍ତୁ, ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ବିଶୁଦ୍ଧ ପିଇବା ପାଣିକୁ ନେଇ ସମସ୍ତ ଓଡିଶାବାସୀଙ୍କ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଛି । ଓଡିଶାର ଅନେକ ଗ୍ରାମାଂଚଳର ଲୋକେ ବର୍ତମାନ ମଧ ପିଇବା ପାଣି ପାଇଁ ଦୂରଦୂରାନ୍ତକୁ ଯାଉଥିବା କଥା ପ୍ରତ୍ୟହ ଗଣମାଧ୍ୟମରେ ପ୍ରକାଶିତ ହେଉଛି ବୋଲି ଶ୍ରୀ ପଣ୍ଡା କହିବା ସହ ସୂଚନା ଅଧିକାର ବଳରେ ବିଶୁଦ୍ଧ ପିଇବା ପାଣି ସମ୍ବନ୍ଧୀୟ ମିଳିଥିବା ଏହି ତଥ୍ୟ ସରକାରଙ୍କ ପ୍ରଚାର ବେଶୀ, କାମ କମ୍ ଆଚରଣକୁ ଦର୍ଶାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି । ରାଜ୍ୟରେ ବିଦ୍ୟାଳୟ ଗୁଡିକର ରୂପାନ୍ତରୀକରଣ କରାଯାଇଥିଲେ ମଧ ପାଇପ୍ ଯୋଗେ ବିଦ୍ୟାଳୟମାନଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବାରେ ଓଡିଶା ସମଗ୍ର ଦେଶର ଏକ ଅନ୍ୟତମ ପଛୁଆ ରାଜ୍ୟ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

# ମଦ ବିକ୍ରି ବନ୍ଦ ପାଇଁ ଅଂଟା ଭିଡ଼ିଲେ ମହିଳା

ଜୟପୁର , ୨୮ ମାର୍ଚ୍ଚ (ହି.ସ.) ଗାଁ ରେ ଶାନ୍ତି ରକ୍ଷା କରିବା ଏବଂ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଅଂଟା ବିଭିଡ଼ିଛନ୍ତି ଗ୍ରାମର ମହିଳା ଏବଂ ପୁରୁଷ। ଗାଁ କୁ ପ୍ରଥମେ ନିଶା ମୁକ୍ତ କରିବା ପାଇଁ ଅଭିନବ ପ୍ରୟାସ କରିଛନ୍ତି ଗ୍ରାମବାସୀ। ଶହ ଶହ ମହିଳା ଓ ପୁରୁଷ ଗାଁ ରେ ମଦ ବିକ୍ରି ବନ୍ଦ ପାଇଁ ନିଷ୍ପତି ନେଇଛନ୍ତି।ଏହି ବାର୍ତ୍ତା କୁ ଘରେ ଘରେ ପହଞ୍ଚେଇବା ପାଇଁ ଏକ ରାଲି କରାଯାଇଛି। ସମସ୍ତ ଙ୍କ ଏକ ମାତ୍ର ନାରା ମଦ ବିକ୍ରି ବନ୍ଦ ହେଉ ଗାଁ ନିଶାମୁକ୍ତ ହେଉ। ଏଭଳି ପ୍ରୟାସ ଆରମ୍ଭ କରିଛନ୍ତି ବୋରିଗୁମ୍ମା ବ୍ଲକ ହର୍ଦ୍ଧଲି ଗ୍ରାମବାସୀ।ଗାଁରେ ୨୦ରୁ ଉର୍ଦ୍ଧ ସ୍ଥାନରେ ମଦ ବିକ୍ରି ହେଉଥିଲା । ମଦ ପାନ ରୁ ୨୦ରୁ ୩୦ଜଣଙ୍କ ଜୀବନ ଯାଇଛି ।ପରିବାର ରେ ଗଣ୍ଡଗୋଳ ହେଉଛି ,ମାର ପିଟି ଏବଂ ଚୋରି ହାରି ବଢୁଛି ଏଣୁ ଗ୍ରାମବାସୀ ଏଭଳି ନିଷ୍ପତ୍ତି ନେଇଛନ୍ତି।ସରପଞ୍ଚ ଭାମ ଭାତଭଇ ଙ୍କ ନେତୃତ୍ୱ ରେ ଅଭି ଅଭିଯାନ ଆରମ୍ଭ ହୋଇଛି।

# ୩ ବର୍ଷ ପରେ ବି ଅଙ୍ଗ ନଦୀ ସେତୁ ଅସମ୍ପୂର୍ଣ୍ଣ: ଭୋଟ ବର୍ଜନ ଚେତାବନୀ

ବଲାଙ୍ଗିର, ୨୯/୩ (ନି.ପ୍ର): ଆଗଲପୁର ବ୍ଲକ୍ ଅନ୍ତର୍ଗତ କୁଟାସିଂହା ପଂଚାୟତ। ବଲାଙ୍ଗୀର ଜିଲ୍ଲାର ସୀମାନ୍ତ ତଥା ଅବହେଳିତ ଅଂଚଳ। କୁଟାସିଂହା ଓ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତକପଶିର ମଧରେ ଅଙ୍ଗନଦୀ ପ୍ରବାହିତ। ଏହି ନଦୀରେ ଉଚ୍ଚ ସ୍ତରୀୟ ସେତୁ ନିର୍ମାଣ ପାଇଁ ଗତ ୨୦୧୯ ମାର୍ଚ୍ଚ ୭ ତାରିଖରେ ତତ୍କାଳୀନ ସାଂସଦ କଳିକେଶ ସିଂଦେଓ ଓ ପୂର୍ବତନ ବିଧାୟକ ଯୋଗେନ୍ଦ୍ର ବେହେରା ଭିତିପ୍ରସ୍ତର ଦେଇଥିଲେ। ୩୫ କୋଟି ୯୩ ଲକ୍ଷ ୯୭ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପୂର୍ତ ବିଭାଗ ପକ୍ଷରୁ ଆଶୀର୍ବାଦ କଂସ୍ତ୍ରକସନ ନାମକ ନିର୍ମାଣକାରୀ ସଂସ୍ଥାକୁ ଚୟନ କରାଯାଇଥିଲା। ୨୦୨୧ ରେ ସେତୁ ନିର୍ମାଣ କାର୍ଯ ଆରମ୍ଭ ହୋଇଥିଲା। ମାତ୍ର ନିର୍ମାଣ କାର୍ଯ ଆରମ୍ଭ ର ୩ ବର୍ଷ ପରେ ବି ଅଙ୍ଗ ନଦୀର ସେତୁ ସମ୍ପୂର୍ଣ୍ଣ ହୋଇପାରିନାହିଁ।

# ମାଲକାନଗିରି ବିଧାନସଭା କ୍ଷେତ୍ର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ମାନସ ମାଡକାମିଙ୍କୁ ବିପୁଳ ସମ୍ବର୍ଦ୍ଧନା

ମାଲକାନଗିରି, ୨୯/୩ (ନି.ପ୍ର): ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜୁ ଜନତା ଦଳର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ମାଲକାନଗିରି ବିଧାନସଭା କ୍ଷେତ୍ର ପାଇଁ ମାନସ ମାଡକାମୀଙ୍କୁ ବିଧାନସଭା ପ୍ରାର୍ଥୀ ଭାବେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନାମ ଘୋଷଣା କରିବା ପରେ ମାଲକାନଗିରି ଜିଲ୍ଲାରେ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ,ମାଲକାନଗିରି ଜିଲ୍ଲାର ଜନ ସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଖୁସିର ଲହର ଖେଳିଯାଇଛି । ଗତ କାଲି ସନ୍ଧ୍ୟାରେ ମାଲକାନଗିରି ସହର ଡିଏନକେ ଟ୍ରାଫିକ ଛକଠାରେ ମାଲକାନଗିରି ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଓ ଜନ ସାଧାରଣ ଖୁସି ବ୍ୟକ୍ତ କରି ବାଣ ଫୁଟାଇ ମାଲକାନଗିରି ବିଜେଡି ବିଧାୟକ ପାର୍ଥି ଶ୍ରୀ ମାନସ ମାଡକାମିଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଅର୍ପଣ କରିବା ସହ ସାଧୁବାଦ ଜଣାଇଛନ୍ତି । ଏହି ଖୁସିର ମୁହୂର୍ତ୍ତରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ ,ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା ,ବିଜେଡି ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ ,ପର୍ଯ୍ୟବେକ୍ଷକ ମୁନି ସାମନ୍ତରାୟ ,ରାଜ୍ୟ ବିଜେଡି ଯୁବ ସମ୍ପାଦକ ରବି ରାଜେଶ ,ମାଲକାନଗିରି ପୋ ?ର ଅଧକ୍ଷ ମନୋଜ କୁମାର ବାରିକ ,ବିଜେଡି ଉପ ସଭାପତି ଡନେଲ କୁମାର ପୋଟଲା , ଆଇନଜୀବି ଲମ୍ବଧର ତୁରୁକ ,ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି ,ବ୍ଲକ ଅଧକ୍ଷ ଗୋ ?ରୀ ପଡ଼ିଆମୀ ,ମାଲକାନଗିରି ପୌରାଞ୍ଚଳ ନଗର ସଭାପତି ପି.ସାଇ , ପୂର୍ବତନ ଯୁବ ସଭାପତି ଶଙ୍କର ସାହା ,ବରିଷ୍ଠ ନେତା ପ୍ରଫୁଲ୍ଲ ପଣ୍ଡା , ବରିଷ୍ଠ ନେତା ରଥ ବାବୁ ,ସତ୍ୟ ସ୍ୱାଇଁ ,ଯୁବ ଉପସଭାପତି କଣ୍ଟେସ ପୋଟଲା , ଯୁବ ସମ୍ପାଦକ ବସନ୍ତ ନାୟକ ,ପୋ ?ରାଞ୍ଚଳ ଯୁବ ସଭାପତି ଅଟାଲ ରାଜୁ ,ପୌରାଞ୍ଚଳ ଛାତ୍ର ସଭାପତି ଶଙ୍କର ପାଣିଗ୍ରାହୀ ,ବିଜେଡି ନେତା ପେଣ୍ଡ୍ରା ପଣ୍ଡା ,ଗଣେଶ ସାହା ,ରାଜୁ ସୀସା , ବିକାଶ୍ ମଣ୍ଡଳ ,ମହିଳା ନେତ୍ରୀ ପ୍ରଶାନ୍ତି ବିଶୋଇ ,ବିଜେଡି ନେତା ତ୍ରିଲୋଚନ ଚୌଧୁରୀ ପ୍ରମୁଖ ଙ୍କ ସହ ସମସ୍ତ ବିଜେଡି କାର୍ଯ୍ୟକର୍ତ୍ତା ,ମହିଳା ନେତ୍ରୀ ଯୁବ ଛାତ୍ର ଓ ଜନ ସାଧାରଣ ଉପସ୍ଥିତ ରହି ମାଲକାନଗିରି ଜିଲ୍ଲାର ସମସ୍ତଙ୍କ ପ୍ରିୟ ନେତା ସମସ୍ତଙ୍କ ସୁଖ ଦୁଃଖର ସାଥି ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ମାନସ ମାଡକାମିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

# ଖଦିରେ ସେଲିବ୍ରିଟି



**ଖଦିବସ୍ତ୍ର ମନେ ପକାଇଦିଏ ବାପୁଜୀଙ୍କ କୁଟି ଖାଅ, କାଟି ପିନ୍ଧିର ବାର୍ତ୍ତାକୁ । ବ୍ରିଟିଶ ଶାସନାଧୀନ ଦେଶରେ ବିଦେଶୀ ବସ୍ତ୍ରବର୍ଜନ କରି ସ୍ୱଦେଶୀ ତଥା ଖଦିବସ୍ତ୍ରକୁ ଆପଣେଇବାର ଅଭିଯାନ ଆରମ୍ଭ କରିଥିଲେ ଜାତିର ପିତା ମାହାତ୍ମା ଗାନ୍ଧୀ । ଏବେ ଏହି ଦେଶୀ ବସ୍ତ୍ର ବିଶ୍ୱବ୍ୟାପୀ ପ୍ରସାର ଲାଭ କରିବାକୁ ଲାଗିଛି ।**

**ଖଦିବସ୍ତ୍ର ପାରମ୍ପାରିକ ପରିଧାନଠାରୁ ଉର୍ଦ୍ଧ୍ୱରେ ଏବେ ବିଭିନ୍ନ ଫ୍ୟାଶନେବୁଲ ପୋଷାକ ପ୍ରସ୍ତୁତ କରାଯାଉଛି ଏଥିରେ । ଫଳରେ ବଢୁଛି ଏହାର ଲୋକପ୍ରିୟତା । ଭାରତର ଅନେକ ନାମୀ ବ୍ୟକ୍ତିଙ୍କ ସହ ବଲିଉଡର ଅନେକ ସେଲିବ୍ରିଟି ଏହାର ମାୟାରେ ପଡ଼ିସାରିଛନ୍ତି...**





**ଅମିତାଭ ବଚ୍ଚନ-** ବଲିଉଡ୍ ଶେହନଶାହ ଅମିତାଭ ବଚ୍ଚନ ଅନେକ ସମୟରେ ଖଦିର କୁର୍ତ୍ତା ଓ ୱେଷ୍ଟ କୋଟ୍ ପିନ୍ଧୁଥିବାର ଦେଖିବାକୁ ମିଳନ୍ତି । ତେବେ ସେ ହେଉଛନ୍ତି ଖଦି ଓ ଗ୍ରାମ୍ୟ ଉଦ୍ୟୋଗ କମିଶନର ବ୍ରାଣ୍ଡ୍ ଆମ୍ବାସାଡର । ହେଲେ ସେ ଅନ୍ୟ ବ୍ରାଣ୍ଡ ଆମ୍ବାସାଡରଙ୍କ ଭଳି ପ୍ରଚୁର ଅର୍ଥ ଦାବି ନ କରି ଏହି କାମ ସମ୍ପୂର୍ଣ୍ଣ ମାଗଣାରେ କରନ୍ତି । ଯେପରି କି ଏହାର ପ୍ରଚାର ପ୍ରସାର ହୋଇପାରିବ ।

**ଅରୁନ୍ଧତୀ ରୟ:-** ମ୍ୟାନ ବୁକର୍ ପୁରସ୍କାର ବିଜୟିନୀ ତଥା ଟାଇମ୍ସ ମାଗାଜିନ୍‌ରେ ପୃଥିବୀରେ ୧୦୦ ଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସ୍ଥାନ ପାଇଥିବା ଅରୁନ୍ଧତୀ ରୟ ଭାରତୀୟ ପାରମ୍ପାରିକ ପୋଷାକକୁ ବହୁତ ଭଲ ପାଆନ୍ତି । ସିମ୍ପଲ ଓ କ୍ଲାସି ଲୁକ୍‌ରେ ରହୁଥିବା ଅରୁନ୍ଧତୀ ପେରୋ ବ୍ରାଣ୍ଡର ପୋଷାକ ପିନ୍ଧନ୍ତି । ଯାହାକି ଭଲ ହସ୍ତତନ୍ତ ପୋଷାକ ପାଇଁ ପରିଚିତ । ତେଣୁ ଅରୁନ୍ଧତୀ ଅନେକ ସମୟରେ ସୁନ୍ଦର ଖଦିବସ୍ତ୍ରରେ ଦେଖିବାକୁ ମିଳନ୍ତି ।

**ସୋନମ କପୁର:-**

ନିଜର ସ୍ୱତନ୍ତ୍ର ଷ୍ଟାଇଲ ପାଇଁ ବେଶ୍ ପରିଚିତ ବଲିଉଡ ଅଭିନେତ୍ରୀ ସୋନମ କପୁର। କାନ୍ସର ରେଡ୍ କାର୍ପେଟ ହେଉ କି ଷ୍ଟ୍ରିଟ୍ ଫ୍ୟାଶନ, ଷ୍ଟାଇଲ ଆଇକନ୍ ସୋନମ ସବୁଠି ନିଜର ଜଲୱା ଦେଖାଇଛନ୍ତି । ନିକଟରେ ଆଇଆଇଏମ୍ ଅହମ୍ମଦାବାଦରେ ହୋଇଥିବା ଫ୍ୟାଶନ୍ ଶୋ ରେ ଖଦିବସ୍ତ୍ରର ପ୍ରଚାର ପାଇଁ ସଲମାନଙ୍କ ସହ ସେ ର୍ୟାମ୍ପରେ ଚାଲିଥିଲେ । ଫ୍ୟାଶନ କାଉନ୍ସିଲ ଅଫ୍ ଇଣ୍ଡିଆ ଓ ଗୁଜୁରାଟ ଷ୍ଟେଟ ଖଦି ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରିଜ ବୋର୍ଡ ମିଳିତ ଭାବେ କ୍ୟାମ୍ପେନ କରିଥଇଲେ । ଏମିତିରେ ଅନ୍ୟଦିନରେ ବି ସୋନମ ଖଦିବସ୍ତ୍ର ପିନ୍ଧିଥାଆନ୍ତି । ଖଦିର କୁର୍ତ୍ତି, ଶାଢ଼ି ତାଙ୍କର ବହୁତ ପ୍ରିୟ ।

**ବିଦ୍ୟା ବାଲାନ୍ :-**

ଏୟାରପୋର୍ଟରେ କମ୍ଫର୍ଟ ଓ ସିମ୍ପଲ ଲୁକ୍ ପାଇଁ ବିଦ୍ୟା ବାଲାନ୍ ଅନେକଥର ଶ୍ରୁତି ସଞ୍ଚେତିଙ୍କ ଦ୍ୱାରା ଡିଜାଇନ ହୋଇଥିବା ଖଦିର କୁର୍ତ୍ତି-ପାଇଜାମା ପିନ୍ଧିଛନ୍ତି । ତା ଛଡ଼ା ଶାଢ଼ି ପ୍ରିୟ ବିଦ୍ୟାଙ୍କୁ ପାୟଲ ଓ ଜିନିଲଙ୍କ ଦ୍ୱାରା ଡିଜାଇନ ହୋଇଥିବା ଖଦିର ଶାଢ଼ି ବେଶ୍ ପସନ୍ଦ । ବିଦ୍ୟାଙ୍କ କଲେକ୍ସନରେ ଖଦିର ସ୍ଥାନ ସ୍ୱତନ୍ତ୍ର ।

**ନେହା ଧୁପିଆ:-**

କିଛିଦିନ ତଳେ ଆବ୍ରାହମ ଆଣ୍ଡ ଠାକୁରଙ୍କ ଦ୍ୱାରା ଡିଜାଇନ ହୋଇଥିବା ଖଦିର ଏସିମେଟ୍ରିକ କୁର୍ତ୍ତି ପିନ୍ଧି ପାୟଲ ସିଘଲଙ୍କ ଫ୍ୟାଶନ ଶୋ ରେ ନେହା ର୍ୟାମ୍ପାଲରେ ଚାଲିଥିଲେ । ସେଥିରେ ସେ ଲାଗୁଥିଲେ ସିମ୍ପଲ ଓ ଏଲିଗେଣ୍ଟ ।

**କୋଙ୍କଣା ସେନ୍:-** ଡସ୍କି ବ୍ୟୁଟି କୋଙ୍କଣା ସେନଙ୍କର ଫ୍ୟାଶନ ଡିଜାଇନ ଅନାବିଲା ବହୁତ ପ୍ରିୟ । ତାଙ୍କ ଦ୍ୱାରା ଡିଜାଇନ ହୋଇଥିବା ଆକର୍ଷଣ ଖଦି ଶାଢ଼ୀ ସେଅନେକ ଥର ପିନ୍ଧିଛନ୍ତି ।

**ଈଶା ଗୁପ୍ତା:-** ଜୟପୁରର ଏକ ଗହଣା ଦୋକାନ ଉନ୍ମୋଚନ କରିବା ପାଇଁ ଈଶା ଗୁପ୍ତା ନୀତା ଲୁଲାଙ୍କ ଦ୍ୱାରା ଡିଜାଇନ ହୋଇଥିବା ଏକ ଲଙ୍ଗ କ୍ରିମ କଲର ଜ୍ୟାକେଟ ପିନ୍ଧିଥିଲେ । ତା ସହ ଅନିତା ଡୋଙ୍ଗରେଙ୍କର ଏକ ପିଙ୍କ କଲର ପ୍ୟାଣ୍ଟ ପେୟାର କରିଥିଲେ ।



# ହେପାଟାଇଟିସ୍ ଓ ଲିଭର କ୍ୟାନସର



ଲିଭର କ୍ୟାନସର ଏକ ମାରାତ୍ମକ ବ୍ୟାଧିକୁ ବହୁକାଂଶରେ ନିରାକରଣ କରାଯାଇପାରିବ । ପ୍ରତିବର୍ଷ ସମଗ୍ର ପୃଥିବୀରେ ୬ଲକ୍ଷ ବ୍ୟକ୍ତି ଲିଭର କ୍ୟାନସର ଯୋଗୁଁ ହରାଇଥାନ୍ତି । ସମଗ୍ର ପୃଥିବୀର ଏହି କ୍ୟାନସରର ସ୍ଥାନ ଷଷ୍ଠରେ ରହିଛି । ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ମିତରେ ଏହି କ୍ୟାନସରର ପ୍ରାଦୁର୍ଭାବ ବେଶୀ । ଫୁସ୍ ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି ।



ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ । ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ ଦୂଷିତ ସିରିଞ୍ଜ ଓ ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନଗତ ସମ୍ପର୍କ ମାଧ୍ୟମରେ ଜଣଙ୍କର ଶରୀରୁ ଅନ୍ୟ ଜଣଙ୍କର ଶରୀରକୁ ପ୍ରବେଶ କରିଥାଏ । ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନସର ରୋଗରେ ମଧ୍ୟ ପୀଡ଼ିତ ହୁଅନ୍ତି । ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମ୍ରପାନ ସେବନ, ଆଫ୍ ଲାଟକ୍ସିନ୍ ସେବନ ମାଧ୍ୟମରେ ଏହି ଲିଭର କ୍ୟାନସର ହୋଇଥାଏ । ଭାରତର ହେପାଟାଇଟିସ୍ ବି ସାଧାରଣଃ ୨-୭ପ୍ରତିଶତ ଜନସାଧାରଣଙ୍କ ଭିତରେ ଦେଖଣଯାଏ । ହେପାଟାଇଟିସ୍ ବିରେ ସଂକ୍ରମିତ ଚାରିଜଣଙ୍କ ମଧ୍ୟରୁ ଜଣଙ୍କର ଲିଭର କ୍ୟାନସର ହେବାର ଭୟ ରହିଛି ।

ଦେଶର ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି । ଯାହାକୁ ସିଧା ପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଏମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଦେଖାଗଲେ ମଧ୍ୟ ପରବର୍ତ୍ତୀ କାଳରେ ଲିଭର ସିରୋସିସ୍ ଓ ଲିଭର କର୍କଟ ରୋଗର ୯୦-୯୫% ବ୍ୟକ୍ତି ଛଅ ମାସରୁ ଏକ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ନ୍ତି । ତେଣୁ ଏହିପରି ଏକ ମାରାତ୍ମକ ବ୍ୟାଧିର ନିରାକଣଣ ହେଉଛି ଆମ୍ଭମାନଙ୍କ ସମ୍ମୁଖରେ ଏକ ବଡ଼ ଆହ୍ୱାନ । ଆମ୍ଭେମାନେ ଯଦି ହେପାଟାଇଟିସ୍ ବି କୁ ଟୀକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତାହାହେଲେ ଲିଭର କ୍ୟାନସର ସଂଖ୍ୟା ମଧ୍ୟ କମିଯିବ । ମଦ୍ୟପାନ ସେବନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ । ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ମଧ୍ୟ ନିରାକରଣ କରାଯାଇ ପାରିବ । ବ୍ଲଡବ୍ୟାଙ୍କରେ ହେପାଟାଇଟିସ୍ ବି ଓସି ସ୍କ୍ରିନିଂ ମାଧ୍ୟମରେ ହେପାଟାଇଟସ୍ ବି ଓ ସି କୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ ।



ଜନସାଧାରଣ ମାନଙ୍କ ମଧ୍ୟରେ ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନସର ଭଳି ଏକ ମାରାତ୍ମ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ ।

# କିୱି ଫଳର ଗୁଣ



ବଜାରରେ ଏବେ କିୱି ଫଳର ଚାହିଦା ବଢ଼ିବାରେ ଲାଗିଛି । ଖଟାମିଠା ସ୍ୱାଦଭରା ଏହି ଫଳ ଖାଇବାକୁ ଯେତେ ସ୍ୱାଦିଷ୍ଟ ଶରୀରର ପାଇଁ ସେତେ ଲାଭପ୍ରଦ । ଏହି ଫଳରେ ପ୍ରଚୁର ପରିମାଣରେ ୧୦୦ଗ୍ରାମ କିୱିରେ ୧୫୪ ପ୍ରତିଶତ ଭିଟାମିନ୍-ସି ଥାଏ । ଫଳରେ ଭିଟାମିନ୍-ସି ପ୍ରଚୁର ଥିବାରୁ ଏହା ପେଟ ସମସ୍ୟା ଦୂର କରିଥାଏ । ପାକସ୍ଥଳୀ ଏବଂ ହଜମ ପ୍ରକ୍ରିୟାରେ ଏହା ବିଶେଷ ଉପକାରୀ । ଏହାଛଡ଼ା ପ୍ରତ୍ୟେକ ଦିନ ଗୋଟିଏ କିୱି ଖାଇଲେ ଆସ୍ଥମା ସମସ୍ୟାରୁ ମୁକ୍ତି ମିଳେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏହାଛଡ଼ା ଏହି ଫଳରେ ଭିଟାମିନ୍-ଏ, ପୋଟାସିୟମ, କ୍ୟାଲସିୟମ, ଆଇରନ୍, ମ୍ୟାଗନେସିୟମ୍ ଏବଂ ଓମେଗା-୩ ଫାଟି ଏସିଡ୍ ମଧ୍ୟ ରହିଥାଏ । ଯାହା ଶରୀରରେ ରକ୍ତର ପ୍ରବାହ ସମସ୍ୟା ଦୂର କରିବା ସହ ଅବସାଦରୁ ବଞ୍ଚାଇଥାଏ । ସେଥିରୁ ମିଳୁଥିବା ଆଇରନ ହାଡ଼ ଏବଂ ଦାନ୍ତକୁ ମଜବୁତ କରାଇଥାଏ । ୧୦୦ କିୱିରେ ୩୧୨ ପ୍ରତିଶତ ପୋଟାସିୟମ ରହିଥାଏ ।ଯାହା ବ୍ଲଡ୍ ପ୍ରେସର ରୋଗୀଙ୍କ ପାଇଁ ଉପାକରୀ ଅଟେ । ଓମେବରା ୩ଫାଟି ଏସିଡ୍ ଥାଏ, ଯାହା ହୃଦରୋଗୀଙ୍କ ପାଇଁ ଲାଭ । ଶରୀରରେ ଇମ୍ୟୁନିଟି କମଥିବା ରୋଗୀଙ୍କ ପାଇଁ ଏହା ଏକ ବରଦାନ । ଏହି ଫଳ ଖାଇଲେ ବଦଳୁଥିବା ପାଗ କାରଣରୁ ହେଉଥିବ । ଇନଫେକ୍ସନଜନିତ ରୋଗ ମଧ୍ୟ ହୋଇନଥାଏ । କିୱିରେ ଫାଇଟୋକେମିକାଲ ଥାଏ ଯାହା ଦୃଷ୍ଟିଶକ୍ତି ବୃଦ୍ଧି କରାଇଥାଏ । ଫାଇଟୋକେମିକାଲ ସବୁଜ ପନିପରିବାରେ ବିଶେଷତଃ ଦେଖାଯାଇଥାଏ । ଏହାଛଡ଼ା ଏହି ଫଳ ସୌନ୍ଦର୍ଯ୍ୟ ମଧ୍ୟ ବଢ଼ାଇଥାଏ । ଚର୍ମକୁ ରୁକ୍ଷ ହେବାରୁ ବଞ୍ଚାଇବା ସହ ଚର୍ମର ଉଜ୍ଜ୍ୱଳତା ମଧ୍ୟ ବୃଦ୍ଧି କରିଥାଏ ।

# ପରିସ୍ଥିତି ଅନୁଯାୟୀ ସଂଚୟ



ସୁଖ ସ୍ୱାଚ୍ଛନ୍ଦ ଭରା ଭବିଷ୍ୟତ ପାଇଁ ସଂଚୟର ଗୁରୁତ୍ୱ ସମସ୍ତେ ଜାଣନ୍ତି । ସାଂପ୍ରତିକ ସମୟରେ ସମସ୍ତେ ବସ୍ତୁବାଦୀ ହୋଇ ପଡୁଥିବା ଏବଂ ସମ୍ପର୍କର ଡ଼ୋର ଢ଼ିଲା ପଡ଼ିଯାଉଥିବା ବେଳେ ବୃଦ୍ଧାବସ୍ଥାରେ ସଂଚିତଅର୍ଥ ବହୁତ କାମ ଦେଇଥାଏ । କେହିକେହି ସେହି ଅର୍ଥଲୋଭରେ ସମ୍ପର୍କକୁ ଅତୁଟ ରଖିଥାନ୍ତି ତ କେହିକେହି ସେବା ଦେବାକୁ ଆଗେଇ ଆସନ୍ତି । ତେବେ ସଂଚୟ କିପରି କରାଯିବ ଏବଂ ସେଥିପାଇଁ କଣ ସବୁ ବିକଳ୍ପ ରହିଛି ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ । ସଂଚୟ ସମ୍ବନ୍ଧରେ ଚିନ୍ତା କଲାବେଳେ କେତେକ କଥା ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ । ତେବେ ପରିସ୍ଥିତିରେ କିଭଳି ସଂଚୟ କରାଯିବା ଦରକାର ସେନେଇ କିଛି ଧାରଣା ।

**ଭୁଲ ସୁଧରେ ନିବେଶ:-** ସାଧାରଣତଃ ସମସ୍ତେ ଚାହାନ୍ତି ଏଭଳି ଯୋଜନାରେ ନିବେଶ କରିବେ ଯେଉଁଥିରେ ଅଧିକ ସୁଧ ମିଳୁଥିବ ଏବଂ ନିଜର ମୂଳଧନ ମଧ୍ୟ ସୁରକ୍ଷିତ ରହୁଥିବ । ଚାକିରି ବା ଭଲ କରି ଦୁଇ ପଇସା କମାଉଥିବା ଲୋକମାନେ ଅବସର ପରେ କିପରି ଅଧିକ ରିଟର୍ଣ୍ଣ ପାଇବେ ସେ ନେଇ ଚିନ୍ତା କରୁଛନ୍ତି । ଧରାଯାଉ ଆପଣ ମାସକୁ ୨୦,୦୦୦ ଟଙ୍କା କମାଉଛନ୍ତି । ଏହି କ୍ଷେତ୍ରରେ ଆପଣ ପ୍ରଥମେ ମୋଟା ଅଙ୍କର ଅର୍ଥ ନିବେଶ କରନ୍ତୁ ନାହିଁ । ରେକରିଂ ଡିପୋଜିଟରେ ମାସିକ ୧୦୦୦ ଟଙ୍କା ଲେଖାଏଁ ରଖନ୍ତୁ । ଏମିତି ପାଞ୍ଚ ବର୍ଷ ମାସିକ ୧୦୦୦ଟଙ୍କା ଲେଖାଏଁ ରଖିବାରେ ଆପଣଙ୍କୁ ବିଶେଷ କଷ୍ଟ ହେବନାହିଁ । ବାର୍ଷିକ ୪,୫% ସୁଧରେ ଆପଣ ବର୍ଷକୁ ୧୩ହଜାର ବା ୬୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା ପାଇପାରିବେ । ଅବଧି ପୂରଣ ପରେ ଆପଣ ସେହି ଅର୍ଥକୁ ଫିକ୍ସ ଡିପୋଜିଟ୍ କରିପାରନ୍ତି । ଫିକ୍ସ ଡିପୋଜିଟ୍‌ରେ ଆପଣଙ୍କୁ ଭଲ ସୁଧ ମଳିପାରିବ । ଅବସର ନେବା କଥା ଚିନ୍ତା କରୁଛନ୍ତି ତ ମନେ ରଖନ୍ତୁ ସବୁବେଳେ ଅଳ୍ପ ଅଳ୍ପ ସଂଚୟ କରନ୍ତୁ । ଏହା ଅବସର ବେଳକୁ ଆପଣଙ୍କୁ ଭଲ ରିଟର୍ଣ୍ଣ ଦେବ ।

# ହଜିଯାଇଥିଲେ ଖୋଜିଦେବ 'ଟ୍ରାକ୍ଆର୍'

ଅନେକ ସମୟରେ ଅଜାଣତରେ ଚାବି କୋଉଠି ରଖିଦେଇଥିବେ ଏବଂ ଜରୁରୀ କାଗଜପତ୍ର ଥିବା ବ୍ୟାଗ କିମ୍ବା ବ୍ରିଫକେସ କୋଉଠି ଛାଡ଼ିଦେଇ ଆସିଥିବେ ବୋଲି ମନେ ପଡ଼େନାହିଁ । ଫଳରେ ଖୁବ ସମସ୍ୟା ଭୋଗିବାକୁ ହୁଏ । ଏହି ଅସୁବିଧାରୁ ମୁକ୍ତ କରିବା ଲାଗି କାଲିଫର୍ଣ୍ଣିଆର ଏକ ଷ୍ଟାର୍ଟଅପ କମ୍ପାନୀ ଏମିତି ଏକ ଉପକରଣଟିଏ ପ୍ରସ୍ତୁତ କରିଛି ଯାହା ସ୍ମାର୍ଟଫୋନ ଜରିଆରେ କାମ କରିବ ଏବଂ ଚାବି ବ୍ରିଫକେଶ ଆଦି ହଜିଯାାଇଥିବା ଜିନିଷର ସ୍ଥାନ ସମ୍ପର୍କରେ ଜଣାଇଦେବ । ଏହି ଉପକରଣର ନାମ ଟ୍ରାକଆର ଏବଂ ସ୍ମାଟଫୋନରେ କେବଳ ଟ୍ରାକଆର ଆପ ଇନଷ୍ଟଲ କରି ଉପକରଣଟିକୁ ଏହା ସହ ସଂଯୁକ୍ତ କରିଦେଲେ କାମ କରିଥାଏ । ଏହି ଆପ ମଧ୍ୟ ସମ୍ପୁର୍ଣ୍ଣ ମାଗଣା । ଇନଷ୍ଟଲ କରିବା ଲାଗି ମାତ୍ର ୫ ମିନିଟ ସମୟ ବି ଲାଗିନପାରେ । ଏହା ସହିତ ନିଜ ଚାବି, ବ୍ରିଫକେସ, ପର୍ସ ତଥା ଅତ୍ୟାଧୁନିକ ଗେଜେଟ ଆଦି ଜରୁରୀ ଜିନିଷ ସଂଯୁକ୍ତ କରିଦେଲେ ଆଉ ହଜିବାର ପ୍ରଶ୍ନ ଉଠିବ ନାହିଁ । ଖୋଜିବା ପାଇଁ ହେଲେ କେବଳ ସ୍ମାର୍ଟଫୋନରେ ଟ୍ରାକଆର ଆପ ଖୋଲି ସେଥିରେ ହଜିଯାଇଥିବା ଜିନିଷ ଲାଗି 'ଲଷ୍ଟ ଆଇଟମ' ଆଇକନରେ କ୍ଲିକ କରିଦିଅନ୍ତୁ । ତୁରନ୍ତ ଏହି ଆପ ଜିନିଷଟି କୋଉଟି ଅଛି ଜଣାଇଦେବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଜନୀତିର ରଙ୍ଗ...

ଅଷ୍ଟାଦଶ ଲୋକସଭା ନିର୍ବାଚନ ପାଖେଇ ଆସୁଛି। ରାଷ୍ଟ୍ରୀୟ ସ୍ତରର ଦୁଇ ଦଳ କଂଗ୍ରେସ ଓ ବିଜେପି ସେମାନଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଓ ଏନ୍‌ଡିଏ ମେଣ୍ଟର ସହଯୋଗୀମାନଙ୍କ ସହିତ ବିଭିନ୍ନ ରାଜ୍ୟରେ ଆସନ ବୁଝାମଣା ଚଳାଇଛନ୍ତି। ବିଜେପି କେତେକାଂଶରେ ତା'ର ଲୋକସଭା ପ୍ରାର୍ଥୀ ତାଲିକା ପ୍ରକାଶ କରି ସାରିଲାଣି। ଯେଉଁସବୁ ରାଜ୍ୟରେ ଲୋକସଭା ସହିତ ବିଧାନସଭା ନିର୍ବାଚନ ହେଉଛି, ସେଠାରେ ମଧ ବିଜେପି ବିଧାନସଭା ଆସନଗୁଡ଼ିକ ମଧ୍ୟରୁ କେତେକ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରି ସାରିଲାଣି । ସେହିଭଳି ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଥିବା ରାଜ୍ୟମାନଙ୍କରେ, ବିଶେଷକରି ଯେଉଁଠି ସବୁ ଆଞ୍ଚଳିକ ଦଳମାନେ ଶାସନ କ୍ଷମତାରେ ଅଛନ୍ତି, ସେମାନେ ବି ସେମାନଙ୍କ ଦଳର ଲୋକସଭା ଏବଂ ବିଧାନସଭା ପ୍ରାର୍ଥୀମାନଙ୍କ ତାଲିକା ଆଂଶିକ ଭାବରେ ପ୍ରକାଶ କରି ସାରିଲେଣି। ଓଡ଼ିଶାରେ ମଧ ତାହା ହୋଇ ସାରିଲାଣି । ଏହି ରାଜ୍ୟରେ ଭୋଟରମାନେ ଉଭୟ ଲୋକସଭା ଏବଂ ବିଧାନସଭା ପାଇଁ ମତଦାନ କରିବେ । ବିଜେପି ଦାବି କରୁଛି ଯେ ଏହାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଲୋକସଭା ନିର୍ବାଚନରେ ୪୦୦ରୁ ଅଧିକ ଆସନରେ ବିଜୟ ଲାଭ କରିବ ଏବଂ ସେଥିପାଇଁ ଏହା ଗଳଦ୍‌ଘର୍ମ ହୋଇ କାର୍ଯ୍ୟ କରୁଛି ନିଜର ମେଣ୍ଟ ଭିତ୍ତିଭୂମିକୁ ସମ୍ପ୍ରସାରିତ କରିବାକୁ, କାରଣ ଉପରୋକ୍ତ ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରତିଟି ଭୋଟ୍ ଏବଂ ପ୍ରତିଟି ଆସନ ମହତ୍ତ୍ୱ ରଖେ। ଆଉ ସେଥିପାଇଁ ଏହା ପଞ୍ଜାବରେ ଶିରୋମଣି ଅକାଳୀ ଦଳ ଏବଂ ଓଡ଼ିଶାରେ ବିଜୁ ଜନତା ଦଳ ସହିତ ମେଣ୍ଟ କରିବାକୁ ଢେର କସରତ କରି ଥିଲା। ତେବେ ବର୍ତ୍ତମାନ ଏଇ ଚର୍ଚ୍ଚାର ପରି ସମାପ୍ତି ଘଟି ଛି ; ଉପରୋକ୍ତ ଦୁଇଗୋଟି ଯାକ ରାଜ୍ୟରେ ବିଜେପିର ଲକ୍ଷ୍ୟ ପୂରଣ ହୋଇପାରି ନାହିଁ । ଅକାଳୀ ଦଳ ହେଉଛି ବିଜେପିର ଅନ୍ୟତମ ସର୍ବପ୍ରାଚୀନ ମେଣ୍ଟ ଦଳ; ଏ କ୍ଷେତ୍ରରେ ଏହାଠୁ ଅଧିକ ପ୍ରାଚୀନ ହେଉଛି କେବଳ ଶିବସେନା। ବସ୍ତୁତଃ, କଂଗ୍ରେସ ପ୍ରତି ନିଜର ଡିଏନ୍ରେ ଏକ ଦୃଢ଼ କଂଗ୍ରେସ-ବିରୋଧୀ ଭାବଧାରାକୁ ବହନ କରୁଥିବା ଶିରୋମଣି ଅକାଳୀ ଦଳ ୧୯୭୭ରେ ଜନତା ଦଳ ସରକାରର ଏକ ଅଂଶ ଥିଲା ଯେଉଁଥିରେ ଅଟଳ ବିହାରୀ ବାଜପେୟୀ ଏବଂ ଲାଲ୍ ?କୃଷ୍ଣ ଆଡଭାନୀ ମନ୍ତ୍ରୀ ଥିଲେ। ପ୍ରକାଶ ସିଂହ ବାଦଲଙ୍କ ନେତୃତ୍ୱାଧୀନ ଶିରୋମଣି ଅକାଳୀ ଦଳ ୧୯୯୬ରେ ନବଗଠିତ ଏନ୍ ?ଡିଏ ସରକାରକୁ ନିଃସର୍ତ୍ତ ସମର୍ଥନ ପ୍ରଦାନ କରିଥିଲା ଯାହା ଆଂଶିକ ଭାବରେ ହେଲେ ସୁଦ୍ଧା ବିଜେପି ବାବ୍ରି ମସ୍ ?ଜିଦ୍ ଭଙ୍ଗ ପରେ ଯେଉଁ ଭାବମୂର୍ତ୍ତି ହାସଲ କରିଥିଲା, ତହିଁରେ ସାମାନ୍ୟ ସୁଧାର ଆଣିବାରେ ସହାୟକ ହୋଇଥିଲା । ଆଉ ବିଜେପି ଓ ଶିରୋମଣି ଅକାଳୀ ଦଳର ମିତ୍ରତା ୨୦୨୦ ପର୍ଯ୍ୟନ୍ତ ଠିକ୍‌ଠାକ୍ ଚାଲିଥିଲା । ପରନ୍ତୁ, ବର୍ତ୍ତମାନ ପ୍ରତ୍ୟାହୃତ ହୋଇ ଯାଇଥିବା ନୂଆ କୃଷି ଆଇନ ଆସିବା ପରେ ଏଥ ?ରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । କାରଣ, ବିଜେପି ଏହାର ଅର୍ଥନୀତିକ କାର୍ଯ୍ୟସୂଚୀକୁ କୃଷି କ୍ଷେତ୍ରକୁ ସମ୍ପ୍ରସାରିତ କରିବାକୁ ଚାହିଁବା ବେଳେ ଶିରୋମଣି ଅକାଳୀ ଦଳ ହଠାତ୍ ନିଜର ମୂଳ ଭିତ୍ତି ସମ୍ପର୍କରେ ସଚେତନ ହୋଇଗଲା ଯାହା ବିଜେପି ନେତୃତ୍ୱାଧୀନ ସରକାରର ଯୋଜନା ଦ୍ୱାରା ପ୍ରଭାବିତ ହେବାକୁ ଥିଲା । ଏ କ୍ଷେତ୍ରରେ ବିହାରରେ ଜେଡି (ୟୁ), ମହାରାଷ୍ଟ୍ରରେ ଶିବସେନା ଏବଂ ତାମିଲନାଡୁରେ ଏଆଇଏଡିଏମ୍‌କେ ହେଉଛନ୍ତି ପ୍ରକୃଷ୍ଟ ଉଦାହରଣ। କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟ ସହଯୋଗୀ ହୋଇଥିବା ବେଳେ ଏଏପି ଏଠାରେ ଅଲଗା ବାଟରେ ଯାଉଥିବାରୁ ପଞ୍ଜାବ ତେଣୁ ଏଥର ନିର୍ବାଚନରେ ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତାକୁ ପରିଲକ୍ଷିତ କରିବ । ସମାନ ଧରଣର ଏକ ଭୟ ବିଜେଡିକୁ ବିଜେପି ସହିତ ଓଡ଼ିଶାରେ ମେଣ୍ଟ କରିବାରୁ ବିରତ କରିଛି । ଏକଥା ସତ୍ୟ ଯେ ସଂସଦରେ ଯେତେବେଳେ ବି ଆବଶ୍ୟକ ପଡ଼ିଛି, ବିଜେଡି ବିଜେପିକୁ ସହାୟତା ପ୍ରଦାନ କରିଛି, କିନ୍ତୁ ବର୍ତ୍ତମାନ ଏହା ନିଜର ମୁଳଚାଲ କରିବା ନୀତିକୁ ଯଥାପୂର୍ବ ରଖୁବାକୁ ପସନ୍ଦ କରିଛି । ଏହା ମଧ ନିରାଟ ସତ୍ୟ ଯେ ଶୀଘ୍ର ହେଉ କି ବିଳମ୍ବରେ ବିଜେଡି ଉତ୍ତରାଧିକାରର ସଙ୍କଟକୁ ସାମ୍ନା କରିବ ଏବଂ ଯେଉଁ ଦଳର ଏକ ପ୍ରାଧାନ୍ୟ ବିସ୍ତାରକାରୀ ଇତିହାସ ରହିଛି, ତା' ସହିତ ମେଣ୍ଟ କରିବା ଏକ ଆତ୍ମହତ୍ୟା ଉଦ୍ୟମ ସଦୃଶ ହେବ। ଏହା ଭଲ ଭାବରେ ଜାଣିଛି ଯେ ଲୋକସଭା ହେଉ କି ବିଧାନସଭାରେ ବିଜେପି ସହିତ ଏମିତିକି ଏକ ସ୍ୱଳ୍ପ ସଂଖ୍ୟକ ଆସନ ବୁଝାମଣା କରିବା ଏହା ପାଇଁ ହାନିକାରକ ହେବ । ସଙ୍ଗେ ସଙ୍ଗେ ବିଜେଡି-ବିଜେପି ମେଣ୍ଟ କଂଗ୍ରେସକୁ ସମ୍ପୂର୍ଣ୍ଣ ଭାବରେ ବିରୋଧୀ ଭାବରେ ଉଭା ହେବାକୁ ସ୍ଥାନଟିଏ ପ୍ରଦାନ କରିବ, ଯାହା କୌଣସି ଦଳ ଚାହାନ୍ତି ନାହିଁ । ବିଗତ ତିନି ଦଶନ୍ଧି ଭିତରେ ବିଜେପି ମେଣ୍ଟ ସୃଷ୍ଟି କରିବା ଏବଂ ତାକୁ ରକ୍ଷା କରିବା କଳାରେ ଧୁରନ୍ଧର ପାଲଟି ଯାଇଛି, କିନ୍ତୁ ମନେହୁଏ ଯେ ଦୃଢ଼ ଭିତ୍ତି ରହିଥିବା ଦଳମାନଙ୍କ କ୍ଷେତ୍ରରେ ଏହା ବେଳେବେଳେ ନିଜର ପ୍ରତିଶ୍ରୁତି ରକ୍ଷା କରିବାରୁ ବିଚ୍ୟୁତ ହୋଇଥାଏ । ଅବଶ୍ୟ ବାହାସ୍ଫୋଟ ମାରି କଥା କହିବା ଅପେକ୍ଷା ଏଭଳି କଳାକୁ ଆୟତ୍ତ କରିବା ଦୁର୍ଦ୍ଦିନରେ ସହାୟକ ହୋଇଥାଏ।

## ସମାନ ଆଚାର ସଂହିତା

### ଅଧ୍ୟାପକ ଗୋପବନ୍ଧୁ



ବିଜେପି ଇଉନିଫର୍ମ ସିଭିଲ କୋଡ଼ର ଆବଶ୍ୟକତା ଓ ଯୁକ୍ତିଯୁକ୍ତତା ସପକ୍ଷରେ ବକ୍ତବ୍ୟ ରଖିବାର ଶୁଣାଯାଏ। ସମଗ୍ର ଦେଶରେ ଏହାକୁ ନେଇ ବ୍ୟାପକ ଚର୍ଚ୍ଚାହୋଇ ଆସିଛି। ଉଭୟ ସମର୍ଥକ ଓ ବିରୋଧୀ ଏହାକୁ ନେଇ ବିତର୍କ କରିବାର ଦେଖାଯାଏ। ଅନେକେ ଅନୁମାନ ଲଗାଇ ନେଇଛନ୍ତି ଯେ ଖୁବଶୀଘ୍ର ଏବାବଦରେ କେନ୍ଦ୍ର ବିଲ୍ ଆଣିପାରେ। ଯଦିଓ ଏବାବଦକୁ କେନ୍ଦ୍ର ସରକାରଙ୍କ ତରଫରୁ ସରକାରୀଭାବେ କୌଣସି ଘୋଷଣା କରାଯାଇ ନାହିଁ। ସରକାର ଏବାବଦକୁ ଏକ ଚିଠା ବିଲ୍ ପ୍ରସ୍ତୁତକରି ସାରିଛନ୍ତି ବୋଲି ଶୁଣିବାକୁ ମିଳୁଛି। ଅନୁଧ୍ୟାନ ପାଇଁ ଏକ ଉଚ୍ଚ ସ୍ତରୀୟ ଅଘୋଷିତ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରାଯାଇ ଥିବାର ସୂଚନା ମିଳୁଛି। ଅନେକେ ଆଶଙ୍କା ମଧ୍ୟ କରୁଛନ୍ତି ଯେ କୌଣସି ମୁହୂର୍ତ୍ତରେ ସଂସଦରେ ବିଲ୍ ଆଗତ ହୋଇପାରେ ଓ ବିରୋଧୀଙ୍କ ପ୍ରସ୍ତୁତି ପୂର୍ବରୁ ବିନା ବିତର୍କରେ ଏହା ପାସ୍ ହୋଇଯାଇ ପରେ। ଏପରି ଦୃଷ୍ଟାନ୍ତ ଅତୀତରେ ବହୁତ ରହିଛି।

ଏହା ଏକ ସ୍ପର୍ଶକାତର ବିଷୟ ହୋଇଥିବା ଯୋଗୁଁ ଏହା ଉପରେ ଅତୀତରେ କୌଣସି ସରକାର ହାତ ମାରିବାକୁ ଚେଷ୍ଟା କରିନାହାଁନ୍ତି। ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ସରକାର ତାର ନିର୍ବାଚନ ଇସ୍ତାହାରରେ ସମାନ ନାଗରିକ ସଂହିତା ପ୍ରଣୟନ ପାଇଁ ଉଲ୍ଲେଖ କରିଥିଲା। ବିଜେପିର ଏହା ଏକ ପୁରୁଣା ଏଜେଣ୍ଡା। ପାର୍ଟି ଗଠନ ମୂଳରୁ ଏହାର ସପକ୍ଷରେ ବିଜେପି କହି ଆସିଛି। ସମ୍ବିଧାନ ପ୍ରଣୟନ କମିଟି ମଧ ପୂର୍ବରୁ ଏହା ଉପରେ ବ୍ୟାପକ ଚର୍ଚ୍ଚା କରିଥିଲା। କିନ୍ତୁ ସେ ସମୟରେ ସଦସ୍ୟମାନେ ଏକମତ ହୋଇପାରି ନଥିଲେ ଯଦିଓ ଏହାର ଆବଶ୍ୟକତାକୁ ସ୍ୱୀକାର କରିଥିଲେ। ସମ୍ବିଧାନ ପ୍ରଣୟନ କମିଟିର ଚେୟାରମ୍ୟାନ ଡ. ବି.ଆର୍. ଆମ୍ବେଦକର ପ୍ରଗତିଶୀଳ ଇଉନିଫର୍ମ ସିଭିଲ କୋର୍ଡର ଦୃଢ଼ ସମର୍ଥକ ଥିଲେ। ସହମତିର ଅଭାବରୁ ଏହାକୁ ସମ୍ବିଧାନରେ ସ୍ଥାନିତ କରାଯାଇ ପାରିନଥିଲା। ଏଥିପାଇଁ ସେ ସମ୍ବିଧାନର ଧାରା ୪୪ ରେ ସ୍ଥାନିତକରି ଯାଇଛନ୍ତି ଯେ ରାଷ୍ଟ୍ର ଏଦିଗରେ ପ୍ରୟାସ ଅବ୍ୟାହତ ରଖିବା ଉଚିତ୍। ସ୍ୱାଧୀନତା ପରେ ହିନ୍ଦୁଧର୍ମରେ ସମାନତା ଆଣିବା ପାଇଁ ସେ ସୁପ୍ରସିଦ୍ଧ ହିନ୍ଦୁ କୋଡ୍ ବିଲ୍ ସଂସଦରେ ଆଗତ କରିଥିଲେ। ରକ୍ଷଣଶୀଳଙ୍କ ପ୍ରବଳ ବିରୋଧ ଯୋଗୁଁ ଏହା ମଧ ଗୃହିତ ହୋଇପାରିଲା ନାହିଁ। ଫଳରେ କ୍ଷୋଭର ସହିତ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ସେ ଇସ୍ତଫା ଦେଇଥିଲେ ଓ ପରେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ।

ଏହାକୁ ନେଇ ରାଜନୈତିକ ପାର୍ଟି ଓ ସାମାଜିକ ସଂଗଠନଗୁଡିକ ତରଫରୁ ମିଶ୍ର ପ୍ରତିକ୍ରିୟା ରହିଛି। ଶିବସେନା (ଉଦ୍ଧବ) ଓ ଆପ୍ ଏହାକୁ ସମର୍ଥନ କରନ୍ତି। ବିଏସପି ଏପ୍ରକାର ନିୟମକୁ ସମର୍ଥନ କରୁଥିଲେ ହେଁ ବିଜେପିର ସଂକୀର୍ଣ୍ଣ ମନୋଭାବ ଉପରେ ପ୍ରଶ୍ନ ଉଠାଇଛି। କଂଗ୍ରେସ ପ୍ରତିକ୍ରିୟାକୁ ଗଚ୍ଛିତ ରଖି କହିଛି ପ୍ରକୃତ ଚିଠାବିଲ୍ ଉପସ୍ଥାପନ ହେଲାପରେ ମନ୍ତବ୍ୟ ଦେବେ। ଅନେକ ରାଜନୈତିକ ଦଳ ଏହା ଉପରେ କିଛି କହିବାରୁ କ୍ଷାନ୍ତ ରହୁଛନ୍ତି। କେତେକ ରାଜନୈତିକ ଦଳ ସହିତ ଅନେକ ଆଦିବାସୀ ସଂଗଠନ ଏହାକୁ ଘୋର ବିରୋଧ କରିବାର ଦେଖାଯାଉଛି। ସଂଖ୍ୟାଲଘୁମାନଙ୍କ ମଧ୍ୟରୁ ଇସଲାମ୍ ଧର୍ମାବଲମ୍ବୀମାନେ ଭାବୁଛନ୍ତି ଏହା ତାଙ୍କ ବିରୁଦ୍ଧରେ ତାଙ୍କୁହିଁ ଲକ୍ଷ୍ୟକରି ଅଣା ଯାଉଛି। ସମସ୍ତ ମହଲରେ ଏହା ଏକ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ଚର୍ଚ୍ଚା ଓ ବିତର୍କ ହେବା ସ୍ୱାଗତଯୋଗ୍ୟ ବିଷୟ। ପ୍ରତ୍ୟେକ ଧର୍ମ, ଜାତି ଓ ସମ୍ପ୍ରଦାୟର ଲୋକଙ୍କୁ ମଧ ଏହି ବିତର୍କରେ ଯେତେ ସାମିଲ କରାଯିବ ସେତେ ଭଲ। ବିଭିନ୍ନ ସ୍ଥାନରେ ଆଲୋଚନା ସଭା ହେବା ଜରୁରୀ। ସଂସଦରେ ମଧ ଏହା ଉପରେ ବିତର୍କ ହେଉ। ଯାହା ଫଳରେ ଏକ ସର୍ବାଦୃତ ଉତ୍କୃଷ୍ଟ ନିୟମ ଆମେ ପାଇପାରିବା। ସପକ୍ଷ ଓ ବିପକ୍ଷରେ ଯେତେ ଆଲୋଚନା ହେବ ପ୍ରସ୍ତାବିତ ନିୟମର ଦୋଷଦୁର୍ବଳତା ସେତେ ପଦାରେ ପଡିବ ଏବଂ ଏହାର ଉପାଦେୟତା ଓ ଅନୋପାଦେୟତା ସେତେ ବୋଧଗମ୍ୟ ହେବ।

ସପକ୍ଷବାଦୀଙ୍କ ଯୁକ୍ତି ହେଉଛି ଗୋଟିଏ ଦେଶରେ ଗୋଟିଏ ପ୍ରକାର ନିୟମ ହେବା ଜରୁରୀ। ଏହା ରାଷ୍ଟ୍ରୀୟ ଏକତାକୁ ମଜଭୂତ କରିବ। ଅମାନବୀୟ ଓ ଅନୈତିକ ସାମାଜିକ ବିଧିବିଧାନକୁ ସମାପ୍ତ କରିବ। ପ୍ରାୟତଃ ସମସ୍ତ ବିକଶିତ ରାଷ୍ଟ୍ର ସମାନ ନାଗରିକ ନିୟମକୁ ଅନୁସରଣ କରନ୍ତି। ଭାରତବର୍ଷ ଭିତରେ ଗୋଆରେ ଏହିପ୍ରକାର ନିୟମ ରହିଛି। ପର୍ତ୍ତୁଗୀଜ ଶାସନରୁ ମୁକ୍ତ ହେବାପରେ ୧୯୬୨ ରୁ ସେଠାରେ ଏହା ଲାଗୁ ହୋଇ ଆସୁଛି। ଏହାକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ। ପ୍ରତ୍ୟେକ ଧର୍ମ, ସମ୍ପ୍ରଦାୟ ଓ ଗୋଷ୍ଠୀ ସେମାନଙ୍କ ସ୍ୱତନ୍ତ୍ରତା ବଜାଇ ରଖିବେ। ଗୋଟିଏ ଉତ୍କୃଷ୍ଟ ଓ ପ୍ରଗତିଶୀଳ ସମାଜ ପାଇଁ ଯାହା ଆବଶ୍ୟକ ତାକୁହିଁ ଗୁରୁତ୍ୱ ଦିଆଯିବ। ସମାନତା ଉପରେ ଗୁରୁତ୍ୱ ଦିଆଯିବ। ନାରୀ ସ୍ୱାଧୀନତାକୁ ସ୍ୱୀକାର କରାଯିବ ଓ ତାଙ୍କୁ ପୁରୁଷ ସହିତ ସମାନ ବୋଲି ବିବେଚନା କରାଯିବ। ଉତ୍ତରାଧିକାରୀ ସୂତ୍ରରେ ସେମାନେ ମାଲିକାନା ହକ୍ ପାଇବେ। ଜନସଂଖ୍ୟା ନିୟନ୍ତ୍ରଣକୁ ନିଶ୍ଚିତ କରାଯିବ। ବହୁପତ୍ନୀ ଓ ବହୁପତି ଗ୍ରହଣକୁ ନିରୁତ୍ସାହିତ କରାଯିବ। ଘୃଣା-ଦ୍ୱେଷ ସୃଷ୍ଟିକାରୀ ସାମାଜିକ ବିଭେଦକୁ ଦୂର କରାଯିବ। ଏପରି ଅନେକ ଲୋଭନୀୟ ଓ ମନ ମତାଣିଆ କଥା ସପକ୍ଷ ବାଦୀମାନେ କହୁଛନ୍ତି। ଗୋଟିଏ ବିଭେଦଶୂନ୍ୟ ମମତାପୂର୍ଣ୍ଣ ଉନ୍ନତ ସମାଜ କଥା ଏମାନେ କହୁଛନ୍ତି। ଭାଷା, ସଂସ୍କୃତି, ପରମ୍ପରା ଓ ବିଶ୍ୱାସ ଉପରେ ଏ ନିୟମ କୌଣସି ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ ବୋଲି ଏମାନଙ୍କ ଯୁକ୍ତି। ଆଗରୁ ଫୌଜଦାରୀ ଆଇନରେ ସମାନତା ରହିଛି। ଏବେ ଦେୱାନି ନିୟମ କ୍ଷେତ୍ରରେ ସରକାର ସମାନତା ଆଣିବାକୁ ଚାହୁଁଛନ୍ତି।

ପ୍ରସ୍ତାବିତ ନିୟମକୁ ନେଇ ବିପକ୍ଷବାଦୀଙ୍କ ଯୁକ୍ତି ଭିନ୍ନ। ତାଙ୍କ ଯୁକ୍ତି ଯେ ପ୍ରଗତିଶୀଳ ଆଭିମୁଖ୍ୟ ନେଇ ଏ ନିୟମ ଅଣାଯାଉ ନାହିଁ। ବିଜେପି ଏହି ନିୟମର ଆଢୁଆଳରେ ମନୁସ୍ମୃତିକୁ ସ୍ଥାପନ କରିବାକୁ ଚାହୁଁଛି। ହିନ୍ଦୁତ୍ୱବାଦୀ ବିଚାରକୁ ସମସ୍ତଙ୍କ ଉପରେ ଲଦିଦେବାକୁ ଚାହୁଁଛି। କାରଣ ବିଜେପି ଯେଉଁପରି ଦୃଷ୍ଟିଭଙ୍ଗୀ ପୋଷଣ କରିଆସିଛି, ସେଥିରୁ ଏହା ସ୍ପଷ୍ଟ ଅନୁମେୟ। ଏହା ଆଣିବା ପଛରେ ଧାର୍ମିକ ଆଧିପତ୍ୟବାଦୀ ମାନସିକତା ରହିଛି। ସେଇଥିପାଇଁ ଏ ବିଷୟକୁ ବିତର୍କ ଟେବୁଲକୁ ଅଣୁନାହିଁ। ଚୁପଚାପ୍ ଏହାକୁ ପାରିତ କରେଇ ନେବାକୁ ଚାହୁଁଛି। ଏହା ଉପରେ ବ୍ୟାପକ ବିତର୍କ ହେଉ। ବିଭିନ୍ନ ଧର୍ମ, ସମ୍ପ୍ରଦାୟ, ଜାତି ଓ ଜନଜାତି ମଧ୍ୟରେ ଯେଉଁ ଆଶଙ୍କା ଦେଖାଦେଇଛି, ତାହାକୁ ଆଲୋଚନା ମାଧ୍ୟମରେ ସରକାର ହଟାଇବାକୁ ଚେଷ୍ଟା କରନ୍ତୁ। ଭାରତବର୍ଷ ବହୁ ଧର୍ମ, ବହୁ ସମ୍ପ୍ରଦାୟ, ବହୁ ଜାତି ଓ ବହୁବିଧ ବିଶ୍ୱାସର ଦେଶ। ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ସାମ୍ବିଧାନିକ ନିର୍ଦ୍ଦେଶ। ଦମନର ଆଭିମୁଖ୍ୟ ନେଇ ଏପରି ବିଲ୍ ଅଣା ନଯାଉ।

ଯେଉଁ ପ୍ରଗତିଶୀଳ ଗୋଷ୍ଠୀ ବିଭିନ୍ନ ଧର୍ମ ମଧ୍ୟରେ ଥିବା ବିଭେଦକୁ ହଟାଇ ସମାନତା ଆଣିବାକୁ ଚାହାଁନ୍ତି ସେମାନଙ୍କ ଯୁକ୍ତି ହେଉଛି ବିଜେପି ସରକାର ପ୍ରଥମେ ପ୍ରାଧାନ୍ୟ ଦେଉଥିବା ହିନ୍ଦୁଧର୍ମ ମଧ୍ୟରେ ଥିବା ସମସ୍ତ ବିଭେଦକୁ ହଟାଇ ସମାନତା ଆଣନ୍ତୁ। ବିଭେଦର ଜନକ ବର୍ଣ୍ଣବ୍ୟବସ୍ଥାକୁ ହଟାନ୍ତୁ। ସ୍ପଷ୍ଟ କରନ୍ତୁ କୌଣସି ଗୋଟିଏ ଧର୍ମର ନୀତିନିୟମକୁ ଭିନ୍ନ ଧର୍ମ ଉପରେ ଲଦାଯିବ ନାହିଁ। ଆଦିବାସୀମାନଙ୍କ ସାଂସ୍କୃତିକ ଓ ପାରମ୍ପରିକ ସ୍ୱତନ୍ତ୍ରତା ବଜାଇ ରହିବ। ଶିକ୍ଷାନୁଷ୍ଠାନ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟରେ କୌଣସି ଗୋଟିଏ ଧର୍ମର କାର୍ଯ୍ୟକ୍ରମ ହେବନାହିଁ, ହେଲେ ସମସ୍ତ ଧର୍ମର ହେବ। ଏଗୁଡ଼ିକରେ କୌଣସି ଗୋଟିଏ ଧର୍ମର ଦେବାଦେବୀ ଓ ଧାର୍ମିକ ମହାପୁରୁଷଙ୍କ ଫୋଟ କିମ୍ବା ପ୍ରତିମୂର୍ତ୍ତୀ ରହିବ ନାହିଁ। ରହିଲେ ସମସ୍ତ ଧର୍ମର ରହିବ। ସମାଜରେ ପୁରୁଷ ଓ ନାରୀଙ୍କୁ ସମାନ ଅଧିକାର ମିଳିବ। ନାରୀମାନେ ପୁରୁଷ ତୁଲ୍ୟ ସମସ୍ତ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିପାରିବେ। ନିଜ ଧର୍ମ ମଧ୍ୟରେ କାହାରିକୁ କୌଣସି ଧର୍ମ ଅନୁଷ୍ଠାନରେ ପ୍ରବେଶ ପାଇଁ ବାରଣ କରାଯାଇ ପାରିବ ନାହିଁ। ସମାନତାର ବିରୋଧି ବର୍ଣ୍ଣବ୍ୟବସ୍ଥା ଓ ଏଥିରୁ ଜାତ ଜାତିବାଦ ହଟିବ। ସମାଜରେ ଥିବା ସମସ୍ତ ବିଭେଦ ହଟିବ। ଏକ ସମତାଭିତ୍ତିକ ସମାଜ ଗଠିତ ହେବ। ଏସମସ୍ତ ବିଷୟ ମଧ୍ୟ ଇଉନିଫର୍ମ ସିଭିଲ କୋଡ଼ର ଅଂଶବିଶେଷ ହେଉ। କୌଣସି ପ୍ରକାର ଧାର୍ମିକ ପକ୍ଷପାତିତ ନରହୁ।


ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦


## ଲୋକେ ସବୁ ଜାଣୁଛନ୍ତି



### ଗୋପାଳ ମହାପାତ୍ର

ଲୋକସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ସବୁ ରାଜନୈତିକ ଦଳ ପାଇଁ ୨୦୨୪ ମର୍ଯ୍ୟଦାର ପ୍ରଶ୍ନ ପାଲଟିଛି । ଏଥିପାଇଁ ଏଥରର ନିର୍ବାଚନ ସାମ-ଦାମ-ଦଣ୍ଡ-ଭେଦ ଦ୍ୱାରା ଏପାରି ନହେଲେ ସେ ପାରିର ଲଢେଇ ଉପରେ ଆଧାରିତ ହେବ । କିଏ ଜିତିବ ଏବଂ କେନ୍ଦ୍ରରେ ସରକାର ଗଠନ କରିବ ସେ ସମ୍ପର୍କରେ ଏବେଠାରୁ କିଛି କହି ହେବ ନାହିଁ । ଏ ସମ୍ପର୍କରେ ମାତ୍ର ଆକଳନ କରାଯାଇପାରେ କାରଣ ଜନତା ହେଉଛନ୍ତି ଭାଗ୍ୟ ବିଧାତା ଯେଉଁମାନେ ଭୋଟ ପ୍ରସଙ୍ଗରେ ନିଷ୍ପତ୍ତି ନେବେ । ନିର୍ବାଚନର ଫଳାଫଳ ବାବଦରେ ଅନେକ ସଂସ୍ଥା ଆକଳନ କରିଥାନ୍ତି କିନ୍ତୁ ସେସବୁ ଯେ ସତ ପ୍ରତିଶତ ପ୍ରତିଫଳିତ ହୁଏ ତା ନୁହେଁ । ଦୁଷ୍ପ୍ରଚାର କରି ଦେଶର ଭୋଟରମାନଙ୍କୁ ଏହି ଆକଳନକାରୀ ମାନେ ଅନେକ ସମୟରେ ବିଭ୍ରାନ୍ତି କରିଥାନ୍ତି । ଏକଥା ମଧ ସତ୍ୟ ଯେ ଏବେର ସମୟରେ ଦୁଷ୍ପ୍ରଚାର ଏକ ବଡ ବ୍ୟବସାୟରେ ପରିଣତ ହୋଇଛି । ଦେଶର ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ । ଯେତେବେଳେ ସେମାନଙ୍କୁ ଭବିଷ୍ୟତ ଅନ୍ଧକାର ଦେଖାଯାଏ ସେତେବେଳେ ଜୀବନ ଜାପନ ବା ପରିବାରର ପାଳନ-ପୋଷଣ ପାଇଁ ଲୋଭର ବଶବର୍ତ୍ତୀ ହୋଇ ସାଧାରଣ ଲୋକଙ୍କୁ ଭୁତେଇବା ବା ଭ୍ରମିତ କରିବା ପାଇଁ ଏଭଳି କରିଥାନ୍ତି । ପୁଣି ଯେତେବେଳେ ନିର୍ବାଚନ ପ୍ରଚାରର ଖେଳ ସରିଯାଏ ସେତେବେଳେ ସେଇ ଯୁବ ବର୍ଗ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇଥାନ୍ତି । ବେରୋଜଗାରି ଯୁବ ବର୍ଗ କରିବେ ତ କ'ଣ କରିବେ ? ନିର୍ବାଚନ ବେଳେ ଏବେ ଯେମିତି ଭୁଲ ବାଟରେ ଅର୍ଥ ବ୍ୟୟ କରାଯାଉଛି ତାହା ମଧ କିଛି ଲୋକଙ୍କ ପାଇଁ ହିତକର ସାବ୍ୟସ୍ତ ହେଉଛି ଯେଉଁ ମାନଙ୍କ ପାଖରେ କୌଣସି ରୋଜଗାର ନାହିଁ । ଏମାନଙ୍କୁ କିଛି ଦିନ ପାଇଁ ଝଣ୍ଡା ବ୍ୟାନର୍ ଧରିବା, ରାଲୀରେ ଯିବା କାରଣରୁ ରୋଜଗାର ମଧ ମିଳିଯାଏ । କିନ୍ତୁ ପ୍ରଶ୍ନ ହେଉଛି ନିର୍ବାଚନ ଜିତିବା ପାଇଁ ରାଜନୈତିକ ଦଳମାନଙ୍କ ପାଖକୁ ଏତେ ଅର୍ଥ ଆସେ କେଉଁଠୁ ? ଏହା ହିଁ ତ ନିର୍ବାଚନୀ ବଣ୍ଡର କାହାଣୀ । ଏହି ଧଳା ହେଉ ବା କଳା ହେଉ ଧନର ବ୍ୟବହାରକୁ ଜାଣିବା ବୁଝିବା ପାଇଁ ଏପରିକି ଏହାକୁ ରୋକିବା ପାଇଁ ସୁପ୍ରିମକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡିଲା । ଏବେ ଦେଶର ଜନସାଧାରଣ ନିର୍ବାଚନୀ ବଣ୍ଡ ଆକାରରେ କିଏ କେତେ ନେଇଛି ସେ ବାବଦରେ ଜାଣି ସାରିଲେଣି । କିନ୍ତୁ ଚୋର ଧରାପଡିଲେ ମଧ ଯେମିତି ଚୋରୀ ବାବଦରେ ସ୍ୱୀକାର କରେ ନାହିଁ ସେହିଭଳି ଏମାନେ ମଧ ସ୍ୱୀକାର କରିବାକୁ ନାରାଜ । ସହଜରେ କେମିତି ସ୍ୱୀକାର କରିଯିବେ ?

ନିର୍ବାଚନୀ ବଣ୍ଡର ରହସ୍ୟ କେମିତି ଦେଶର ଜନସାଧାରଣ ନ ଜାଣନ୍ତୁ ସେଥିପାଇଁ ଅନେକ ପ୍ରଚେଷ୍ଟା ହୋଇଛି କିନ୍ତୁ ସୁପ୍ରିମକୋର୍ଟ ପ୍ରଚେଷ୍ଟାକୁ ବିଫଳ କରିଦେଇଥିଲେ । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ନିର୍ବାଚନୀ ବଣ୍ଡ ବା ନିର୍ବାଚନ ପାଇଁ ମିଳିଥିବା ଚାନ୍ଦାର ଟିକିନିଖି ହିସାବ ମାଗିଥିଲେ ଏବଂ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଯେଉଁ ତଥ୍ୟ ନିର୍ବାଚନୀ ବଣ୍ଡ ବାବଦରେ ଦେଇଛି ତାହା ସତ ପ୍ରତିଶତ ଠିକ୍ ବୋଲି ଏକ ଶପଥ ପତ୍ର(ଆଫିଡେଭିଟ) ଦେବା ପାଇଁ ଷ୍ଟେଟ ବ୍ୟାଙ୍କର ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ଆଦେଶ ପରେ ଏ ସମ୍ପର୍କରେ ତଥ୍ୟ ଲୁଚାଇବାର ସବୁ ବାଟ ବନ୍ଦ ହୋଇଯାଇଥିଲା । ବାଧ ହୋଇ ଷ୍ଟେଟ ବ୍ୟାଙ୍କ ନିର୍ବାଚନୀ ବଣ୍ଡ ଆକାରରେ ଆସିଥିବା ସବୁ କଳାଧନର ଚିଠା ନିର୍ବାଚନ କମିସନଙ୍କୁ ଦେଇଥିଲେ ନିର୍ବାଚନ କମିଶନ ସେ ସବୁକୁ ସାର୍ବଜନୀନ କରିଛନ୍ତି । ନିର୍ବାଚନୀ ବଣ୍ଡମାଧମରେ ଆସିଥିବା ଅର୍ଥର ଅଧିକ ଭାଗ କେନ୍ଦ୍ରର ବିଜେପି ପାଖକୁ ଯାଇଛି । ବିଜେପି ଯେଉଁ ଧନ କୁବେରମାନଙ୍କ ଠାରୁ ଚାନ୍ଦା ନେଇଛି ସେମାନେ ସ୍ୱତଃ ପ୍ରବୃତ୍ତ ଭାବେ ତ ଏହି ଅର୍ଥ ଦେଇନଥିବେ ? ଏ ପ୍ରସଙ୍ଗରେ ମଧ ତଦନ୍ତ ହେବା ଆବଶ୍ୟକ । ତଦନ୍ତ କରାଯିବାର ପ୍ରାସଙ୍ଗିକତା ଏଇଥିପାଇଁ ଯେ ଏବେ ଅଭିଯୋଗ ଉଠିଲାଣି କିଛି ବ୍ୟବସାୟୀ ଓ କର୍ପୋରେଟ ହାଉସକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆୟକର ବିଭାଗ ଏବଂ ସିବିଆଇର ଭୟ ଦେଖାଇ ଶାସକ ବିଜେପି ଏତେ ପରିମାଣର ଅର୍ଥ ପାଇଛି । ଶାସକ ବିଜେପି ଏତେ ପରିମାଣର ଅର୍ଥ ପାଇବା ପରେ ସେମାନଙ୍କୁ ଉପକୃତ କରାଇଥିବ ନିଶ୍ଚୟ ।

ଏବେ ନିର୍ବାଚନୀ ବଣ୍ଡ ବାବଦରେ ତଥ୍ୟ ସାର୍ବଜନୀନ ହେବା ପରେ ଜାମ୍ମୁ କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ଅଭିଯୋଗ ଠିକ ବୋଲି ମନେ ହେଉଛି । ଶ୍ରୀଯୁକ୍ତ ମଲ୍ଲିକଙ୍କ ଅଭିଯୋଗ ଥିଲା ଯେ ଏକ ଠିକା କାମ ପାଇଁ ତାଙ୍କୁ ୩୦୦କୋଟି ଟଙ୍କାର ଲାଞ୍ଚ ଯଚାଯାଇଥିଲା । ସତ କଥା ପ୍ରକାଶ କରିବା କାରଣରୁ ତାଙ୍କୁ ରାଜ୍ୟପାଳ ପଦରୁ ହଟାଇ ଦିଆଯାଇଥିଲା ଏବଂ ତାଙ୍କ ଘରେ ସିବିଆଇ ପକ୍ଷରୁ ଚଢାଉ କରାଯାଇଥିଲା । ଏଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ସରକାର ଏ ସବୁ ପ୍ରସଙ୍ଗ ବା ଦୋଷକୁ ଲୁଚାଇବା ପାଇଁ ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ଘରେ ସିବିଆଇର ଚଢାଉ କରାଇଥିଲେ ଏବଂ ପୂର୍ବତନ ରାଜ୍ୟପାଳ ହିସାବରେ ତାଙ୍କୁ ଯେଉଁ ସବୁ ସୁବିଧା ସୁଯୋଗ ଦିଆଯିବା କଥା ସେ ସବୁକୁ ପ୍ରତ୍ୟାହାର କରିନେଇଥିଲେ । ଏବେ ସାରା ଦେଶରେ ଆଲୋଚନା ହେଉଛି ଯେ ବିଜେପି ଏକ ୱାସିଙ୍ଗ ମେସିନ ପାଲଟିଯାଇଛି ଏବଂ ଯେଉଁମାନେ ବିଜେପିକୁ ଆସୁଛନ୍ତି (ଅନ୍ୟ ଦଳର ଦୁର୍ନୀତିଗ୍ରସ୍ତ ନେତା) ସେମାନେ ପୁରା ସଫା ବା ଦୁର୍ନୀତି ମୁକ୍ତ ହୋଇଯାଉଛନ୍ତି । କିନ୍ତୁ ଯେଉଁମାନେ ମୁହଁ ଖୋଲୁଛନ୍ତି ବା ସରକାରଙ୍କୁ ବିରୋଧ କରିବାର ସାହସ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଏପରିକି ସେମାନଙ୍କୁ ଜେଲରେ ଠୁଙ୍କି ଦିଆଯାଉଛି ।

ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହା କହିଛନ୍ତି ଯେ ୨୦ ହଜାର କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ମଧ୍ୟରୁ ସାଢେ ୬ ହଜାର କୋଟି ଟଙ୍କା ବିଜେପିକୁ ମିଳିଛି । ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବାକି ଟଙ୍କା କାହା ପାଖକୁ ଯାଇଛି । ଅମିତ ଶାହା କହିଛନ୍ତି ଯେ ସତ ଖୋଲିଲେ ଅନେକ ରାଜନୈତିକ ଦଳ ମୁହଁ ଦେଖାଇ ପାରିବେ ନାହିଁ । ଅମିତ ଶାହାଙ୍କ କଥା ଅନୁସାରେ ତୃଣମୂଳ କଂଗ୍ରେସ ଏବଂ କଂଗ୍ରେସ ଦଳ ମଧ ଅଧିକ ଚାନ୍ଦା ପାଇଛନ୍ତି । ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଏ ପ୍ରସଙ୍ଗରେ ଆଉ ପାଦେ ଆଗେଇ ଯାଇ କହିଛନ୍ତି କଂଗ୍ରେସକୁ ମିଳିଥିବା ଚାନ୍ଦା କ'ଣ ରାହୁଲ ଗାନ୍ଧୀ ଫେରେଇ ଦେବେ କି? ଏହାର ଅର୍ଥ କ'ଣ? ବୋଧ ହୁଏ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ କହିବାକୁ ଚାହୁଁଛନ୍ତି ଯେହେତୁ ବିଜେପି ଶାସନରେ ରହିଛି ତେଣୁ ଚାନ୍ଦା ପାଇବା ବିଜେପିର ଅଧିକାର, କିନ୍ତୁ ଅନ୍ୟ ଦଳମାନେ ଚାନ୍ଦା ନେବାକୁ ସାହାସ କଲେ କେମିତି ? ଏମିତି ଅନେକ ତର୍କ ଶୁଣିବାକୁ ମିଳୁଛି । ସାରା ଦେଶର ଲୋକେ ଏ ଘଟଣା ପାଇଁ ଲଜ୍ଜା ଅନୁଭବ କରୁଛନ୍ତି । କିନ୍ତୁ ସେଭଳି ସ୍ଥିତିରେ ବିଜେପି ନିଜକୁ ଦୋଷମୁକ୍ତ ବୋଲି କହିବାକୁ ଚାହୁଁଛି ଏବଂ ଅଭିଯୋଗରୁ ନିଜକୁ ଦୂରେଇ ରଖୁଛି । ମାନ୍ୟବର ସୁପ୍ରିମକୋର୍ଟ ନିର୍ବାଚନୀ ବଣ୍ଡ ବାବଦରେ କୁତର୍କକୁ ଅଣଦେଖା କରିଥିଲେ । ଏଣୁ ବିଜେପି ନିଜକୁ ଦୋଷୀ ନୁହେଁ ବୋଲି କହିବ ବା କହୁଛି କେମିତି ?

ଦେଶରେ ଏବେ ଭାଇଚାରା ନଷ୍ଟ ହେବାରେ ଲାଗିଛି ବେରୋଜଗାରି ବଢିଛି । କଳାଧନକୁ ନିର୍ବାଚନୀ ବଣ୍ଡରେ ପରିବର୍ତ୍ତନ କରାଯାଇଛି । ଏସବୁ କଥା ଦେଶର ଜନସାଧାରଣ ଜାଣିସାରିଲେଣି। କିନ୍ତୁ ବିଜେପି କହୁଛି ଯେ ଅନ୍ୟ ଦଳମାନେ ମଧ ଚାନ୍ଦା ନେଇଛନ୍ତି । ଦେଶର ଲୋକେ ଏକଥା ମଧ ଦେଖୁଛନ୍ତି ଯେ ଇଡି, ସିବିଆଇକୁ ଲଗାଇ ଅନ୍ୟ ବିରୁଦ୍ଧରେ ଅଭିଯୋଗକୁ ସାବ୍ୟସ୍ତ କରାଇବାର ଚେଷ୍ଟା କରାଯାଉଛି ଓ ବିଜେପିକୁ କେମିତି ଦୋଷମୁକ୍ତ କରାଯାଉଛି ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)





### ଭଙ୍ଗା କୁଡ଼ିଆ
### ଟିକେମଣି ବୁଧିଆ

ଆମ ଘର ଠାରୁ ପଚାଶ ମିଟର ଦୂରତା
ଅନେଇ ଦେଲେ ସେ ଭଙ୍ଗା କୁଡ଼ିଆର ଦୃଶ୍ୟ,
ଦେଖାଯାଏ ଭୂତ କୋଠୀ ଭଳି
କିନ୍ତୁ ସେଥିରେ ଜଣେ ଅଛନ୍ତି ଅବଶ୍ୟ।
ସେ ବ୍ୟକ୍ତି ପାଖରେ ନିଜସ୍ୱ ବୋଲି କିଛି ନାହିଁ
ଖାଲି ସେହି ଭଙ୍ଗା କୁଡ଼ିଆ ଛଡ଼ା,
କାହା ଉପରେ ନିର୍ଭର କରନ୍ତିନି ବଞ୍ଚିବାକୁ
ପାଖରେ ଥିବା ଦୁଇ ଚାରି ଘର ଛଡ଼ା।
ଅର୍ଜୁନ ଦଦାର ବୟସ ପାଖାପାଖି
ସତୋରି ବର୍ଷ ହେଲାଣି ବୋଲି କହନ୍ତି,
ଭତ୍ତା ଓ ପାଞ୍ଚ କେଜି ଚାଉଳ ବି ମିଳେ ହେଲେ
ସେ ମଦ ଗଞ୍ଜେଇ ନିଶା ଟିକେ ବି ଖାଆନ୍ତି ।
ଝିଅଟିଏ ଥିଲା ଅନେକ ଦିନ ହେଲା ଶାଶୁଘରେ
ବାପାଙ୍କୁ କହେ ମୋ ଘରକୁ ଚାଲିଆ କିନ୍ତୁ
ମୋ ଜନ୍ମ ଭୂମିକୁ ଛାଡ଼ି ଯିବିନି କହେ ସର୍ବଦା,
କାହିଁ କେତେ ଦିନେ କୁଡ଼ିଆ ଖଣ୍ଡେ ବାନ୍ଧିଥିଲା
ହେଲେ ପରିଣତ ବୟସରେ ଘର ଭାଙ୍ଗି ଯାଇଛି
ଜୀବନ କାଟୁଛି ଭଙ୍ଗା କୁଡ଼ିଆ ରେ ଅର୍ଜୁନ ଦଦା ।
ବର୍ଷା ପବନର ବେଗରେ ରହିବାକୁ ବି
ଡର ଲାଗେ ରହିବାକୁ ତା ଭଙ୍ଗା କୁଡ଼ିଆରେ,
ହେଲେ ତାକୁ ଇଚ୍ଛା ହୁଏନି ନିଜ ଘର ଛାଡ଼ି ଯିବାକୁ
ରହିଯାଏ ସେ ଭଙ୍ଗା କୁଡ଼ିଆ ଭିତରେ।
ଅର୍ଜୁନ ଦଦାର ତା ମନ ହୃଦୟର ଦୁଃଖକୁ
ସର୍ବଦା ଚାପିରଖେ ତା ହୃଦୟ ଭିତରେ,
ବେଳେବେଳେ ବାଢ଼ିଦିଏ ତା ଦୁଃଖକୁ
ଆପଣା ଭାବି ମୋ ଆଗରେ ।
ଅର୍ଜୁନ ଦଦାର ଦୁଃଖର କଥାକୁ ଶୁଣିଲେ
ସର୍ବଦା ନୟନରୁ ଲୁହ ଝରେ,
ହେଲେ ତା ଦୁଃଖର ପସରା
ବାଢ଼ିବାର ସମୟ କହିଲେ ନସରେ ।
ସତରେ ଅନ୍ୟ ଦୁଃଖର ଦୂର ନହେଲେ
କଣ ହେଲା ଯେ ସରକାରଙ୍କ ଘର ଯୋଜନାରେ
ଘର ଖଣ୍ଡେ ତ ମିଳିଥାନ୍ତା ଅର୍ଜୁନ ଦଦାକୁ ,
ଯେତେ କହିଲେ ବି ଶାସନ ପ୍ରଶାସନର ଆଖି ଅର୍ଜୁନ
ଦଦାର ଭଙ୍ଗା କୁଡ଼ିଆ ରେ ପଡୁନି ଆଉ କେବେ ?
ପଡ଼ିବ ଯେ ମଲା ପରେ କୁଡ଼ିଆ ମିଳିବ କାହାକୁ ?


ରେଙ୍ଗସାପାଲି କଳାହାଣ୍ଡି
ମୋ ୭୭୪୯୦୦୯୦୬୧


### ଦିନେ ଏଇ ରଙ୍ଗ
### ଭାସ୍କର ରାଉତ

ରଙ୍ଗ ରଙ୍ଗିଲାଙ୍କ ପୀରତିକୁ ଦେଖ
ନବ ନିର୍ମାଣିତ ସେତୁ
ପାଞ୍ଚ ବରଷରେ ଆସଇ ସେ ଥରେ
ନଭାବ ଏହା ଫାଲତୁ।

ସମୟ ନାହିଁ କାହାକୁ,
ଅସ୍ତ୍ର ଉପଚାର ହୁଏ ପ୍ରତିଥର
ସମସ୍ୟା ବଢ଼େ ଆଗକୁ।

ଭଳି ଭଳି ଭତ୍ତା କମଳଠୁ ଯୋଡା
ଟଙ୍କାର ବି କାରବାର
ସୁରା ସାକୀସାଥେ ଭୋଜିଭାତ
କେତେ
ମନଭୁଲା ଇସ୍ତାହାର।

ପ୍ରତିଶ୍ରୁତିକୁ ଦିଅନ୍ତି,
ରଙ୍ଗ ଅଭାଗାର ନ ବଦଳେ ତା'ର
ଯାଇ ଦାଦନ ଖଟନ୍ତି ।

ମିଛେ ସିଂହପରି ଗର୍ଜନକୁ କରି
ଶୃଗାଳେ ଶୁଣାଉଥାନ୍ତି
ବିଲେଇ ପରିକା କରିଣ ତରିକା
ମୂଷାଙ୍କୁ ଗିଳି ଚାଲନ୍ତି।
ବଗସାଜେ ବୁଦ୍ଧିଜୀବି,
ଛାଡ଼ିଗଲେ ରଙ୍ଗ ହେବ ମୋହ ଭଙ୍ଗ
ଏକଥା ନଥାନ୍ତି ଭାବି।

ରଙ୍ଗ ଖେଳ ସାରି ହୋଲିକାକୁ ଧରି
କରନ୍ତି ଯେହ୍ନେ ଦହନ
ସତର୍କ ହୋଇଣ ରୁହ ସର୍ବଜନ
ଆସିବେ ସେହି ବହନ।

ଦିନେ ଏଇ ରଙ୍ଗ ପାଇ,
ଦେଖ ସେ ହରିଆ ହୋଇ ବାହାପିଆ
ଜନତାଙ୍କୁ ସେ ଭଣ୍ଡାଇ।


ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
ମୋ: ୯୭୭୬୪୮୬୬୨୮


### ଠିକଣା
### ସଦାଶିବ ବିଶ୍ୱାଳ

ଜ୍ଞାନ ଧନ ଆଉ ବିଶ୍ୱାସ ସଂସାରେ
ତିନି ମିତ୍ର ଭାବେ ଜଣା,
ଏମିତି ସମୟ ଆସିଗଲା ଦିନେ
ହୋଇଗଲେ ବାଟ ବଣା

ତିନି ମିତ୍ର ଏବେ ଅଲଗା ହୋଇଲେ
ଠିକଣା କଥା ଭାବିଲେ,
ଜ୍ଞାନ କହେ ସାଥି ମୁଁ ତ ମିଳିଯିବି
ବିଦ୍ୟାଳୟ ମନ୍ଦିରରେ

ଧନ କହେ ହସି ମୁଁ ଅଟେ ଚଞ୍ଚଳା
ଏକ ଠାବେ ନ ପାଇବ,
ଏ ହାତୁ ସେ ହାତ ହୋଇ ଚାଲୁଥିବି
ଧନୀ ପାଖେ ଦେଖା ହେବ

ଦୁଇ ମିତ୍ର ଏବେ ଚୁପ ହୋଇଗଲେ
ବିଶ୍ୱାସ ଆଖିରେ ଲୁହ,
କାରଣଟି ଥିଲା ବିଶ୍ୱାସ ଦ୍ୱିଧାରେ
ଠିକଣା ଦେବାରେ କୋହ

ନିଜର ବକ୍ତବ୍ୟ ରଖେ ମିତ୍ର ଆଗେ
ନାହିଁ ମୋ ନିଜ ଠିକଣା,
କେବେ ବି ବିଶ୍ୱାସ କେହି
ହରାଇଲେ
ମୁଁ ତ ହୁଏ ବାଟ ବଣା

ଆଉ କେବେ ମୁହିଁ ନ ଆସଇ ଫେରି
ମୋର ଠିକଣା ହଜାଏ,
ଏହା କହିବାକୁ ମନ ମୋର ଦୁଃଖେ
ଆଉଟି ପାଉଟି ହୁଏ

ଧନ ଜ୍ଞାନ ସବୁ ଚିରନ୍ତନ ନୁହେଁ
ଠିକଣା ଖୋଜିଲେ ମିଳେ,
ବିଶ୍ୱାସ ଅତୁଟ ରଖିବା ଜରୁରୀ
ନ ମିଳଇ ତୁଟି ଗଲେ


କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ, ଖଣ୍ଡଗିରି
ଭୁବନେଶ୍ୱର-୩୦







# ହାତୀ ତା' କର୍ମର ଫଳ ପାଇଲା



## ସୁବ୍ରତ ଦାସ



ଜଙ୍ଗଲରେ ହାତୀଟି ଖୁବ୍ ବଳଶାଳୀ ବୋଲି ମନରେ ଗର୍ବ ଥାଏ। ସବୁ ପଶୁ ପକ୍ଷୀ ମାନେ ତା ଭୟରେ ଲୁଚି ଯାଉଥାନ୍ତି । ଦିନେ ବିଚରା ହରିଣଟି ଜଙ୍ଗଲ ସାରା ଘୁରି ଘୁରି ଆସି ସିଂହ ଗୁମ୍ଫା ରେ ପହଞ୍ଚିଲା । ସିଂହ ସେତେବେଳେ ଶୋଇଥାଏ। ହଠାତ୍ ତାର ନିଦ ଭାଙ୍ଗିଯିବାରୁ ସେ ହରିଣକୁ ଦେଖି ଆଶ୍ଚର୍ଯ୍ୟ ହେଲା । ସମସ୍ତେ ସିଂହକୁ ବଣର ରାଜା ବୋଲି ମାନନ୍ତି ଓ ସମ୍ମାନ କରନ୍ତି । ସିଂହ ହରିଣକୁ ଦେଖି ପଚାରିଲା କଥା କଣ ! ଏତେ ଡ଼ରୁଛ କାହିଁ କି ! ହରିଣ କହିଲା, ମହାଭାଗ, ଏ ଜଙ୍ଗଲରେ ହାତୀଟି ସମସ୍ତଙ୍କୁ ଡରାଉଛି। ମାର ଧର କରୁଛି । ସବୁ ପ୍ରାଣୀ ମାନେ ତା ଭୟରେ ଅତିଷ୍ଠ ହେଲେଣି।ତାର କିଛି ବ୍ୟବସ୍ଥା କରନ୍ତୁ । ସିଂହ କହିଲା, ଠିକ୍ ଅଛି ; ମୁଁ ହାତୀ କି କହିବି । ହରିଣଟି ନିଃଶ୍ୱାସ ମାରି ତା ବସାକୁ ଫେରି ଆସିଲା । ତା ପରଦିନ ସିଂହ ହାତୀ ପାଖକୁ ଗଲା। ସାଥିରେ ବିଲୁଆ, ଭାଲୁ, ମହାବଳ, ହନୁ, ଗଧ ଓ କଜଳପାତି ଥାଆନ୍ତି । ସିଂହ ହାତୀକୁ ବୁଝାଇଲା, ହେ ଗଜରାଜ, ତୁମେ ଅଯଥା ନିରୀହ ପକ୍ଷୀଙ୍କ ବସା ଭାଙ୍ଗୁଛ । ତୁମେ ଅନ୍ୟାୟ, ଅନିତି କରୁଛ । ମାତ୍ର, ହାତୀ ସିଂହ କଥା ନ ଶୁଣିଲା ଭଳି ଚୁପ୍ ରହିଲା ।

କଜଳପାତି କହିଲା, ଆଜ୍ଞା ଆମେ ବିଚରା ପକ୍ଷୀମାନେ ଡାଳରେ ବସା ବାନ୍ଧି ରହୁଛୁ, ଆପଣ ଆମେ ରହୁଥିବା ଡ଼ାଳକୁ ଭାଙ୍ଗି ଦେଉଛନ୍ତି । ତେଣୁ ଆମେ ବାସହରା ହୋଇ ଯାଉଛୁ । ଆମ୍ଭକୁ ରକ୍ଷା କରନ୍ତୁ। ହାତୀ କହିଲା ତୁମ୍ଭେମାନେ ଏ ଜଙ୍ଗଲରେ ରହି ପାରିବନି । ତୁମେ ସବୁ କାପୁରୁଷ ଅଟ । ଆମେ ବଳଶାଳୀ ଜୀବ ଅଟୁ। ଆମେ ଜଙ୍ଗଲରେ ରହିବୁ।ସିଂହ ବୁଝାଇଲା ଦେଖ, ଗଜରାଜ, ଏ ଜଙ୍ଗଲ ସମସ୍ତଙ୍କର । ପ୍ରକୃତିର ବରଦାନ । ପ୍ରକୃତିକୁ ନଷ୍ଟ କଲେ ସଂସାର ନଷ୍ଟ ହୁଏ । ତେଣୁ ତୁମେ ମନରେ ଗର୍ବ ନ କରି ସମସ୍ତଙ୍କୁ ବଞ୍ଚିବାକୁ ଦିଅ। ମାତ୍ର ସିଂହର କଥା ହାତୀକୁ ପସନ୍ଦ ହେଲା ନାହିଁ । ଶେଷରେ ସମସ୍ତେ ନିରାଶ ହୋଇ ଫେରି ଆସିଲେ। ସମସ୍ତେ ଭଗବାନଙ୍କୁ ଡାକିଲେ । ସିଂହ କହିଲା କେବଳ ଭଗବାନ ହିଁ ତା ଗର୍ବ ଭାଙ୍ଗିବେ। ଦିନକର କଥା, ହାତୀ ଟି ଗଛ ଡାଳ ଭାଙ୍ଗୁ ଭାଙ୍ଗୁ ପିମ୍ପୁଡି ମାନେ ରହୁଥିବା ଡାଳଟି ଭାଙ୍ଗିଗଲା ।ସବୁ ପିମ୍ପୁଡ଼ି ମାନେ ଏଣେତେଣେ ବିଛୁଡ଼ି ହୋଇ ତଳେ ପଡି ଗଲେ । ଆଗରୁ ଅନେକ ଥର ଏ ହାତୀଟି ପିମ୍ପୁଡ଼ି ମାନଙ୍କ ବସା ଭାଙ୍ଗିଛି । ତେଣୁ ସବୁ ପିମ୍ପୁଡ଼ି ମାନେ ଏକଜୁଟ ହେଲେ, ଆଜି ହାତୀକୁ ପାନେ ଦେବା। ତେଣୁ ସବୁ ପିମ୍ପୁଡ଼ି ମାନେ ହାତୀ ଉପରକୁ ଚଢି ଗଲେ । କେତେକ ପିମ୍ପୁଡ଼ି ଯାଇ ହାତୀର କାନକୁ କାମୁଡି ଦେଲେ ତ ଆଉ କେତେକ ତା ଶୁଣ୍ଢ ନାକ ଭିତରେ ପଶି କାମୁଡି ଦେଲେ। ହାତୀଟି ଯନ୍ତ୍ରଣା ପାଇ ପିଟି ଛାଟି ହେଲା। ରାଗରେ କହିଲା, କିଏ ତୁମେ ? ମୋତେ ହଇରାଣ କରୁଛ । ପିମ୍ପୁଡ଼ି ମାନେ ରାଗ ସୁଝେଇବାକୁ ଯାଇ ତା କାନ, ଆଖି, ନାକକୁ କାମୁଡି ଚାଲିଲେ। ଆଉ ଯନ୍ତ୍ରଣା ସହ୍ୟ ନ କରି ପାରି ହାତୀଟି ଜୋର୍‌ରେ ଜଙ୍ଗଲରେ ଚିତ୍କାର କରି ଦୌଡ଼ି ଦୌଡ଼ି ନଦୀ ଭିତରକୁ ପଶିଗଲା । ପାଣି ଭିତରେ ପଶି ଯାଇ ନିଜ ଶରୀରକୁ ଧୋଇ ପକାଇଲା । ଏବଂ କିଛି ସମୟ ପରେ ଉପଶମ ପାଇଲା । ହେଲେ ସେ ଶିକ୍ଷା ପାଇଗଲା । ଆଉ କାହାରିକୁ ଏମିତି ହଇରାଣ ନ କରିବାକୁ ପ୍ରତିଜ୍ଞା କଲା। ସେହିଦିନଠାରୁ ସେ ଜଙ୍ଗଲ ଛାଡ଼ି ଅନ୍ୟତ୍ର ଆଡ଼କୁ ପଳେଇଗଲା। ସବୁ ପଶୁ ପକ୍ଷୀ ମାନେ ଖୁସିରେ ନାଚି ଉଠିଲେ । ସମସ୍ତେ କହିଲେ, ହାତୀ ତା କର୍ମର ଫଳ ପାଇଲା ।

+ରାଜେନ୍ଦ୍ରପୁର,
ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

# ଭିକାରୁଣୀ

## ପ୍ରଫୁଲ୍ଲ ବାରିକ




ରବିବାର ଥାଏ । ସମୟ ଦିନ ଦଶଟା ହବ। ଛୁଟୀଦିନ ହେତୁ ସୋମୁ ପୋର୍ଟିକୋରେ ବସି ସ୍କୁଲ ପଢା କରୁଥାଏ । ଗ୍ରିଲ ସେପଟେ ଶବ୍ଦଟିଏ ତା କାନରେ ବାଜିଲା - ମାଆ, ଭିକ ମୁଠେ ଦବ....। ସୋମୁ ପଢ଼ାରୁ ମୁହଁ ଉଠେଇ ଅନେଇଲା । କଳା କିଟିକିଟି ମହିଳାଟିଏ ଫଟା ଶାଢ଼ୀ ଖଣ୍ଡିକ ଗୁଡେଇ ହେଇ ସିଲଭର ବେଲା ଦେଖେଇ ମାଗୁଛି । ଏତେ ପତଳା ଦୁର୍ବଳଯେ ପବନ ଝଲକେରେ ଉଡିଯିବ । ସେଥିକୁ ପୁଣି କାଖରେ ଶିଶୁଟିଏ। ମାଙ୍କଡ଼ ଛୁଆପରି ଲଟକି ଅନେଇଛି ଜୁଳୁଜୁଳୁ । ସୋମୁକୁ ଭାରି କଷ୍ଟହେଲା ଦୃଶ୍ୟଦେଖି। ମହିଳାଟି ପୁଣିଥରେ ଦୋହରେଇଲା - ମାଆ, ଭିକ ମୁଠେ ଦିଅ....।

ସୋମୁ ଜାଣେ, ବୋଉକୁ ତା ଡାକ ଶୁଭୁନଥିବ। ବୋଉ ବ୍ୟସ୍ତଥିବ ରୋଷେଇ ଘରେ। ସୋମୁ ଉଠିଯାଇ ବୋଉକୁ କହିଲା - ଭିକ ମୁଠେ ଦେ'.., ଦୁଆରେ ଜଣେ ଠିଆ ହେଇଚି । କହି ଆସି ବସିଲା ତା ପଢା ଜାଗାରେ। ପଛେପଛେ ବୋଉ । ଭିକାରୁଣୀକୁ ଦେଖି ପାଟିକରି କହିଲେ - ରାତି ପାହୁପାହୁ ପହଂଚିଗଲ ? ତମକୁ ଆଉ ତରନାଇଁ । ଗିନାରେ ଆଣିଥିବା ଚାଉଳ ଉଜାଡି ଦେଇ ବେଲାରେ ଚାଲିଯିବାକୁ ବସିଛନ୍ତି, ଭିକାରୁଣୀର ବିକଳ ଆରତ - ମାଆ, କିଛି ଖାଇନାଇଁ । ପିଲାଟାବି ଭୁକେଇଲାଣି । ଗଣ୍ଡେ କିଛି ଦବ ପାଟିରେ ଦବାକୁ ?

-- କିଛି ନାଇଁ । ଭିକ ପାଇଲୁ, ଯାଆ...।

ବୋଉ ଚାଲିଗଲେ ତମତମ ହେଇ ।

ସୋମୁ ଦେଖୁଥାଏ ଦୃଶ୍ୟ । ତାକୁ ଭାରି ଦୁଃଖ ଲାଗିଲା । ବାଧିଲାବି ବୋଉ କଥା ଭିକାରୁଣୀ ପ୍ରତି । କେଡେ ନିଷ୍ଠୁର ବୋଉ ତା'ର ? ସେ ରାଗିଲା ମନେମନେ ବୋଉ ଉପରେ । ଭିକାରୁଣୀ ଗେଟ ଆଡ଼େ ଯିବାର ଦେଖି ସୋମୁ ଡାକି କହିଲା - ରୁହ, ମୁଁ ଦେଖୁଚି। କିଛି ମିଳେ ଯଦି... । ଭିକାରୁଣୀ ପଳେ ଭରଷା ପାଇଲା । ନଯାଇ ଠିଆ ହେଇ ରହିଲା ସେଇଠି।

ସୋମୁ ସିଧା ଆସି ଫ୍ରିଜ ଖୋଲିଲା । ଟିଫିନ ବାଟିରେ ସକାଳେ ବଞ୍ଚିଥିବା ରୁଟି ଦି'ପଟ ରହିଛି । ବୋଉ ରଖିଛି । ଖାଦ୍ୟ ସେ ନଷ୍ଟ କରେନା । ସୋମୁ ସେ ରୁଟି ନେଇ ସିଧା ତା କଂସାରେ ଥୋଇ ଦେଲା । ଭିକାରୁଣୀ କିଛି ନକହିଲେବି ତା ଶୁଖିଲା ଓଠରେ ହସ ଚେନାଏ ଫୁଟି ଉଠିବାର ସୋମୁ ଦେଖିଲା । ତାକୁ ଭାରି ଭଲ ଲାଗିଲା । ସିଏବି କଲେ ହସିଦେଲା ଆନନ୍ଦରେ ।

ବୋଉ ବୋଧେ ଜାଣିପାରିଲେ । ଆସି ଦେଖନ୍ତିତ ଭିକାରୁଣୀ ଯିବାପରେବି ସୋମୁ ଚାହିଁଛି ତା ଆଡ଼େ । ମୁହଁରେ ତାର ଫୁଟିଉଠୁଚି ଆନନ୍ଦ । ବୋଉ ପଚାରିଲେ - କଣ ଦେଲୁକିରେ ତାକୁ ?

-- ସକାଳ ରୁଟି, ଯାହା ତୁ ରଖିଥିଲୁ ଫ୍ରିଜରେ ।

ବୋଉକୁ ଚୁପ ରହିବା ଦେଖି ସୋମୁ କହିଲା - ତୁ ଟିକେ ଦେଖିଲୁନି ବୋଉ ତାଙ୍କ ଅବସ୍ଥାକୁ ? ଛୁଆଟା କିମିତି ଶୁଖି ଚମକଣ୍ଢେଇ ପରି ଅନେଇଚି ଜୁଳୁଜୁଳୁ ? ଦିହିଁକି ଦିହେଁ ଭୋକିଲା । ଶୁଣ ବୋଉ, ସମସ୍ତଙ୍କୁ ଦିଏବୋଲି ମୁଁ କହୁନି । ଅବସ୍ଥା ଦେଖିକିତ ପୁଣି ବିଚାର କରିବୁ ?

ବୋଉବି କଲେ ହସିଦେଇ ଚାଲି ଆସିଲେ ସେଠୁ । ଆସି ରୋଷେଇ ଘରେ ଭାବୁଥାଆନ୍ତି, ସୋମୁଟା କେଡେ ବୁଝିବାର ହେଇ ଗଲାଣି...।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# ଆତ୍ମୀୟତା

## ସନ୍ତୋଷ କୁମାର ଅଦାବର




ବୁଢ଼ାଟିର ନିଜର ବୋଲି କେହି ନ ଥିଲେ। କିଛି ଦିନ ଅନ୍ତରରେ ସେ ଆମ ସାହିକୁ ପ୍ରାୟ ଆସିଥାଏ । ଯିଏ ଯାହା ଦିଅନ୍ତି, ଖୁସିରେ ନେଇ ଯାଇଥାଏ । ନିତୁର ମାଆ ମଧ୍ୟ ଖୁସିରେ କିଛି ଖାଇବା ତାକୁ ଦେଇଥାନ୍ତି । ପଞ୍ଚମ ଶ୍ରେଣୀରେ ପଢୁଥିବା ନିତୁ ସେ ବୁଢ଼ାକୁ ଦେଖିବାକୁ ବହୁତ ଇଚ୍ଛା କରେ। କିନ୍ତୁ ସେ ସ୍କୁଲ୍ ଯାଇଥିବା ସମୟରେ ସେ ବୁଢ଼ାଟି ଆସିଥାଏ । ଏ କଥା ତା'ର ମାଆଠାରୁ ସେ ଶୁଣିଛି ।

ସେ ଦିନ ଥିଲା ନିତୁର ସ୍କୁଲ୍ ଛୁଟି ଦିନ । ଗୋଟିଏ ସ୍ଥାନୀୟ ପର୍ବ ଅବସରରେ ନିତୁ ଘରଠାରୁ ପାଖାପାଖି ଦୁଇ କିଲୋମିଟର ଦୂରରେ ଦୁଇ ଦିନ ହେବ ମେଳାଟିଏ ହେଉଥାଏ । ନିତୁ ସେ ମେଳା ଦେଖି ଯାଇ ନ ଥାଏ । ଠିକ୍ ପୂର୍ବାହ୍ନ ଦଶଟା ହୋଇଥିବ, ଏ ସମୟରେ କେହି ଜଣେ ଦାଣ୍ଡରୁ ତାଙ୍କ ଘର ବାଟ ସାମ୍ନାରେ ଡାକିଲା। କିଛି ମାଗୁ ଥିବା ଭଳି ଶବ୍ଦ ଥିଲା। ନିତୁ ଭଲ ଭାବରେ ସେ ଶବ୍ଦକୁ ଆବିଷ୍କାର କରି ପାରିଲା। ତା'ର ମାଆ କିଛି ଖାଇବା ନେଇକି ଘର ବାଟକୁ ଗଲେ । ନିତୁ ମଧ୍ୟ ତା'ର ମାଆଙ୍କ ପଛେ ପଛେ ଗଲା ।

ନିତୁର ମାଆ କବାଟ ଖୋଲିବା କ୍ଷଣି ସେଇ ବୁଢ଼ାଟି ପୂର୍ବରୁ ପରିଚିତ ଥିବା ଭଳି ସ୍ମିତହାସ୍ୟ କଲା। ଏହା ନିତୁ ଭଲ ଭାବରେ ଅନୁମାନ କଲା। ଭାବିଲା ଏଇଟା ବୁଢ଼ା ଯା' କଥା ତା ମାଆ ଆଗରୁ କହୁଥିଲେ । ତା'ର ମାଆ ଖାଇବା ଦେଇ ବୁଢ଼ାଟିକୁ ପଚାରିଲେ- ମଉସା, କେମିତି ଅଛନ୍ତି ? ଅତ୍ୟନ୍ତ ଖୁସିରେ ଖାଇବାତକ ନିଜ ପାତ୍ରରେ ଧରୁ ଧରୁ ବୁଢ଼ାଟି କହିଲା- ତମ ମାନଙ୍କ ଦୟାରୁ ଆଉ ଭଗବାନଙ୍କ କରୁଣାରୁ ଭଲରେ ଅଛି, ଝିଅ । ଏତକ କହି ନିତୁର ମାଆ ଫେରି ଆସିଲେ । ବୁଢ଼ାଟିକୁ ଆଜି ଦେଖି ଏବଂ ତା' ମୁହଁରେ ଖୁସି ଦେଖି ନିତୁ ତାକୁ ଚାହିଁ ରହିଥାଏ ।

ନିତୁକୁ ଦେଖି ବୁଢ଼ା ଜଣକ ମୁରୁକି ହସି ପଚାରିଲା- ତୁ କେମିତି ଅଛୁ ? ଭଲ ପଢୁଛୁ ତ ? ନିତୁ ମୁଣ୍ଡ ହଲାଇ ହଁ କରୁଥାଏ। ତା'ପରେ ବୁଢ଼ାଟି ତାକୁ ପଚାରିଲା- ଏ ତମ ପାଖରେ ମେଳା ହେଉଛି,ତୁ ଦେଖି ଗଲୁଣି ? ବୁଲି ଗଲୁଣି ? ନିତୁ ମୁଣ୍ଡ ହଲାଇ ନା କଲା । ତା'ପରେ ନିତୁ ତାକୁ ଦଶ ଟଙ୍କିଆ ମୁଦ୍ରାଟିଏ ଦେଲା ଯାହା ତା'ର ମାଆ ତାକୁ ଦେଇଥିଲେ । ପ୍ରଥମେ ବୁଢ଼ାଟି ମୁଦ୍ରାଟି ନେବାକୁ ଅମଙ୍ଗ ହେଉଥିଲା, ପରେ କିନ୍ତୁ ସେ ନେଲା ଏବଂ ଖୁସିରେ ସେଠାରୁ ଗଲା ।

ସେ ମେଳା ହେଉଥିବା ସ୍ଥାନ ନିକଟରେ ତାଙ୍କର ସମ୍ପର୍କୀୟ ରହୁଥିଲେ ମଧ୍ୟ କେହି ନିତୁକୁ ମେଳା ଦେଖି ଆସିବାକୁ ଡାକି ନ ଥିଲେ । କିନ୍ତୁ ଗରିବ ନିଃସହାୟ ବୁଢ଼ାଟି ଭିତରେ କେତେ ଯେ ଆତ୍ମୀୟତା ଥିଲା ନିତୁ ଅଳ୍ପ ବୟସର ହେଲେ ମଧ୍ୟ ଅନୁଭବ କରି ପାରୁଥିଲା । ଦିନକ ପରେ ସେ ବୁଢ଼ାଟି ନିତୁ ସ୍କୁଲ ଯିବା ପୂର୍ବରୁ ତାଙ୍କ ଘର ବାଟକୁ ଆସି ନିତୁକୁ ଡାକି ଏକ ଖେଳଣା ଦେଲା ଆଉ କହିଲା- ଏଇ ଖେଳଣା ନେ ଝିଅ। ଖେଳିବୁ। ମାଆର ମୁହଁକୁ ଦେଖୁଥାଏ ନିତୁ। ମାଆ ଅଳ୍ପ ହସି ହଁ କରିବାରୁ ନିତୁ ତା' ଠାରୁ ଖେଳଣାଟି ଗ୍ରହଣ କଲା ଆଉ ସେ ବୁଢ଼ାକୁ କହିଲା- ଅଜା,ତୁମେ ସବୁଦିନ ନିଶ୍ଚୟ ଆମ ଘରକୁ ଆସିବ । ନିତୁ ମୁହଁରୁ ଅଜା ଡାକ ଶୁଣି ବୁଢ଼ାଟିର ଆନନ୍ଦାଶ୍ରୁ ବୋହିଗଲା । ପୂର୍ବ ପରି ତାଙ୍କଠାରୁ ଖାଇବା ଗ୍ରହଣ କରି ସେ ନିଜ ବାଟରେ ଚାଲିଗଲା। ପ୍ରକୃତରେ ଯେଉଁଠାରେ ଆତ୍ମୀୟତା ବା ନିଜର କରିବାର ଗୁଣ ଥାଏ,ସେଠାରେ 'ପର' ଶବ୍ଦଟିର ବିଳୟ ଘଟିଥାଏ ଆଉ ନିଜର ବୋଲି ଉପରକୁ ଦେଖେଇ ହେଉଥିବା ସମ୍ପର୍କର ମୂଲ୍ୟ ତୁଚ୍ଛ ହୋଇଥାଏ ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

## ଶୁଣ କାଠୁରିଆ ଭାଇ

### ଆଦ୍ୟାଶା ମହାପାତ୍ର

ଶୁଣ କାଠୁରିଆ ଭାଇ
ଦେଖ ବଣ ଏବେ ପଦା ପଡ଼ିଲାଣି
ଗଛ ଆଉ କାଟ ନାହିଁ ।
କାଉ ବଣି ପକ୍ଷୀ ଆଦି
କେମିତି ବାନ୍ଧିବେ ବସାଟେ ନିଜର
ଗଛ ନରହିବ ଯଦି ।
ଗଛ ଦିଏ ଫୁଲ ଫଳ
ତାକୁ ଖାଇ ବଞ୍ଚେ ଏ ଜୀବଜଗତ
ନଥିଲେ ଘୋଟଇ କାଳ ।
ଗଛ ଦିଏ ପରା ଛାଇ
ସେଥିପାଇଁ ଠୁଳ ପଶୁ ପକ୍ଷୀ ଏଠି
ଥକା ମାରଇ ବାଟୋଇ ।
ନିଜେ ପିଇ ପିଇ ବିଷ
ଗଛ ଯାଚିଦିଏ ଶୁଦ୍ଧ ବାୟୁ ପରା
ନେବାକୁ ଆମେ ନିଃଶ୍ୱାସ ।
ଆସେ ଯେବେ ଘୂର୍ଣ୍ଣିଝଡ
ଆମ ସୁରକ୍ଷାରେ ଗଛ ପାତିଦିଏ
ନିଡର ଛାତିକୁ ତା'ର ।
ଗଛ ଥିଲେ ବର୍ଷା ଆସେ
କେତେ ଜାତି ଶସ୍ୟ ଉପୁଜାଏ ଚାଷୀ
ଫୁଲ ଫୁଟେ, ଧରା ହସେ ।

+ ନୂଆପଡା, କଟକ

## ଏକ ଥିଲା କଜଳପାତି

### ସୁନୀଲ କୁମାର ପ୍ରଧାନ

ଏକ ଥିଲା କଜଳପାତି
ଖାଉଥିଲା ପିଠା
ଦୁଇ ମାଙ୍କଡ଼ ଆସିଗଲେ
ହେଲେ ହଟହଟା ।
ତିନି ଠେକୁଆ ଖେଳୁଥିଲେ
ଜଙ୍ଗଲରେ ବୁଲି
ଚାରି ପିଜୁଳି ଝଡ଼ିଗଲା
ହସେ ଖିଲିଖିଲି ।
ପାଞ୍ଚ ଛେଳି ପିଇଲେ ଜଳ
ଖୁସି ହୋଇ ମନେ
ଛଅଟି ବାଘ ଆସୁଥିଲେ
ହୋଇକି ଯତନେ ।
ସାତ ବଗ ଧରିଲେ ମୀନ
ଆଠ ଗଲା ଖସି
ନଅ ବାଳକ ଆସୁଥିଲେ
ଦଶ ଦେଲା ହସି ।

+ଝାଟିପଦର, ପାଲୁର , ଗଂଜାମ
ମୋ - ୭୬୦୯୯୩୪୩୬୬



## ରୋଗ ନଆସିବ ପାଶେଟି

### ରାମଚନ୍ଦ୍ର ବେହେରା

ପଖାଳ ଭାତକୁ ସଜ ଘୋଳଦହି
ଭୃଷଂଗ ପତ୍ରର ଛୁଂକଟି
ଆମ୍ବ କଷି ଆଉ ଶାଗ ବଡିଚୁରା
ଖାଇବାର ମୋହ ଦିଏଟି।
ଅଦା ଲଂକା ଛେଚା ତୋରାଣୀ ସାଥୀରେ
ବାସୁଥାଏ ମହମହଟି
ଚୂନା ମାଛଭଜା ବାଇଗଣ ପୋଡା
ସୁଆଦ ନଭୁଲେ ଜିଭଟି।
ଉସୁନା ଭାତକୁ ଗାଆଁ ମୁଗ ଡାଲି
ଶଜନା ଛୁଇଁର ଭଜାଟି
ବିରି ଚକୁଳିକୁ କୁଜି ଆଳୁକସା
କିଣିନିଏ ଆଇ ମନଟି।
ପଣସ କଠାର ତରକାରୀ ଆଗେ
ସରି ନୁହେଁ ମାଛ ମାଂସଟି
ବୋଉ ହାତ ରନ୍ଧା ଦହି ବାଇଗଣ
ମନେ ଭରିଦିଏ ଖୁସିଟି।
ବସନ୍ତ ସମୟେ ନିମକଢ ଭଜା
କଖାରୁ ଫୁଲର ବରାଟି
ଭାରି ଭଲ ଲାଗେ ଥାଳି କଡେ ଥିଲେ
ମୋଟିଶାଗ ଚଡଚଡିଟି।
ଖରା ଟାଣ ହେଲେ ଦହି ସରବତ
ଦେହକୁ ରଖଇ ଥଣ୍ଡାଟି
ମାଠିଆର ପାଣି ଦେହ ପାଇଁ ହିତ
ପୁସ୍ତକରେ ଲେଖା ଅଛିଟି।
ଗ୍ରୀଷମ ସମୟେ କେଉଁ ଖାଦ୍ୟ ଭଲ
ବୁଦ୍ଧି ବିଚାରି କି ଖାଅଟି
ଧରଣୀର ଦିଆ ଦରବ ଖାଇଲେ
ରୋଗ ନଆସିବ ପାଶେଟି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୭୩୪୩୪୬

## ଚଇତ୍ର ସହିତ ମଇତ୍ର ବସିବି

### ନିରଞ୍ଜନ ସାହୁ

ଚଇତ୍ର ସହିତ ମଇତ୍ର ବସିବି
ସରିଲା ଫଗୁଣ ମାସ
ଦକ୍ଷିଣ ଦିଗରୁ ଚଇତାଳି ବହେ
ଛୁଟେ ମଲ୍ଲୀଫୁଲ ବାସ ।
ଚଇତରେ ଆମ୍ବ ଟାକୁଆ ହୋଇବ
ଖୋପଡ଼ ମାରିବେ ପିଲେ
ଚଇତରେ ଖରାଦିନ ଧାନ ଚାଷ
ଚାଷୀ ଖଟିଥାଏ ବିଲେ ।
ଚଇତରେ ନିମ୍ବ ଚକୁଳି ଖାଇଲେ
ସ୍ୱାସ୍ଥ୍ୟ ରହିଥାଏ ଭଲ
ଚଇତେ ଅବଶ୍ୟ ଖରା ଟାଣ ହୁଏ
କରେନାହିଁ କଲବଲ ।
ଚଇତରେ ପଡ଼େ ହିନ୍ଦୁ ନବବର୍ଷ
ବାସନ୍ତୀକ ଦୁର୍ଗା ପୂଜା
ନବରାତ୍ର ତିଥି ପାଳନ ହୁଅଇ
ବିରାଜିତ ଦଶଭୁଜା ।
ଚଇତେ ପଡଇ ଅଶୋକାଷ୍ଟମୀ ଯେ
ରୁକୁଣା ରଥଟି ଗଡ଼େ
ଚଇତ ମାସରେ ଶ୍ରୀରାମ ନବମୀ
ରାମାୟଣ ମନେପଡ଼େ ।
ଚଇତେ ପଡଇ ତରଭୁଜ ଫଳ
ଖାଇବାକୁ ଲାଗେ ମଜା
ଭାରି ଖୁସିଲାଗେ ତରଭୁଜ ଯେବେ
ଖାଉଥାନ୍ତି ଆମ ଅଜା ।
ଚଇତ ମାସରେ ଦଣ୍ଡନାଚ ହୁଏ
ହିଙ୍ଗୁଳା ଯାତରା ପୁଣି
ଘଣ୍ଟପାଟୁଆ ଯେ ନାଚନ୍ତି ଭକ୍ତିରେ
ମଙ୍ଗଳା ସ୍ତୁତିକୁ ଶୁଣି ।
ଚଇତେ ପାଳନ୍ତି କଇବର୍ତ୍ତମାନେ
ଚଇତି ପୁନେଇଁ ପର୍ବ
ବାସୁଳି ପୂଜିକି ଘୋଡାନାଚ କରି
ମଣନ୍ତି ନିଜକୁ ଗର୍ବ ।
ଚଇତ୍ର ମଇତ୍ର ହୋଇଗଲା ପରେ
ମନରେ ଭରିବ ଶାନ୍ତି
ଚଇତ୍ର ପରିକା ମଇତ୍ର ମିଳିଲେ
ଦୂର ହୋଇଯିବ କ୍ଲାନ୍ତି ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :୯୯୩୮୭୪୧୫୮୩

## ଅଜାଆଇଙ୍କର ହୋଲି ଖେଳ

### ଶରତ କୁମାର ଦାସ

ଅଶୀ ଛୁଇଁଲାଣି ଅଜାଙ୍କୁ ହେଲେବି
କାମ ତାଙ୍କ ଟୋକା ପରି,
ଚାଲନ୍ତି ନାହିଁ ସେ ନଇଁନଇଁ ଅବା
ବାଡିଟିଏ କେବେ ଧରି ।
ପୂଜାପରବରେ ଭାରି ଆଗଭର
କିଏ ଆଉ ତାଙ୍କ ପରି,
କଥା କହୁକହୁ ପାକୁଆ ପାଟିରୁ
ପଡୁଥାଏ ହସ ଝରି ।
ଆଇଙ୍କୁ ଆମର ସତୁରି ଟପିକି
ପାଖାପାଖି ହେବ ଅଶୀ,
କେହି କହିବେନି ବୁଢୀଟିଏ ସିଏ
କେତେବେଳେ ଯିବେ ଖସି ।
ଭାବିଲେ ବସିକି ଦୁଇଜଣ ମିଶି
ଖେଳିବେ ଏସନ ହୋଲି,
ଖାଇବେ ମିଠେଇ,ଲଡୁ,ଦହିବରା
ଯେତେ ଇଚ୍ଛା ମନଖୋଲି ।
ହସଖୁସି ମଜାମଉଜର ତାଳେ
ହେବେ ରଙ୍ଗ ବୋଳାବୋଳି,
ନାଚିବେ ଗାଇବେ ହରଷରେ ଦୁହେଁ
ହେବେ କେତେ କୋଳାକୋଳି ।
ଅଜା ଚାଲିଗଲେ ପାଖ ଦୋକାନକୁ
ଆଉ କଲେନାହିଁ ଡେରି,
କିଣିଲେ ଅବିର ନାନାଜାତି ରଙ୍ଗ
ଆସିଲେ ସଅଳ ଫେରି ।
ଅଜାଙ୍କ ହାତରୁ ଆଇ ରଙ୍ଗ ନେଇ
ସରାଗରେ ବୋଳିଦେଲେ,
ଆଇଙ୍କ ହାତର ପରଶରେ ଅଜା
ମନେମନେ ଖୁସିହେଲେ ।
ଆଇଙ୍କ ଗାଲରେ ରଙ୍ଗ ଲଗାଇଲେ
ଅଜା ହୋଇ ତରବର,
ଅଧା ଓଢଣିରେ ଆଇ ହସିଦେଲେ
ଲାଜେ ହୋଇ ସରସର ।
'ଏସନ ଖେଳିଲି ତୁମ ସହ ହୋଲି
ଆଗକୁ ଥିବି କି ନାହିଁ,
ଅଜାଙ୍କ କାନରେ ଆଇ କହିଲେଟି
ଏତେ ଖୁସି ହୁଅ କାହିଁ !'
ଆଇଙ୍କଠୁ ଶୁଣି ଅଜାଙ୍କ ଆଖିରୁ
ଲୁହ ଧାର ବୋହିଗଲା ,
'ଯାହା କୁହ ପଛେ ଏ କଥା କୁହନି
ରାଣ ମୁଁ ଦେଉଛି ଭଲା ।'

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ଝାରସୁଗୁଡ଼ା ବିମାନବନ୍ଦର: ଗ୍ରୀଷ୍ମକାଳୀନ ଚଳାଚଳକୁ ନେଇ ଅନିଶ୍ଚିତତା




ଝାରସୁଗୁଡ଼ା, ୨୮/୩ (ନି.ପ୍ର): ଆଉ ୨ ଦିନ ପରେ ସମର ସିଡ୍ୟୁଲ୍ ଆରମ୍ଭ ହେବାକୁ ଯାଉଛି। କିନ୍ତୁ ଏଯାଏ ଡିଜିସିଏ ୱେବସାଇଟ୍‌ରେ ନୂତନ ରୁଟ୍ ଓ ବିମାନ ସେବା ସମ୍ପର୍କରେ କୌଣସି ତଥ୍ୟ ଅପ୍‌ଡେଟ୍ ହୋଇନଥିବା ବେଳେ ବିମାନ ବନ୍ଦର କର୍ତ୍ତୃପକ୍ଷ ମଧ୍ୟ ମୁହଁ ଖୋଲୁନାହାନ୍ତି। ମାର୍ଚ୍ଚ ୩୧ ପରଠାରୁ ସ୍ପାଇସଜେଟ୍ ଝାରସୁଗୁଡ଼ା ବିମାନ ବନ୍ଦରରୁ ସେବା ଅପସାରଣ କରୁଥିବା ବେଳେ ଦିଲ୍ଲୀ ରୁଟ୍‌ର ଅନିଶ୍ଚିତତାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏନେଇ ପ୍ରତିକ୍ରିୟା ପାଇଁ ବିମାନ ବନ୍ଦର ନିର୍ଦ୍ଦେଶକ ସନ୍ଦୀପ ତିୱାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରି ନାହିଁ। ଝାରସୁଗୁଡ଼ା ଭିଏସ୍‌ଏସ୍ ବିମାନ ବନ୍ଦରରୁ ଦିଲ୍ଲୀ ରୁଟ୍‌ରେ ଚଳାଚଳ କରୁଥିବା ସ୍ପାଇସଜେଟ୍ ଫ୍ଲାଇଟ୍ ଆସନ୍ତା ୩୧ ତାରିଖରୁ ସେବା ପ୍ରତ୍ୟାହାର କରିବ। ଅର୍ଥାତ୍ ସମର ସିଡ୍ୟୁଲ୍‌ରୁ ଝାରସୁଗୁଡ଼ା ବିମାନ ବନ୍ଦରରୁ ଆଉ ଦିଲ୍ଲୀ ରୁଟ୍‌କୁ ଏହି ବିମାନ ଚଳାଚଳ କରିବନି। ତେବେ ଏପ୍ରିଲ ପହିଲାରୁ ଇଣ୍ଡିଗୋ ଏୟାର ଲାଇନ୍ସ ଦିଲ୍ଲୀ ରୁଟ୍‌ରେ ଏହାର ସେବାଆରମ୍ଭ କରିବା ନେଇ ଆବେଦନ କରିଥିବା ପୂର୍ବରୁ ସୂଚନା ମିଳିଥିଲେ ହେଁ ଆଜି ସନ୍ଧ୍ୟା ସୁଦ୍ଧା ଏନେଇ କୌଣସି ସ୍ପଷ୍ଟ ସୂଚନା ଆସିପାରି ନାହିଁ। କେବଳ ସେତିକି ନୁହେଁ, ବରଂ ଇଣ୍ଡିଗୋର ଏହି ରୁଟ୍ ସମର ସିଡ୍ୟୁଲ୍‌ରେ ସ୍ଥାନିତ ହୋଇଛି ନା ନାହିଁ ସେନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ ବି ସ୍ପଷ୍ଟ ନଥିବା ବେଳେ ଟିକେଟ ବୁକିଂ ମଧ୍ୟ ଆରମ୍ଭ ହୋଇନି। ଏହାକୁ ନେଇ ଯାତ୍ରୀ ଏବେ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି। ଝାରସୁଗୁଡ଼ା ବିମାନ ବନ୍ଦରରୁ ଦୈନିକ ୧୫୦ରୁ ଅଧିକ ଯାତ୍ରୀ ଦିଲ୍ଲୀ ଯାଉଥିବାରୁ ଏପ୍ରିଲ ପହିଲାରୁ ଏହି ଯାତ୍ରୀ କ'ଣ କରିବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜୟପୁର ସାଂସ୍କୃତିକ ଅନୁଷ୍ଠାନ ତରଫରୁ ବିଶ୍ୱ ନାଟ୍ୟ ଦିବସ ପାଳିତ

ଜୟପୁର, ୨୮/୩ (ନି.ପ୍ର): ଜୟପୁର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ଜୟପୁରସ୍ଥ ଗୀତାଞ୍ଜଳି କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ 'ଏଇ ଜୀବନଟା ଏକ ନାଟକ'କୁ ମଂଚସ୍ଥ କରାଯାଇଥିଲା। ବରିଷ୍ଠ କଳାକାର ଗୋପାଳ ସାମନ୍ତରା, ଏମ.ଡି. ସାରିଫ, ଧିରେନ ମୋହନ ପଟ୍ଟନାୟକ, ରବି ପାତ୍ର, କମଳା ରଥ, କୃଷ୍ଣଚନ୍ଦ୍ର ହୋତା, ଅମର ମିଶ୍ର, ଚନ୍ଦ୍ରଶେଖର ମହାପାତ୍ର, ଲାଲୁ ମିଶ୍ର, ସୁରେଶ ହୋତା, ସମୀର ପଟ୍ଟନାୟଜ, ନୃସିଂହ ଷଡ଼ଙ୍ଗୀ, ସୁଧାକର ପଟ୍ଟନାୟକ, ବିଜୟ ମହାପାତ୍ର, ମୁରଲୀ ପଟ୍ଟନାୟକ, ରାମନାଥ ତ୍ରିପାଠୀ, କାହ୍ନୁଚରଣ ପ୍ରଧାନ, ଅଶୋକ ମହାରଣା, ଶିଶିର ଦାସ, ବିଜୟଲକ୍ଷ୍ମୀ ପାଣିଗ୍ରାହି, ପଂଚାନନ ମିଶ୍ର, ରବି, ସୀତାକାନ୍ତ, ଅଶୋକ,ଲିଟି, ପିଂଟୁ ପ୍ରମୁଖ କଳାକାର ଉପସ୍ଥିତ ରହି ମିଳିତ ଭାବରେ କାର୍ଯ୍ୟ କରିଥିଲେ। ସମର୍ପିତା ପାଣିଗ୍ରାହୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିବା ବେଳେ ସଙ୍ଗୀତକୁ ସଜେଇ ଥିଲେ ରାମ ନିଗମ ମହାନ୍ତି। ଏଥିରେ ମଡର୍ଣ୍ଣ ସ୍କୁଲର ପିଲାମାନେ ନୃତ୍ୟ ନାଟିକା 'ଶିଶୁ ଶ୍ରମିକ' ଓ 'ଭଲ ମଣିଷଟିଏ ହେବା', ସେଂଟ ଜାଭିୟର ସ୍କୁଲର 'ମେହନତ ମେଁ ହିଁ ତାକତ', ନୋବେଲ ସିଦ୍ଧାର୍ଥ ସ୍କୁଲର ନାଟକ 'ଏସା ଭି ଏକ ପାଠଶାଳା', ସାରସ୍ୱତ ବାଲ୍ ମନ୍ଦିର ପିଲାମାନଙ୍କର ନାଟକ 'ନିଜକୁ ସମ୍ଭାଳ' ମଞ୍ଚସ୍ଥ କରାଯାଇଥିଲା। ମଂଚସ୍ଥ ହୋଇଥିବା ୫ଟି ଯାକ ନାଟକ ବେଶ ଜୀବନଧର୍ମୀ ଥିଲା। ଏଥି ସହ ହସତେ ରୁହା ପକ୍ଷରୁ ନାଟକ 'ନାଟ୍ୟ ଜୀବନ' ମଂଚସ୍ଥ ହୋଇଥିଲା। ଏଥିସହ ଛାତ୍ରଛାତ୍ରୀମାନେ ନୃତ୍ୟ, ଆଦିବାସୀ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ।

ବରିଷ୍ଠ ନାଟ୍ୟକାର ଜିତୁ ମିଶ୍ର ଓ ନିରଞ୍ଜନ ପାଣିଗ୍ରାହୀ ମଂଚ ପରିଚାଳନା କରିଥିଲେ। ଏଥିରେ ଶ୍ରାବଣୀ, ସ୍ୱର ଘୁଙ୍ଗୁର, ମୀରା, ଢ଼େମଶା ଟି ଭି, ସାଇ ଫିଲ୍ମ, ବଜରଙ୍ଗୀ କ୍ରିଏସନ, ରିଲ ଷ୍ଟାର, ଭୈରବ ସାଂସ୍କୃତିକ ଅନୁଷ୍ଠାନ, ପ୍ରିୟ ଥିଏଟର, ଜୟପୁରର ବହୁ ନାଟ୍ୟପ୍ରେମୀ ଯୋଗ ଦେଇଥିଲେ। ଜୟପୁରର ସବୁ କଳାକାର ଏକତ୍ରିତ ହୋଇ କିପରି ଆଗାମୀ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ତୁଲାଇବେ ତାହା ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପାଣିଗ୍ରାହି ସମସ୍ତଙ୍କୁ ଅନୁରୋଧ କରିଥିଲେ। ଶେଷରେ ସମୀର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପଦ ସାଜିଛି ଦୂଷିତ ପାଣି: ଢେଙ୍କାନାଳରେ ଝାଡ଼ାବାନ୍ତି, ୨ ମୃତ



ଓଡ଼ାପଡ଼ା, ୨୮/୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଖଡ଼ଗପ୍ରସାଦ ଗାଁରେ ଝାଡ଼ାବାନ୍ତି ଭୟ ମନରୁ ଲିଭି ନଥିବା ବେଳେ ଏହି ବ୍ଲକ୍‌ର ନୟାଭାଗୀରଥିପୁର ପଞ୍ଚାୟତ ଅଧୀନ କୁଞ୍ଜବିହାରୀପୁର ଗ୍ରାମରେ ଝାଡ଼ାବାନ୍ତି ରୋଗ ଆତଙ୍କ ସୃଷ୍ଟି କରିଛି। ଗତ ୪ ଦିନ ହେଲା ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ଆକ୍ରାନ୍ତ ହୋଇ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ କଟକ ବଡ଼ ଡାକ୍ତରଖାନା ଓ ଦୁଇ ଜଣଙ୍କୁ ଢେଙ୍କାନାଳ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଇ ଦିଆଯାଇଛି। ଗ୍ରାମବାସୀ ଦୂଷିତ ପାଣି ପିଇବା ଯୋଗୁଁ ଝାଡ଼ାବାନ୍ତି ବ୍ୟାପୁଥିବା ଓଡ଼ାପଡ଼ା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ୧୦ ଦିନ ପୂର୍ବରୁ ଓଡ଼ାପଡ଼ା ବ୍ଲକ୍ ଖଡ଼ଗପ୍ରସାଦ ଗ୍ରାମରେ ଝାଡ଼ାବାନ୍ତିରେ ଶତାଧିକ ବ୍ୟକ୍ତି ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ବ୍ରାହ୍ମଣୀ ନଦୀର ଦୂଷିତ ପାଣି ଯୋଗୁଁ ଝାଡ଼ାବାନ୍ତି ବ୍ୟାପିଥିବା କୁହାଯାଇଥିଲା। ଏହି ଘଟଣାର କିଛିଦିନ ପରେ ପୁଣି କୁଞ୍ଜବିହାରୀ ଗ୍ରାମରେ ଝାଡାବାନ୍ତି ବ୍ୟାପିବାକୁ ଆଖପାଖ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଥିବା ଜଣାଯାଇଛି। ସୋମବାର ଦିନ କୁଞ୍ଜବିହାରୀପୁର ଗ୍ରାମର ମହିଳା ଚୁନ ଦେହୁରୀ (୬୫) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଆଜି ଚୁଙ୍ଗୁଲା ଦେହୁରୀ (୪୦ )ଙ୍କ ଆଜି ଢେଙ୍କାନାଳ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଚୁନ ଦେହୁରୀଙ୍କ ବୋହୂ ଝଟକ ଦେହୁରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଗ୍ରାମର ପବିତ୍ର ଦେହୁରୀ (୬୦) ଓ ଜଣେ ୧୦ ବର୍ଷର ବାଳକ ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ନିମନ୍ତେ ଢେଙ୍କାନାଳ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଝାଡ଼ାବାନ୍ତି ?ରେ ଆକ୍ରାନ୍ତ ଅନ୍ୟ ୮ ଜଣ ଓଡ଼ାପଡ଼ା ଓ ମେରାମଣ୍ଡଳୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଡାକ୍ତର ଓ କର୍ମଚାରୀମାନେ ଗ୍ରାମରେ ପହଞ୍ଚି ଆବଶ୍ୟକ ପଦକ୍ଷେପ ନେଇଥିବା ଓଡ଼ାପଡ଼ା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

# ଚୁକ୍ତିନାମାର ବର୍ଷକ ପରେ ଆରମ୍ଭ ହେଲା ପାତ୍ରପୁଟ ହାଇଲେବଲ ବ୍ରିଜ୍ ନିର୍ମାଣ



ଜୟପୁର, ୨୮/୩ (ନି.ପ୍ର): ଜୟପୁର ବ୍ଲକର ପାତ୍ରପୁଟ ଦେଇ ଯାଇଥିବା ଜାତୀୟ ରାଜପଥ ୩୨୬ ତଥା ଜୟପୁର- ମାଲାକାନଗିରି ବିଜୟୱାଡା ରାଂଚି କରିଡ଼ରରେ ଥିବା ବ୍ରିଟୀଶ ଅମଳର ବ୍ରିଜ୍ ପାର୍ଶ୍ୱରେ ନିର୍ମାଣ ହେବ ହାଇଲେବଲ ବ୍ରିଜ୍। ୧୮.୭୧ କୋଟି ଟଙ୍କାରେ ଏହାକୁ ନିର୍ମାଣ କରିବା ପାଇଁ ବିଳାସପୁର ଅଂଚଳର ଏକ ଠିକାସଂସ୍ଥା ୨୦୨୩ମସିହା ଜାନୁଆରୀ ୬ରେ ଏନଏଚ ସହ ଚୁକ୍ତିନାମା କରିଥିଲା। ଏହାର କାମ ୨୦୨୫ମସିହା ଜାନୁଆରୀ ୩ତାରିଖ ସୁଦ୍ଧା କାମ ସାରିବାକୁ ତାରିଖ ଧାର୍ଯ୍ୟ କରାଯାଇଥିଲା। ଚୁକ୍ତିନାମା ଆରମ୍ଭର ବର୍ଷକ ପରେ ଡିଜାଇନ୍ ଅନୁଯାୟୀ ଗାତ ଖୋଳିବା ପ୍ରକ୍ରିୟା ଆରମ୍ଭ କରିଛି। ଏହାରି ମଧ୍ୟରେ ୧୫ମାସ ସରିଯାଇଥିବା ବେଳେ ବଳକା ୯ମାସ ଧାର୍ଯ୍ୟ ସମୟ ସୀମା ମଧ୍ୟରେ କାମ ଠିକାସଂସ୍ଥା ଶେଷ କରି ପାରିବ କି ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ପ୍ରକାଶ ଯୋଗ୍ୟ, କୋଲାବ ନଦୀ ଉପରେ ବ୍ରିଟିଶ ଅମଳର ଲୁହା ବ୍ରିଜ୍। ଦିନକୁ ଦିନ ଏହି ବ୍ରିଜ୍ ଉପର ଦେଇ ଶହ ଶହ ଭାରୀଯାନ, ବସ, ଟ୍ରକ, କାର ଆଦି କୋରାପୁଟ ଜିଲ୍ଲାର ଲମତାପୁଟ, ବୈପାରୀଗୁଡା ବ୍ଲକ ସହ ମାଲାକାନଗିରୀ ଜିଲ୍ଲା ସହ ପଡୋଶୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ତେଲେଙ୍ଗାନ୍ନାର ଭଦ୍ରାଚଳମ, ଖାମମ୍, ହାଇଦ୍ରାବାଦ ଆଦି ଯିବା ଆସିବା କରୁଛି। ବ୍ରୀଟିଶ ଅମଳର ଏହି ବ୍ରିଜର ଅବସ୍ଥା ଦିନକୁ ଦିନ ଖରାପ ହେଉଥିବାରୁ ଏହାକୁ ସୁରକ୍ଷିତ ଭାବେ ରଖି ଏଠାରେ ନୂଆ ବ୍ରିଜ୍ ନିର୍ମାଣ କରିବାକୁ ବହୁ ବୁଦ୍ଧିଜୀବୀ ରାଜନୈତିକ ନେତୃବୃନ୍ଦ ବି ଦାବି କରିଥିଲେ ।

ଏନଏଚ ପକ୍ଷରୁ ମଧ୍ୟ ଏହି ପୁରୁଣା ବ୍ରିଜକୁ ନ ଭାଙ୍ଗି ନୂଆ ବ୍ରିଜ୍ ନିର୍ମାଣ ପାଇଁ ସଂପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କ ସଡକ ପରିବହନ ଓ ଜାତୀୟରାଜପଥ ମନ୍ତ୍ରାଳୟରେ ଦାଖଲ କରାଯାଇଥିଲା। କେନ୍ଦ୍ର ସରକାର କେବଳ ନୂଆ ବ୍ରିଜ୍ ନିର୍ମାଣ କରିବା ପାଇଁ ୨୧.୨୭ କୋଟି ଟଙ୍କାର ପ୍ରକଳ୍ପ କରିବା ପାଇଁ ଅନୁମୋଦନ ଦେଇଥିଲେ। ବିଳାସପୁରର ଏକ ଠିକାସଂସ୍ଥା ୧୮.୭୧କୋଟିରେ ଏହି କାମ ନେଇଥିଲା। ୨ବର୍ଷ ମଧ୍ୟରେ ନୂଆ ବ୍ରିଜ୍ ନିର୍ମାଣ କରିବା ଲକ୍ଷ୍ୟ ରହିଥିଲା। ମୁଖ୍ୟ ବ୍ରିଜ୍ ୧୪୦ମିଟର ଲମ୍ବ ଓ ୩୫ମିଟରର ଛୋଟ ବ୍ରିଜ୍ ସହ ଛୋଟିଆ କଲଭର୍ଟ ରଖାଯିବା ଡିଜାଇନରେ ରହିଛି। ଠିକା ସଂସ୍ଥା ଗଭୀର ନଳକୂପ ଖୋଳି ବ୍ରିଜ୍ ଗୁଡିକ ନିର୍ମାଣ କରିବା ଅଂଚଳରେ କଠିନ ପଥର (ହାର୍ଡ ରକ୍ ) ରହିଛି ନାଁ ନାହିଁ, ମୃତ୍ତିକାର ଦମ୍ କେତେ ପରିମାଣର ରହିଛି ଆଦିର ସର୍ଭେ କରିସାରିବା ପରେ ଗତ କିଛି ଦିନ ହେବ ଚୁପ ହୋଇଯାଇଥିଲେ। ଏହି ହାଇଲେବଲ ବ୍ରିଜର ଡିଜାଇନ୍ ଆସିବାରେ ବିଳମ୍ବ ହୋଇଥିଲା। ଡିଜାଇନ୍ ଆସିବା ପରେ ଗତ ମାସକ ହେବ କାମ ଆରମ୍ଭ ହୋଇଛି ବୋଲି କହିଛନ୍ତି ଏନଏଚର କନିଷ୍ଠ ଯନ୍ତ୍ରୀ ଇଂ. ଗୌତମ ପ୍ରକାଶ ବିଶ୍ୱାଳ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସାରିବାକୁ ଠିକା ସଂସ୍ଥାକୁ କୁହାଯାଇଛି ବୋଲି କହିଛନ୍ତି କନିଷ୍ଠଯନ୍ତ୍ରୀ ଇଂ.ବିଶ୍ୱାଳ।

# ପ୍ରଶାସନକୁ ଜଳକା କରି ବାଲ୍ୟବିବାହ: ସକାଳେ ନା, ସଞ୍ଜକୁ ଧୁମ୍‌ଧାମ୍‌ରେ ବାହାଘର



ନବରଙ୍ଗପୁର/କୋଷାଗୁମୁଡ଼ା, ୨୮/୩ (ନି.ପ୍ର): ସକାଳେ ବାଲ୍ୟବିବାହ ନ କରିବାକୁ ସହମତିପତ୍ରରେ ସ୍ୱାକ୍ଷର କଲେ। କିନ୍ତୁ ସନ୍ଧ୍ୟାରେ ହେଲା ଧୁମ୍‌ଧାମ୍‌ରେ ବାହାଘର। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ଅଞ୍ଚଳରେ। ବାଲ୍ୟବିବାହ ଭଳି କୁସଂସ୍କାରକୁ ଲୋକେ ଛାଡ଼ିବା ପାଇଁ ଯେଭଳି ନାରାଜ, ତାହା ସଦ୍ୟତମ ଘଟଣାରୁ ସ୍ପଷ୍ଟ ହୋଇଛି। ଗତକାଲି କୋଷାଗୁମୁଡ଼ା ବ୍ଲକ୍ ବିଏମ୍. ସେମଳା ପଞ୍ଚାୟତର ଜଣେ ୧୬ ର୍ଷୀୟା ନାବାଳିକା ସହ ପାଖ କେରାଣ୍ଡିମାଳ ଗାଁର ୨୨ ବର୍ଷୀୟ ଯୁବକ ସହ ବିବାହ ସ୍ଥିର ହୋଇଥିଲା। ପୂର୍ବ ପ୍ରସ୍ତୁତି ଅନୁସାରେ କନ୍ୟାଘରେ ଭୋଜିଭାତ ଚାଲିଥିଲା। ସନ୍ଧ୍ୟାରେ ବାହାଘର ହୋଇଥାନ୍ତା। କୌଣସି ସୂତ୍ରରୁ ଖବର ପାଇ ନବରଙ୍ଗପୁରର ଏକ ସ୍ୱେଚ୍ଛାସେବୀ ସଂସ୍ଥାର ଜିଲ୍ଲା ସଂଯୋଜିକା ଉମା ଶତନାମୀ, କାଉନସେଲର ଆଶିଷ ରଞ୍ଜନ ନାୟକ, କୋଡ଼ିଙ୍ଗା ଥାନା ଏଏସ୍‌ଆଇ ହାମିତନ ମାଝୀ, ହାବିଲଦାର ଏସ୍. ଶ୍ରୀଦେବୀ, ଅଙ୍ଗନବାଡ଼ି ସୁପରଭାଇଜର ସୁଜାତା ପଣ୍ଡା, ନଳିନୀ କଚ୍ଛପ, ସ୍ଥାନୀୟ ଅଞ୍ଚଳର ୩ଜଣ ଅଙ୍ଗନବାଡ଼ି କର୍ମୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବାଲ୍ୟବିବାହ କରାଇବା ଆଇନଗତ ଅପରାଧ ବୋଲି ଉଭୟ ବର ଓ କନ୍ୟା ପକ୍ଷଙ୍କୁ ବୁଝାଇଥିଲେ। ବାହାଘର କଲେ ଆଇନ ଅନୁସାରେ ଦଣ୍ଡିତ ହେବେ ବୋଲି ସୂଚନା ଦିଆଯାଇଥିଲା। ଉଭୟ ବର ଓ କନ୍ୟା ପକ୍ଷ ସହମତିରେ ବାଲ୍ୟବିବାହ ନକରାଇବାକୁ ସମସ୍ତଙ୍କ ଉପସ୍ଥିତିରେ ଶପଥ ନେଇଥିଲେ। ଏପରିକି ଅପ୍ରାପ୍ତ ବୟସରେ ନିଜ ଝିଅର ବାହାଘର କରାଇବେ ନାହିଁ ବୋଲି ପରିବାର ପକ୍ଷରୁ ଲିଖିତ ଘୋଷଣାନାମା ପ୍ରଦାନ କରିଥିଲେ। ତେବେ ସନ୍ଧ୍ୟା ବେଳକୁ ଉଭୟ ପରିବାର ଲୋକେ ସକାଳ କଥାକୁ ଭୁଲି ଧୁମ୍‌ଧାମ୍‌ରେ ବିବାହ କରାଇଥିଲେ। ବାଲ୍ୟବିବାହ ପାଇଁ ରାଜ୍ୟରେ ଏକ ନମ୍ବର ସ୍ଥାନରେ ରହି ନବରଙ୍ଗପୁର ଜିଲ୍ଲା ଅଲୋଡ଼ା ରେକର୍ଡ କରିଛି। ବିଗତ ଦିନରେ ରାଜ୍ୟପାଳ ଜିଲ୍ଲା ଗସ୍ତ କରି ବାଲ୍ୟବିବାହ ନ କରାଇବା ପାଇଁ ମହିଳାଙ୍କୁ ସଚେତନ କରିଥିଲେ। ପ୍ରଶାସନ ପକ୍ଷରୁ ମଧ୍ୟ ବିଭିନ୍ନ ସମୟରେ ଅନୁରୂପ ସଚେତନ କରାଯାଉଛି। ଏହା ସତ୍ତ୍ୱେ ଲୋକେ ଏଥିରୁ କ୍ଷାନ୍ତ ହେଉ ନଥିବା ଏହି ଘଟଣା ସ୍ପଷ୍ଟ କରିଛି।

# କେଜ୍ରିୱାଲଙ୍କ ଗିରଫ ପ୍ରତିବାଦରେ ପୁରୀରେ ଆମ୍ ଆଦ୍‌ମୀ ପାର୍ଟିର ସମୂହ ଉପବାସ

ପୁରୀ, ୨୮/୩ (ନି.ପ୍ର): ଅରବିନ୍ଦ କେଜ୍ରିୱାଲଙ୍କ ଗିରଫକୁ ପ୍ରତିବାଦ କରି ଆଜି ଗୁରୁବାର ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆମ୍ ଆଦ୍ମୀ ପାର୍ଟି ତରଫରୁ ମାର୍କେଟ ଛକରେ ସମୂହ ଉପବାସ କରି ବିରୋଧ ପ୍ରଦର୍ଶନ କରିଥିଲେ । ଦେଶରେ ମୋଦୀଙ୍କ ଦ୍ୱାରା ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ଚାଲିଛି ତେଣୁ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ସମସ୍ତେ ଏକାଠି ହେବାକୁ ପଡିବ। କେଜ୍ରିୱାଲଙ୍କ ଗିରଫ ଅଗଣତାନ୍ତ୍ରିକ। ସାରା ଦୁନିଆକୁ ଶିକ୍ଷା ସ୍ୱାସ୍ଥ୍ୟର ନୂଆ କ୍ରାନ୍ତି ଆଣିଥିବା ଜନ ନାୟକ ଏବେ ସାଧାରଣ ବ୍ୟକ୍ତି ନୁହନ୍ତି ସେ ଏବେ ସାରା ଦେଶରେ ଏକ ବିଚାର ଭାବେ ଅଛନ୍ତି। କେଜ୍ରିୱାଲଙ୍କୁ ଗିରଫ କରାଯାଇପାରେ କିନ୍ତୁ ତାଙ୍କ ବିଚାରକୁ ଇଡି କେମିତି ଗିରଫ କରିବ ବୋଲି ପ୍ରଶ୍ନ କରିଛନ୍ତି ଜିଲ୍ଲା ସମ୍ପାଦକ ସତ୍ୟଜିତ ମହାନ୍ତି । ପି. ଶରତ ରେଡ୍ଡୀ ୨୦୨୨ ରେ ମୁଖ୍ୟ ଆରୋପି ଭାବେ ଗିରଫ ହେବା ସମୟରେ କେଜିୱାଲଙ୍କୁ ଜାଣି ନାହାନ୍ତି ବୋଲି କହିଥିଲେ। ୬ ମାସ ପରେ ତାଙ୍କୁ ବେଲ୍ ମିଳିବା ଆଉ ବେଲ୍ ମିଳିବା ଭିତରେ ତାଙ୍କ କମ୍ପାନୀ ଅରୋବିନ୍ଦ ଫାର୍ମାରୁ ଭାରତୀୟ ଜନତା ପାର୍ଟିକୁ ପ୍ରାୟ ୬୦ କୋଟି ଟଙ୍କା ଚାନ୍ଦା ମିଳିଛି। ପି ଶରତ ରେଡ୍ଡୀ କେଜ୍ରିୱାଲଙ୍କ ବିରୁଦ୍ଧରେ ରାଜ ସାକ୍ଷୀ ବନିବା ସ୍ପଷ୍ଟ କରୁଛି ଯେ, ବିଜେପି କେବଳ ଆମ୍ ଆଦ୍ମୀ ପାର୍ଟି ର ଛବି ଖରାପ କରିବା ପାଇଁ ଷଡ଼ଯନ୍ତ୍ର କରିଛି ବୋଲି ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି। ଆଜି ସାରା ଓଡ଼ିଶାରେ ଏହି ଆନ୍ଦୋଳନ ସମୂହ ଉପବାସ ରୂପରେ ଚାଲିଛି। ଆସନ୍ତା ୩୧ ମାର୍ଚ୍ଚରେ ଦିଲ୍ଲୀ ସ୍ଥିତ ରାମଲୀଳା ମଇଦାନରେ ଇଣ୍ଡିଆ ମେଣ୍ଟ ତରଫରୁ ବିରାଟ ଆନ୍ଦୋଳନ ହେବ ସେଥିରେ ସମସ୍ତେ ଯୋଗ ଦେବାକୁ ଯୁବ ସଭାପତି ଅଂଶୁମାନ ଶତପଥୀ ଆହ୍ୱାନ କରିଛନ୍ତି। ଯେଉଁ ପର୍ଯ୍ୟନ୍ତ ତଥାକଥିତ ମଦ ଘୋଟାଲା ମିଛ କେସ ରୁ ଅରବିନ୍ଦ କେଜ୍ରିୱାଲ ଜେଲ୍ ରୁ ବାହାରିନାହାନ୍ତି ସେପର୍ଯ୍ୟନ୍ତ ଏମିତି ଆନ୍ଦୋଳନ ଆଗକୁ ହେଉଥିବ ଏବଂ ନିର୍ବାଚନ ସମୟରେ ବିରୋଧୀଙ୍କୁ ଇଡି ସିବିଆଇ ଲଗେଇ ଜେଲ୍ ରେ ପୁରେଇ ନିର୍ବାଚନ ଜିତିବାକୁ ଆଶା ରଖିଥିବା ବିଜେପିକୁ ଜନତା ଜବାବ ଦେବେ ବୋଲି ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲ୍ଲା ସଭାନେତ୍ରୀ ତପସ୍ୱିନୀ ଜଗଦେବ, ଜିଲ୍ଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଜିଲ୍ଲା ମୁଖପାତ୍ର ଅନିଲ କୁମାର ସେନାପତି, ଯୁବ ନେତା ସୁନିଲ୍ ଜେନା, ଜନ୍ମଜୟ ଜେନା, ପୁରୀ ସଦର ସଭାନେତ୍ରୀ ପାର୍ବତୀ ପ୍ରଧାନ, ରବୀନ୍ଦ୍ରନାଥ ସାହୁ, ବିରଜା ପ୍ରସାଦ ନାଥ, ଶ୍ୟାମସୁନ୍ଦର ମହାପାତ୍ର ଶର୍ମା, ରମେଶ ସାହୁ, ଯୁଲ୍ଫିକର ଅଲି, ରମେଶ ମଲ୍ଲିକ, କବି ବେହେରା, ଭାଗବତ ବେହେରା, ପ୍ରକାଶ ପ୍ରଧାନ, ଅଜିତ ସାହୁ, ଉମାକାନ୍ତ ସାହୁ, ବଶିଷ୍ଠ ରଥ ଆଦି ପ୍ରମୁଖ ସଦସ୍ୟ ସମୂହ ଉପବାସ ରେ ଯୋଗଦେଇଥିଲେ ।

# କେଜ୍ରିୱାଲଙ୍କ ଗିରଫ ପ୍ରତିବାଦରେ ଆପ୍ ପକ୍ଷରୁ ଉପବାସ ଧାରଣା

କେନ୍ଦ୍ରାପଡ଼ା, ୨୮/୩ (ନି.ପ୍ର): ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ମାମଲାରେ ଗିରଫ କରାଯାଇ ଥିବା ଅଭିଯୋଗ କରି ଆମ୍ ଆଦର୍ମି ପାର୍ଟି ତରଫରୁ ଦେଶବ୍ୟାପି ତୀବ୍ର ବିରୋଧ କରାଯାଉଛି । ଏନେଇ କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ କେଜ୍ରିୱାଲଙ୍କୁ ମିଥ୍ୟା ମାମଲାରେ ଗିରଫ ପ୍ରତିବାଦ ସ୍ୱରୂପ ଏକ ଦିବସୀୟ ଉପବାସ ଧାରଣା ଦିଆଯାଇଛି । ପାର୍ଟିର ଶତାଧିକ କର୍ମକର୍ତା ହାଇସ୍କୁଲ ଛକରେ ଥିବା ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ପ୍ରତିମୂର୍ତି ତଳେ ଉପବାସ କରି ବସି ରହିଛନ୍ତି। କେନ୍ଦ୍ରର ବିଜେପି ସରକାର ସମ୍ବିଧାନ ଓ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା କୁ ଧୂଳିସାତ୍ କରି ବିରୋଧୀ ଦଳର ନେତା ମାନଙ୍କୁ ମିଥ୍ୟା ମାମଲାରେ ଇଡି, ସିବିଆଇ ଏବଂ ଆଇଟି ସଂସ୍ଥା ଗୁଡିକ ଦ୍ୱାରା ଜେଲ ପଠାଇ ନିରଙ୍କୁଶ ଭାବରେ ଶାସନ କରିବାକୁ ଚାହୁଁଛି । ବିଜେପି ଶାସିତ ରାଜ୍ୟ ଏବଂ କେନ୍ଦ୍ରର ମୋଦୀ ସରକାର ବ୍ୟାପକ ଦୁର୍ନିତି ଏବଂ ଅନ୍ୟାୟରେ ଲିପ୍ତ ଥିବାର ପ୍ରମାଣ ଥିଲେ ମଧ୍ୟ କେନ୍ଦ୍ରୀୟ ପ୍ରଦାନକାରୀ ସଂସ୍ଥା ପାଟି ବନ୍ଦ କରି ଦେଇଛନ୍ତି । ମାତ୍ର ବିରୋଧୀ ଦଳ ଶାସିତ ରାଜ୍ୟ ଏବଂ ବିରୋଧୀ ଦଳ ନେତାମାନଙ୍କ ଉପରେ ମୋଦୀ ସରକାର ଆଇନର ଦୁରୁପଯୋଗ କରି ଆତଙ୍କରାଜ ଚଳାଇଛନ୍ତି । ସମ୍ବିଧାନ ର ସୁରକ୍ଷା ପାଇଁ ଗଣତନ୍ତ୍ରକୁ ବଂଚାଇବା ପାଇଁ ଏବଂ ଅରବିନ୍ଦ କେଜ୍ରିୱାଲ ଙ୍କୁ ମିଥ୍ୟା ମାମଲାରେ ଜେଲ ପଠାଇବାକୁ ବିରୋଧ କରି ଆମ୍ ଆଦର୍ମି ପାର୍ଟିର ଜିଲ୍ଲା ସଭାପତି ସନ୍ଦିପ୍ତ ଦାସଙ୍କ ସମେତ ସୂର୍ଯ୍ୟକାନ୍ତ ପରିଡା, ବାନାମ୍ବର ସାହୁ, କୁମୁଦ ରାଉତ, ମନୋଜ ମହାନ୍ତି, ସାଗରିକା ଦାସ, ଲଜମନ ନିଶା , ରିଜା ଅହେମଦଙ୍କ ସମେତ ସତାଧିକ ସମର୍ଥକ ଏବଂ ଗଣତନ୍ତ୍ର ପ୍ରେମୀ ଏହି ଉପବାସରେ ସାମିଲ ହୋଇଥିବା ଜଣାପଡିଛି ।

# ଧୋବାତୁଟ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

କନ୍ଧମାଳ, ୨୮/୩ (ନି.ପ୍ର): ଫୁଲବାଣୀ ବ୍ଲକ ଅନ୍ତର୍ଗତ ଧୋବତୁଟ ଠାରେ ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨୦୨୪ ବର୍ଷ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି ।ବିଦ୍ୟାଳୟର ଅଧ୍ୟକ୍ଷ ଆଲୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସହକାରୀ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇ ଥିଲେ ।ସେ ନିଜେ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ରେ ଅଧ୍ୟୟନ କରି ଆଜି ଜଣେ ବିଶିଷ୍ଟ ଚିକିତ୍ସାଧିକାରୀ ହୋଇ ପାରିଛନ୍ତି ।ଛାତ୍ରଛାତ୍ରୀମାନଙ୍କୁ ବର୍ତ୍ତମାନ ଯେଉଁ ମିଳୁଛି ସେତେବେଳେ ଏତେ ସୁବିଧା ନ ଥିଲା ,ହେଲେମଧ୍ୟ କଠିନ ପରିଶ୍ରମ ଓ ଶିକ୍ଷକ ମାନଙ୍କ ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇପାରିଥିଲା ବୋଲି ଡକ୍ଟର ପଣ୍ଡା କହିଥିଲେ ।ଏଥିରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପ୍ରଧାନ କହିଥିଲେ ଯେ ଶିକ୍ଷା କ୍ଷେତ୍ରରେ ବହୁ ବୈପ୍ଳବିକ ପରିବର୍ତ୍ତନ ଘଟି ଛି ,ଛାତ୍ର ଛାତ୍ରୀ ମାନଙ୍କୁ ବର୍ତ୍ତମାନ ସବୁ ସୁବିଧା ମିଳିପାରୁ ଛି ,ଯେମିତିକି ଛାତ୍ରାବାସ ,କମ୍ପ୍ୟୁଟର ,ପ୍ରୋଜେକ୍ଟ ର ଓ ବିଜ୍ଞାନ ଉପକରଣ ,ଏହାଦ୍ୱାରା ସେମାନେ ସବୁକିଛି ଶିଖି ପାରିବେ ।ଏବେ ଆମେ ଜିଲାରେ ଶ୍ରେଷ୍ଟ ବିଦ୍ୟାଳୟ ଟିଏ ମଧ୍ୟ ପ୍ରତିଷ୍ଠା କରି ପାରିଛୁ ,ଯେଉଁ ଠାରୁ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ମଧ୍ୟ ମେଧାବୀ ପିଲା ପଠାଇପାରି ଛୁ ବୋଲି ସେ କହିଥିଲେ । ଏଣୁ ଛାତ୍ର ଛାତ୍ରୀମାନେ କଠିନ ପରିଶ୍ରମ କରିବା ।ସହିତ ମୋବାଇଲ୍ ବ୍ୟବହାର କମ୍ କରି ଭଲ ମଣିଷଟିଏ ହେବାକୁ ଶ୍ରୀ ପ୍ରଧାନ କହିଥିଲେ ।

# ପୋଲିଂ ଅଧିକାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଜନିତ ସତ୍ୟତା ସମ୍ବନ୍ଧେ ଡାକ୍ତରୀ ପରୀକ୍ଷା

ବଲାଙ୍ଗିର, ୨୮/୩ (ନି.ପ୍ର): ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟଗତ ଆଧାରରେ ପୋଲିଂ ଅଧିକାରୀଙ୍କ ଦ୍ୱାରା ଉଠାଯାଇଥିବା ଅଭିଯୋଗର ସତ୍ୟତାକୁ ସୁନିଶ୍ଚିତ କରିବା ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଡାକ୍ତରୀ ପରୀକ୍ଷା କରାଯିବାକୁ ସ୍ଥିର ହୋଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ ମେଡିକାଲ ବୋର୍ଡ ଦ୍ୱାରା ପୋଲିଂ ଅଧିକାରୀଙ୍କ ଡାକ୍ତରୀ ପରୀକ୍ଷା କରାଯିବ। ନିର୍ବାଚନ ପ୍ରକ୍ରିୟାରେ ନିଜର କର୍ତବ୍ୟ ସମ୍ପାଦନ କରିବାର କ୍ଷମତାକୁ ପ୍ରଭାବିତ କରୁଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗକୁ ଦର୍ଶାଇଥିବା ପୋଲିଂ ଅଧିକାରୀଙ୍କ ଚିକିତ୍ସା ସ୍ଥିତିକୁ ସୂକ୍ଷ୍ମ ଭାବେ ଅନୁଧ୍ୟାନ କରିବା ଏହି ଡାକ୍ତରୀ ପରୀକ୍ଷାର ଉଦ୍ଦେଶ୍ୟ। ଏହି ସୂଚୀ ଅନୁଯାୟୀ ବଲାଙ୍ଗୀର ଉପଖଣ୍ଡ ୧୨୦ ଜଣ ଅଧିକାରୀଙ୍କ ଆସନ୍ତା ମାର୍ଚ୍ଚ ୨୯ ତାରିଖ ଏବଂ ୧୧୬ ଜଣଙ୍କ ଆସନ୍ତା ମାର୍ଚ୍ଚ ୩୦ ତାରିଖ, ପାଟଣାଗଡ଼ ଉପଖଣ୍ଡ ୪୬ ଜଣ ଅଧିକାରୀଙ୍କ ଆସନ୍ତା ମାର୍ଚ୍ଚ ୨୯ ତାରିଖ ଏବଂ ୪୭ ଜଣଙ୍କ ଆସନ୍ତା ମାର୍ଚ୍ଚ ୩୦ ତାରିଖ, ଟିଟିଲାଗଡ ଉପଖଣ୍ଡ ୯୭ ଜଣ ଅଧିକାରୀଙ୍କ ଆସନ୍ତା ମାର୍ଚ୍ଚ ୨୯ ତାରିଖ ଏବଂ ୮୫ ଜଣଙ୍କ ଆସନ୍ତା ମାର୍ଚ୍ଚ ୩୦ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ସମସ୍ତ ଡାକ୍ତରୀ ପରୀକ୍ଷା କରାଯିବ। ସମୁଦାୟ ୫୩୫ ଜଣ ପୋଲିଙ୍ଗ ବ୍ୟକ୍ତିବିଶେଷଙ୍କ ପରୀକ୍ଷା ହେବାର ସ୍ଥିର ହୋଇଛି । ଉକ୍ତ ପରୀକ୍ଷା ଗୁଡିକ ଭୀମଭୋଇ ମେଡ଼ିକାଲ କଲେଜ, ପାଟଣାଗଡ଼ ଉପଖଣ୍ଡ ମେଡ଼ିକାଲ ଓ ଟିଟିଲାଗଡ ଉପଖଣ୍ଡ ମେଡିକାଲରେ ହେବ ।

# ଫକୀରମୋହନ ମେଡିକାଲ କଲେଜର ପ୍ରଥମ ଶିକ୍ଷାବର୍ଷର ଉତ୍ତୀର୍ଣ୍ଣ ଡାକ୍ତରମାନଙ୍କୁ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମ୍ବର୍ଦ୍ଧନା




ବାଲେଶ୍ୱର, ୨୯/୩ (ନି.ପ୍ର): ଫକୀରମୋହନ ମେଡିକାଲ କଲେଜରୁ କୃତିତ୍ୱର ସହ ପ୍ରଥମ ବ୍ୟାଚ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୯୮ଜଣ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ଦିନ ଅପରାହ୍ନରେ ଏକ ଭାବପୂର୍ଣ୍ଣ ଉତ୍ସବରେ ସଂବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଷ୍ଟେସନ କ୍ଲବ୍ ପରିସରରେ ଅନୁଷ୍ଠିତ ସଂବର୍ଦ୍ଧନା ସଭାରେ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଅତିଥି ଓ ବକ୍ତାଭାବେ ଜିଲ୍ଲା ପରିଷଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ବ୍ରିଟ୍‌ର ଅଧ୍ୟକ୍ଷ ଆଲୋକ କୁମାର ସାହୁ, ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଇମାମୀ ପେପର ମିଲ୍‌ର ଅଧିକାରୀ ମନୋଜ କୁମାର ପାଢ଼ୀ, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମୀରା ପତିଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ପୂର୍ବତନ ସଭାପତି ପ୍ରଫେସର ଅନନ୍ତ ପ୍ରଧାନ, ପୂର୍ବତନ କାର୍ଯ୍ୟକାରୀ ସଭାପତି ରୋଟାରିୟାନ୍ ସୁବ୍ରତ କର, କାର୍ଯ୍ୟକାରୀ ସଭାପତି ଇଂ. ହୃଷିକେଶ ସାହୁ ଓ ସାଧାରଣ ସଂପାଦକ ପ୍ରଦୀପ ଦାସ ମଞ୍ଚାସୀନ ଥାଇ ସେମାନଙ୍କ ବକ୍ତବ୍ୟରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟିର ଦୀର୍ଘ ବର୍ଷ ସଂଗ୍ରାମର ଇତିହାସ ସଂପର୍କରେ ସୂଚନା ଦେଇ ନୂତନ ଡାକ୍ତରମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମସ୍ତ ଅତିଥି ଓ କର୍ମକର୍ତ୍ତାମାନେ ପ୍ରତ୍ୟେକ ଡାକ୍ତରଙ୍କୁ ପୁଷ୍ପ ଓ ଉପଢୌକନ ଦେଇ ସଂବର୍ଦ୍ଧିତ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ବ୍ୟାସକବି ଫକୀରମୋହନଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପ ପ୍ରଦାନ କରିଥିଲେ। ଡ. କ୍ଷିତିଶ୍ୱର ଦାଶ ଆଶୀର୍ବାଦ ଶ୍ଳୋକ ପାଠ କରିଥିଲେ। ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ସଂବର୍ଦ୍ଧନାର ପ୍ରତିଉତ୍ତରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଡା. କିର୍ତ୍ତୀମାନ ସାହୁ ଓ ଡାକ୍ତର ସନୁଜା ପଣ୍ଡା ମେଡିକାଲ କଲେଜ ପ୍ରତିଷ୍ଠାରେ ଓ ସେମାନଙ୍କ ଡାକ୍ତରୀ ଶିକ୍ଷାଗ୍ରହଣ ସମୟରେ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଭୂମିକା ସେମାନଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରି ସଂବର୍ଦ୍ଧନା ପାଇଁ କୃତଜ୍ଞତା ଜଣାଇଥିଲେ। ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଆନ୍ଦୋଳନରେ ସହଯୋଗ କରିଥିବା ବହୁ ସାମାଜିକ ସଂଗଠନ, ଶିକ୍ଷ ପ୍ରତିଷ୍ଠାନ, ଗଣସଂଗଠନ ଓ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଏହି ଉତ୍ସବରେ ଯୋଗଦେଇ ନୂତନ ଡାକ୍ତରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ରମାରାଣୀ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ଶ୍ରୀକାନ୍ତ ବାରିକ, ସିଦ୍ଧି ବିନାୟକ କଲେଜର ଅଧ୍ୟକ୍ଷ ସୁମନ୍ତ ସାହୁ, ଜଗନ୍ନାଥ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟାପକ ଜ୍ୟୋତିରଞ୍ଜନ ପୁହାଣ, ବିଟ୍‌ସ୍ କଲେଜର ନିର୍ଦ୍ଦେଶକ ନିର୍ମଳ କୁମାର ଧଳଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ଜଳେଶ୍ୱର ଆଞ୍ଚଳିକ କମିଟିର ସଂପାଦକ ଦିଲ୍ଲୀପ ଗିରି, ବସ୍ତା ଅଞ୍ଚଳ କମିଟିରୁ କୁମୁଦ ରଂଜନ ଗିରି, ସୋର କମିଟିରୁ ମାୟାଧର ନାୟକ, ରେମୁଣା କମିଟିରୁ ବିଧାନ ରାୟ, ଜଗଦାନନ୍ଦ ବିଶ୍ୱାଳ, ମିନତୀ ପ୍ରଧାନ, ପ୍ରମିତା ସାହୁ, ଗୋପାଳପୁରରୁ ଭାରତୀ ପଣ୍ଡା, ସିଭିଲ୍ ସୋସାଇଟିରୁ ସୀତାରାମ ପ୍ରଧାନ, ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲା ସଂପାଦକ ଦାମୋଦର ନାୟକ, 'ମାନା'ର ସଭାପତି ପ୍ରଭାକର ସାହୁ, ଫକୀରମୋହନ ସାହିତ୍ୟ ପରିଷଦରୁ କଲ୍ୟାଣୀ ନନ୍ଦ, ପୂର୍ବତନ ସଭାପତି ମମତା ମହାପାତ୍ର, ଉପସାଧାରଣ ସଂପାଦକ ପ୍ରଫୁଲ୍ଲ ଦାସ, ଉପସଭାପତି ଦୀନବନ୍ଧୁ ଲେଙ୍କା, ଉପଦେଷ୍ଟା ଇଂ. ବନମାଳୀ ନାୟକ, ଡ. କେଶବ ଚରଣ ପଣ୍ଡାଙ୍କ ସମେତ ଶ୍ୟାମସୁନ୍ଦର ଜେନା, ଅକ୍ଷୟ କୁମାର ତ୍ରିପାଠୀ, ରଘୁନାଥ ଲେଙ୍କା, ସରସ୍ୱତୀ ପଣ୍ଡା, ବନ୍ଦନା ବିଶ୍ୱାସ, କ୍ରିଷ୍ଣା ସାହା, ଯୋଗେନ୍ଦ୍ର ମାହାର୍ଣ୍ଣା, ସଂଯୁକ୍ତା ବେହେରା, ଲକ୍ଷ୍ମୀପ୍ରିୟା ଜେନା ଓ ଷ୍ଟେସନ କ୍ଲବ୍‌ର ସଭାପତି ଗିରିଜା ଶଙ୍କର ଦାସ ପ୍ରମୁଖ ଉତ୍ସବରେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। ଉପସଭାପତି ନିରଞ୍ଜନ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ବୈଠକ

ଜୟପୁର, ୨୯/୩ (ନି.ପ୍ର): ଓଡ଼ିଶା ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଶଶୀଭୂଷଣ ସେ ଦାଶ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ୱାନ କ୍ରମେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲାର କାର୍ଯ୍ୟନିର୍ବାହୀ ସଦସ୍ୟ ଯୋଗଦାନ କରିଥିଲେ । କ୍ୟାଡ଼ର ପୁନର୍ଗଠନ ନେଇ ରାଜସ୍ୱ ବିଭାଗ ସଚିବ ରାଜସ୍ୱ ବିଭାଗର ପୁନଃ ଗଠନ ପ୍ରସ୍ତାବ ପ୍ରଦାନ କରିବା ନିମନ୍ତେ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରିଥିବା ବିଷୟ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ବିଷୟକୁ ଆଧାର କରି ସମସ୍ତ ବିଭାଗର ସଚିବଙ୍କ ସହିତ ଆଲୋଚନା କରି କ୍ୟାଡ଼ର ପୁନଃ ଗଠନ କରିବା ନିମନ୍ତେ ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘଙ୍କୁ ପତ୍ର ଲେଖିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଯେହେତୁ ରାଜ୍ୟରେ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ତେଣୁ କୌଣସି ବିଷୟରେ ଆଲୋଚନା କରିବା ପାଇଁ ଶ୍ରୀ ଦାଶଙ୍କ ସମେତ ଉପସ୍ଥିତ ସମସ୍ତ ସଦସ୍ୟ ବୈଠକରେ ରୋକ୍ ଠୋକ୍ ମନା କରିଦେଇଥିଲେ । ପରିଶେଷରେ ଶ୍ରୀ ଦାଶ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କୁମାର ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଜଗନ୍ନାଥ ମାଝୀ, ଉପ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, କୈଳାସ ସାମନ୍ତରାୟ, ରାଜ୍ୟ ଆଂଚଳିକ ସମ୍ପାଦକ ଓଡ଼ିଶା ଅମଲା ସଂଘ, ବିନୋଦ କୁନାର ତ୍ରିପାଠୀ, କାର୍ଯ୍ୟକାରିଣୀ ସଦସ୍ୟା ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ସାନ୍ତୁନୁ କୁମାର ଜେନା, ପ୍ରତିକ ମିଶ୍ର, ଜଗନ୍ନାଥ ଦାସ ବରିଷ୍ଠ ସଦସ୍ୟଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତଙ୍କୁ କ୍ୟାଡ଼ର ପୁନର୍ଗଠନ ନେଇ ନିଜ ନିଜର ବିଭାଗର ତଥ୍ୟ ଦାଖଲ କରିବା ପାଇଁ ଅନୁରୋଧ କରିଥିଲେ।

## ୧୪୮ ବର୍ଷର ଧର୍ମଶାଳାର ମୁନସୀ ମେଲଣ ଉଦ୍‌ଯାପିତ

ଧର୍ମଶାଳା, ୨୯/୩ (ନି.ପ୍ର): ବ୍ରିଟିଶ ଶାସନ କାଳରେ ଭାରତୀୟମାନଙ୍କୁ ବହୁ ଅତ୍ୟାଚାରର ଶୀକାର ହେବାକୁ ପଡିଥିଲା । ଭାରତୀୟମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲେ ବ୍ରିଟିଶମାନେ । ଭାରତୀୟ ପରମ୍ପରା ପ୍ରତି ପ୍ରବଳ ଘୃଣାଭାବ ଥିଲା । ଏହା କିଛି ନୂଆ କଥା ନୁହେଁ । ସମସ୍ତେ ସମାନ ନ ଥିଲେ । ସେମାନଙ୍କ ମଧ୍ୟରୁ କିଛି ଭାରତୀୟ ପରମ୍ପରାକୁ ଗଭୀର ଭାବେ ଭଲ ପାଉଥିଲେ । ମାତ୍ର ଏମିତି ବି ପରମ୍ପରା ଅଛି ଯେଉଁଠି ବ୍ରିଟିଶ ପୁଲିସର ଭାରତୀୟ ପ୍ରୀତିର ଝଲକ ଦେଖିବାକୁ ମିଳିଥିଲା । ଯାଜପୁର ଧର୍ମଶାଳା ମୁନସୀ ମେଲଣ ଏହାର ନିଦର୍ଶନ ଦେଖିବାକୁ ମିଳିଥାଏ । ଏହି ମେଲଣ ଆଜି ବି କହୁଛି ସେଦିନର କଥା । ସର୍ବଦା ଶାନ୍ତି ଶୃଙ୍ଖଳାର ରକ୍ଷକ ସାଜୁଥିବା ପୁଲିସ ଏଠି ପରମ୍ପରାର ରକ୍ଷକ ସାଜିଛି । କେବଳ ଚୋର, ଡକାୟତ, ଗୁଣ୍ଡା, ବଦମାସଙ୍କ ସହିତ ପୁଲିସର କାମ ନାହିଁ ବୋଲି ସେଦିନ ବୁଝାଇ ଦେଇଥିଲା ବ୍ରିଟିଶ ପୁଲିସ । ଆରମ୍ଭ କରି ଦେଇଥିଲା ଓଡିଆଙ୍କ ପ୍ରୀୟ ଦୋଳ ମେଲଣ । ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପୂଜାରୀ ହେଉଛନ୍ତି ଧର୍ମଶାଳାବାସୀ । କେବେ ବି ଭୁଲି ନାହାନ୍ତି ଅତୀତର ଐତିହ୍ୟ ଓ ପରମ୍ପରାକୁ । ଏଠାରେ ବିଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରୁଥିଲେ ମଧ୍ୟ ଦୋଳ ପର୍ବ ଏକ ସାର୍ବଜନୀନ ପର୍ବଭାବେ ପାଳନ କରାଯାଇଥାଏ । ଏ ଅଂଚଳ ଦୋଳ ପର୍ବ କହିଲେ ମୁଖ୍ୟତଃ ମୁନସୀ ମେଲଣକୁ ହିଁ ବୁଝାଏ । ଚଳିତ ବର୍ଷ ଏହି ମୁନସୀ ମେଲଣକୁ ପୁରିଛି ୧୪୮ ବର୍ଷ । ଆଜକୁ ୧୪୮ବଷ ତଳେ ଧର୍ମଶାଳା ଥାନାରେ ଥିବା ମୁନସୀ ବାବୁ ଦୟାନିଧି ମଲିକଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏହି ମେଲଣ । ସେହି ବ୍ରିଟିଶ କାଳରୁ ଆଜି ପର୍ଯ୍ୟନ୍ତ ପାଳିତ ହୋଇ ଆସୁଛି ଏହି ମୁନସୀ ମେଲଣ । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଧର୍ମଶାଳା ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ଏହି ମେଲଣର ସର୍ବେସର୍ବା ତଥା ମୁଖ୍ୟ ପୁରୋଧାଭାବେ ବିବେଚନା କରାଯାଏ । ଗତକାଲି ଠାରୁ ଧର୍ମଶାଳା ଥାନା ପରିସରରେ ଏହା ଆରମ୍ଭ ହୋଇଛି। ଯାହାକି ଏହି ପରମ୍ପରା ୧୪୮ ବର୍ଷ ବୟସରେ ପାଦ ଥାପିଛି । ଗତକାଲି ଠାରୁ ଧର୍ମଶାଳା ମେଲଣ ପଡିଆରେ ବାରି ହୋଇ ପଡୁଛି ହସଖୁସିର ସମ୍ପର୍କ । ଉତ୍ସବ ମୁଖର ହୋଇ ପଡିଛି ଧର୍ମଶାଳା । ଏହି ଦିନରେ ଲୋକେ ପୁଲିସ ବାବୁ ପଣିଆକୁ ଭୁଲି ଯାଆନ୍ତି । ପୁଲିସ ମଧ୍ୟ ନିଜର କଟକଣାକୁ ଭୁଲିଯାଇଥାଏ । ସ୍ଥାନୀୟ ଅଂଚଳର ଛୋଟବଡ ବିମାନଙ୍କୁ ଏଠାକୁ ଫଗୁ ଖେଳିବାକୁ ନିମନ୍ତ୍ରଣ କରାଯାଏ । ଚଳିତ ବର୍ଷ ୩୦ରୁ ଉର୍ଦ୍ଧ ବିମାନ ଯୋଗଦେଇ ଫଗୁ ଖେଳିଛନ୍ତି । ବିମାନ ନିକଟରେ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସ୍ଥାନୀୟ ଅଂଚଳର ହଜାରହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା । ଏବଂ ବିଭିନ୍ନ କିସମର ଦୋକି ସାଂଗକୁ ମୀନାବଜାର ଷ୍ଟଲ । ଲୋକଙ୍କ ନାହିଁ ନ ଥିବା ଭିଡ ।

## ସେଲ ରାଉରକେଲା ଇସ୍ପାତ କାରଖାନାରେ ଇସ୍ପାତ ସୁରକ୍ଷା ଦିବସ ପାଳିତ




ରାଉରକେଲା, ୨୯/୩ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ମାର୍ଚ୍ଚ ୨୮ ତାରିଖରେ ଇସ୍ପାତ ସୁରକ୍ଷା ଦିବସ ପାଳିତ ହୋଇଥିଲା। ଏଚଆରଡ଼ି କେନ୍ଦ୍ରର ଗୋପବନ୍ଧୁ ଅଡିଟୋରିୟମରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ଓଡିଶା ସରକାରଙ୍କ ଫେକ୍ଟୋରୀ ଓ ବଏଲର ବିଭାଗର ଡେପୁଟି ଡାଇରେକ୍ଟର ଶ୍ରୀ ବିଷ୍ଣୁ ପ୍ରସାଦ, ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ବି କେ ହୋତା ଏବଂ କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ମଞ୍ଚାସୀନ ଥିଲେ । ଏହି ଅବସରରେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ଓଡିଶା ସରକାରଙ୍କ ଫେକ୍ଟୋରୀ ଓ ବଏଲର ବିଭାଗର ଆସିଷ୍ଟାଣ୍ଟ ଡାଇରେକ୍ଟର ଶ୍ରୀ ବିବେକାନନ୍ଦ ନାୟକ ଏବଂ ଶ୍ରୀ ସ୍ୱରାଜ କୁମାର ତ୍ରିପାଠୀ, ବହୁ ସିଜିଏମ, ବିଭାଗ ମୁଖ୍ୟ, ବିଭାଗୀୟ ସୁରକ୍ଷା ଅଧିକାରୀ, କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନେ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଭୌମିକ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସୁରକ୍ଷା ପ୍ରୟାସଗୁଡିକୁ ସୁଦୃଢ କରିବାରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଉଦ୍ୟମର ପ୍ରଶଂସା କରିଥିଲେ। 'ଆମକୁ ଶୂନ୍ୟ ଆଘାତ ସହ ଇସ୍ପାତ ନିର୍ମାଣ କରିବା ଆବଶ୍ୟକ। ଆମକୁ ନିଶ୍ଚିତ କରିବାକୁ ପଡିବ ଯେପରି କାରଖାନାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ନିରାପଦରେ ସ୍ୱଘରକୁ ପ୍ରତ୍ୟାବର୍ତ୍ତନ କରିବ। "ଆମର କର୍ମଚାରୀଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବା ସହିତ ଅନୁରୂପ ସମୟରେ ଉତ୍ପାଦନ ଉପରେ ଧ୍ୟାନ ଦେବା ଆମର ଦାୟିତ୍ୱ ଅଟେ," ବୋଲି ସେ ଜୋର ଦେଇଥିଲେ। ସେ ଦୈନନ୍ଦିନ ରୂପେ ସୁରକ୍ଷିତ ଅଭ୍ୟାସଗୁଡିକର ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିରାପଦ ଇସ୍ପାତ ଉତ୍ପାଦନ ଏବଂ ସଂଗଠନରେ ସୁରକ୍ଷା ନେଟକୁ ମଜବୁତ କରିବାର ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

ଏକ ସୁରକ୍ଷିତ କର୍ମକ୍ଷେତ୍ରର ମହତ୍ତ୍ୱ ଉପରେ ଆଲୋକପାତ କରି ଶ୍ରୀ ବିଭୂ ପ୍ରସାଦ କହିଥିଲେ ଯେ, "ସୁରକ୍ଷା କେବଳ ଜଣେ ବ୍ୟକ୍ତିଙ୍କ ଦାୟିତ୍ୱ ନୁହେଁ, ଠିକା ଶ୍ରମିକଙ୍କଠାରୁ ଆରମ୍ଭ କରି ଶୀର୍ଷ ମ୍ୟାନେଜମେଣ୍ଟ ପର ?୍ୟନ୍ତ ଏହା କର୍ମଚାରୀଙ୍କ ସାମୂହିକ ଦାୟିତ୍ୱ ଅଟେ।"

ଏହି ଅବସରରେ ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ କହିଥିଲେ ଯେ "ଗୋଟିଏ ବିପର୍ଯ୍ୟୟକୁ ଏଡାଇ ଦିଆଯିବା ଦୀର୍ଘ ସମୟ ମଧ୍ୟରେ ଆମ ପାଇଁ ଏକ ବଡ଼ ସଫଳତା ହୋଇପାରେ। ଆମକୁ ବିପଦର ଉତ୍ସ ଚିହ୍ନଟ କରିବା ଏବଂ ବିପଦକୁ ହ୍ରାସ କରିବା ପାଇଁ ଲୋକଙ୍କୁ ସଚେତନ କରିବା ଆବଶ୍ୟକ "।

"ଯେପରି ଜଣେ ସର୍ଜନ ଅସ୍ତ୍ରୋପଚାର ପୂର୍ବରୁ କିଛି ଏସଓପି ଅନୁସରଣ କରନ୍ତି, ସପଫ୍ଲୋରରେ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏସଓପି ଅନୁସରଣ କରିବା ଉଚିତ ଏବଂ ପିପିଇ ପରିଧାନ କରିବା ଉଚିତ୍" ବୋଲି ଡାକ୍ତର ହୋତା ଏସଓପି ଏବଂ ପିପିଇ ର ମହତ୍ତ୍ୱକୁ ଦର୍ଶାଇ ଉଲ୍ଲେଖ କରିଥିଲେ।

ଶ୍ରୀ ତରୁଣ ମିଶ୍ର ସୁରକ୍ଷା ଶବ୍ଦକୁ ବର୍ଣ୍ଣନା କରି କହିଥିଲେ ଯେ- ବିପଦ ଖୋଜନ୍ତୁ, ବିପଦକୁ ବିଶ୍ଳେଷଣ କରନ୍ତୁ, କାରଣ ଖଜନ୍ତୁ, ଏହାକୁ ବିଲୋପ କରନ୍ତୁ, ଅନ୍ୟମାନଙ୍କୁ କୁହନ୍ତୁ ଏବଂ ଆପଣ ବର୍ତ୍ତମାନ ସୁରକ୍ଷିତ। ଏକ ସୁରକ୍ଷା ଭିଡିଓ ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ସୁରକ୍ଷା ପୁରସ୍କାର ବିଜେତା ଆରଏମଏଚପି ବିଭାଗର ଏମଓଏମଟି ଶ୍ରୀ ଏ କେ ଦୋରା ଏବଂ ତାଙ୍କ ଦଳଙ୍କ ସଙ୍ଗୀତ ପରିବେଷଣ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଡ଼ିଆଇସି ଆରଏସପିର ସୁରକ୍ଷା ମ୍ୟାସ୍କଟ 'ଅଭେଦ୍ୟ'ର ଉଦଘାଟନ କରିବା ସହିତ ଏଚଆରଡ଼ିସି ଲନରେ ପିପିଇ ପ୍ରଦର୍ଶନୀ ଷ୍ଟଲ ପରିଦର୍ଶନ କରିଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିମାନେ ଜାତୀୟ ସୁରକ୍ଷା ସପ୍ତାହରେ ଉଭୟ ନିୟମିତ ଏବଂ ଠିକା ଶ୍ରମିକଙ୍କ ପାଇଁ ଆୟୋଜିତ କୁଇଜ୍ ଏବଂ ତର୍କ ପ୍ରତିଯୋଗିତା, ଟୁଲ୍ ବକ୍ସ ଟକ୍, ହାଜାର୍ଡ ହଣ୍ଟ, ସୁରକ୍ଷା ସ୍କିଟ୍, ସୁରକ୍ଷା ଗୀତ ଭଳି ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଏଜେନ୍ସି ସୁରକ୍ଷା ଅଧିକାରୀ, ବିଭାଗୀୟ ସୁରକ୍ଷା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଚାରକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ-୧ ଶ୍ରେଷ୍ଠ ହାଉସକିପିଙ୍ଗ ଏବଂ ସୁରକ୍ଷା ପାଇଁ ଚାମ୍ପିଅନ୍ ପୁରସ୍କାର ଲାଭ କରିଥିଲା। ପ୍ରାରମ୍ଭରେ, ସୁରକ୍ଷା ବିଭାଗର ଜିଏମ୍ ଇନ୍-ଚାର୍ଜ ଶ୍ରୀମତୀ ଆଶା କାର୍ଥା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଶ୍ରୀ ଅବକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରବନ୍ଧକ (ସୁରକ୍ଷା) ସୁଶ୍ରୀ ପ୍ରଜ୍ଞା ନାଥ ସଂଯୋଜନା କରିଥିଲେ।

## ଲୋକେ ସବୁ ଜାଣୁଛନ୍ତି...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

କଂଗ୍ରେସ ଏହି ନିର୍ବାଚନୀ ବଣ୍ଡ ବ୍ୟବସ୍ଥାକୁ ସବୁଠୁ ବଡ ଦୁର୍ନୀତି ବୋଲି କହିଛି । ଏସବୁ ସମ୍ପର୍କରେ ଦେଶର ଜନସାଧାରଣ ସବୁ ଜାଣିଛନ୍ତି ଓ ଜାଣୁଛନ୍ତି । ଏଣୁ କିଏ କ'ଣ ଓ କିଏ ଠିକ୍ କିଏ ଭୁଲ ସେ ସବୁର ବିଚାର ସେମାନେ କରିବେ । କିନ୍ତୁ ସବୁଠାରୁ ବଡ କଥା ହେଉଛି ଏ ପ୍ରସଙ୍ଗରେ ପ୍ରତିଦିନ ଯେପରି ନୂଆନୂଆ କଥା ସବୁ ଜଣାପଡୁଛି ସେଥିରୁ ସ୍ପଷ୍ଟ ଯେ ଦେଶରେ ପୂର୍ବରୁ ହୋଇଥିବା ଭ୍ରଷ୍ଟାଚାର ଏହା ଆଗରେ ପିଲାଙ୍କ ଖେଳ ଭଳି । ସୁପ୍ରିମକୋର୍ଟଙ୍କ ଆଦେଶ ପରେ ଷ୍ଟେଟ ବ୍ୟାଙ୍କ ଯାହା ତଥ୍ୟ ଦେଇଛି ସେଥିରେ ଆଉ ତଦନ୍ତ କରାଯିବା ପାଇଁ ଆବଶ୍ୟକ ନାହିଁ । ପ୍ରମାଣ ହିଁ ଷ୍ଟେଟବ୍ୟାଙ୍କର ତଥ୍ୟ । ନିର୍ବାଚନୀ ବଣ୍ଡ ଆକାରରେ ମିଳିଥିବା ଅର୍ଥଠାରୁ ଢେର ଅଧିକ ମଧ୍ୟ ରାଜନୈତିକ ଦଳମାନଙ୍କୁ ମିଳିଥିବ । ଏ ପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁସାରେ ବିଜେପିକୁ ୮ ହଜାର କୋଟିରୁ ଅଧିକ ଟଙ୍କା ମିଳିଛି । ଏହା ବିଜେପିକୁ ମିଳିଥିବା ଭୋଟର ଅନୁପାତ ବା ଦେଶରେ ବିଜେପିର ସାଂସଦ ଏବଂ ବିଧାୟକଙ୍କ ଅନୁପାତ ଠାରୁ ଅଧିକ । କିନ୍ତୁ ଏହା ଅସଲ ପ୍ରଶ୍ନ ନୁହେଁ । ଏ ପ୍ରସଙ୍ଗରେ ଏକ ଉଦାହରଣ ହେଉଛି ଆଦିତ୍ୟ ବିରଳା ଗ୍ରୁପ ୫୩୪ କୋଟି ଟଙ୍କାର ବଣ୍ଡ କିଣିଥିଲା । ସେହି ଗ୍ରୁପର ଗ୍ରାସିମ ନାମକ କମ୍ପାନୀ ୩୩ କୋଟି ଟଙ୍କାର ବଣ୍ଡ କିଣିଥିଲା । ସରକାର ଏହି କମ୍ପାନୀର ଆଣ୍ଟିଡମ୍ପିଙ୍ଗଡ୍ୟୁଟି ଛାଡ କରିଦେଇଥିଲେ ଫଳତଃ କମ୍ପାନୀକୁ ବହୁ କୋଟି ଟଙ୍କାର ଲାଭ ହୋଇଥିଲା । ଏହା ପରେ କମ୍ପାନୀକୁ ହିମାଞ୍ଚଳ ପ୍ରଦେଶରେ ୧୦୯୮ କୋଟି ଟଙ୍କାର ପାୱାର ପ୍ରୋଜେକ୍ଟ କାମର ଠିକା ମିଳିଥିଲା । ଏହା କେବଳ ଗୋଟିଏ ଉଦାହରଣ ନୁହେଁ ଏପରି ଅନେକ ଉଦାହରଣ ରହିଛି । ଏଣୁ ଏହାକୁ ସ୍ୱାଧୀନ ଭାରତର ବଡ ଦୁର୍ନୀତି ବୋଲି ମଧ୍ୟ କୁହାଯାଇପାରେ । ଏ ସବୁ ପରେ ମଧ୍ୟ ଦେଶର ଜାତୀୟ ସ୍ତରର ଗଣମାଧ୍ୟମ ଯେଭଳି ଭାବେ ଏ ପ୍ରସଙ୍ଗରେ ସମ୍ବାଦ ପ୍ରସାରଣ କରିବା କଥା ତାହା କରୁ ନାହାଁନ୍ତି । ବୋଧ ହୁଏ ଜାତୀୟ ଗଣମାଧ୍ୟମ ଏଥିପାଇଁ ସାହାସ ଯୁଟାଇ ପାରୁନାହିଁ ।

ରାମଚନ୍ଦ୍ରପୁର , ରଣପୁର
ମୋ-୯୪୩୮୪୮୫୦୯୪

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୪୦ ଡିଗ୍ରୀ ଛୁଇଁଲା ରାଜ୍ୟର...

ଫୁଲବାଣୀରେ ୩୯.୨ ଡିଗ୍ରୀ, ଟିଟିଲାଗଡ଼ରେ ୪୦.୦ ଡିଗ୍ରୀ, ମାଲକାନଗିରିରେ ୩୭.୮ ଡିଗ୍ରୀ, ସୋନପୁରରେ ୩୮.୬ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୫.୫ ଡିଗ୍ରୀ, ନୟାଗଡ଼ରେ ୪୦.୦ ଡିଗ୍ରୀ, ବୌଦ୍ଧରେ ୪୦.୦ ଡିଗ୍ରୀ, ଛତ୍ରପୁରରେ ୩୬.୦ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୮.୮ ଡିଗ୍ରୀ ଓ ରାୟଗଡ଼ାର ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ କରାଯାଇଛି। ସେପଟେ ଓଡ଼ିଶାରେ ଗୋଟିଏ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଯାହାର ପ୍ରଭାବରେ ଉତ୍ତର ଓଡ଼ିଶାରେ କିଛି ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତାକାଲି ବିଜୁଳି ଓ ଘଡ଼ଘଡ଼ିର ମାତ୍ର ଅଧିକ ରହିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ହାଲ୍?କା ବର୍ଷା ହେବାର ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଅଫିସରଙ୍କ ବିରୋଧରେ ସଙ୍ଗୀନ ....

କଳକୁ ଅପବ୍ୟବହାର କରୁଥିବାର ଅଭିଯୋଗ ଶୁଣିବା ପରେ ନିର୍ବାଚନ ପ୍ରକ୍ରିୟାରେ ନିରପେକ୍ଷତା ରକ୍ଷା କରିବାକୁ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ନିର୍ବାଚନ କମିଶନର। ନିର୍ବାଚନ କମିଶନରଙ୍କ ଏଭଳି କଡ଼ା ତାଗିଦ ସତ୍ତ୍ୱେ ସରକାରୀ ବାବୁଙ୍କ ବିରୋଧରେ ଶାସକ ଦଳ ପ୍ରୀତିକୁ ନେଇ ପ୍ରଶ୍ନ ଉଠିଛି। ୧୯ ନିର୍ବାଚନ ବେଳେ ସରକାରୀ ବାବୁ ଶାସକ ଦଳର ହାତବାରିଷି ସାଜିଥିବା ଏବଂ ଭୋଟରଙ୍କୁ ପ୍ରଭାବିତ କରିବା ନେଇ ପୂଳା ପୂଳା ଅଭିଯୋଗ ଧରି ଫେରାଦ ହୋଇଥିଲେ ବିରୋଧୀ। ଆଉ ଏବେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା କ୍ଷଣି ପୁଣି ସମାନ ଅଭିଯୋଗ ଉଠୁଥିବା ବେଳେ ରାଜ୍ୟରେ କେତେ ସ୍ୱଚ୍ଛ ରହିବ ଚଳିତ ନିର୍ବାଚନ, ସେ ନେଇ ନାନା ଚର୍ଚ୍ଚା ହେଉଛି।

### ଶ୍ରୀମନ୍ଦିରରେ ପ୍ରବେଶ...

ହେଲେ ଆଜି କିଛି ସେବାୟତ ମାନେ କିଛି ଶ୍ରଦ୍ଧାଳୁଙ୍କୁ ଏହି ବାଟ ଦେଇ ପ୍ରବେଶ କରାଇଥିବା ଅଭିଯୋଗ ହୋଇଛି। ଏହାପରେ ଦେଖୁ ଦେଖୁ ଭିଡ଼ ଅଧିକ ବଢ଼ିଥିବା ଅଭିଯୋଗ ହେଉଛି। ଖରା ବଢ଼ିଥିବା ବେଳେ ଏଭଳି ଭିଡ଼ ଅନେକ ସମସ୍ୟା ସୃଷ୍ଟି କରିଛି। ଥରେ ଅଧେ ନୁହେଁ ଏଭଳି ଗଳା ବାଟରେ ବାହାରୁ ଆସିଥିବା ପର୍ଯ୍ୟଟକଙ୍କୁ ଶ୍ରୀମନ୍ଦିର ଭିତରକୁ ଛଡ଼ା ଯାଉଛି। ଏବେ କେବଳ ସିଂହଦ୍ୱାର ଦେଇ ଭକ୍ତ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାକୁ ଅନୁମତି ଥିବା ବେଳେ ପଶ୍ଚିମ ଦ୍ୱାର ଦେଇ କେବଳ ପୁରୀ ବାସିନ୍ଦାଙ୍କୁ ପ୍ରବେଶ ଅନୁମତି ରହିଛି। ହେଲେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଘଂନ ଚାଲିଛି।

### ବିଜେପିରୁ ଇସ୍ତଫା ଦେଲେ...

ଆଲୋଚନା କଲା ପରେ ସେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି। ସେହିପରି କାହିଁକି ବିଜେପି ଛାଡ଼ିଲେ, ସେ ନେଇ ମଧ୍ୟ କିଛି କହି ନାହାନ୍ତି। ପରବର୍ତ୍ତୀ ସମୟରେ ଏ ସଂପର୍କରେ କହିବେ ବୋଲି କହିଛନ୍ତି ସୁକାନ୍ତ କୁମାର ନାୟକ। ବିଜେପିରୁ ଆଜି ଆଉ ଜଣେ ନେତା ମଧ୍ୟ ଇସ୍ତଫା ଦେଇଛନ୍ତି। ଦଳର କଟକ ଜିଲ୍ଲା ସଭାପତି ଥିବା ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଇସ୍ତଫା ଦେଇଛନ୍ତି। ବିଜେପିରୁ ସୁକାନ୍ତ ନାଏକ ଓ ପ୍ରକାଶ ବେହେରାଙ୍କ ଇସ୍ତଫା ପ୍ରସଙ୍ଗରେ ଦଳର ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି, ବିଜେଡିର ୬ ଥରର ସାଂସଦ କାଲି ବିଜେପିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର ୨ ଥରର ସାଂସଦ ବିଜେପିରେ ଯୋଗ ଦେଇଛନ୍ତି। ଭାରତୀୟ ଜନତା ପାର୍ଟିକୁ ଅଧିକ ଲୋକ ଆସୁଛନ୍ତି। ଯାହାର କ୍ଲିନ ଇମେଜ ଅଛି ସେମାନେ ବିଜେଡି ଛାଡ଼ି ବିଜେପିକୁ ଆସୁଛନ୍ତି।

### ମୁକ୍ତାର ଅନସାରୀଙ୍କୁ ବିଷ ଦିଆଯାଇଥିବା...

ଗତକାଲି ୨୦୦୫ରୁ ଜେଲରେ ଥିବା ମୁକ୍ତାର ଅନସାରୀଙ୍କ ମୃତ୍ୟୁ ଘଟିଥିଲା। ଚେତାଶୂନ୍ୟ ହୋଇପଡିବାରୁ ତାଙ୍କୁ ପ୍ରଥମେ ବାନ୍ଦା ହସ୍ପିଟାଲ ଓ ପରେ ରାଣୀ ଦୁର୍ଗାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଡାକ୍ତରମାନେ ମୃତ୍ୟୁର କାରଣ ହୃଦ୍‌ଘାତ ବୋଲି ସନ୍ଦେହ କରୁଛନ୍ତି। ଆଜି ତାଙ୍କର ପୋଷ୍ଟମର୍ଟମ ରିପୋର୍ଟ ଆସିବ। ହେଲେ ଅନସାରୀଙ୍କ ପୁଅ ଏବଂ ତାଙ୍କ ଭାଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଜେଲରେ ଥିବା ସମୟରେ ଅନସାରୀଙ୍କୁ ସ୍ଲୋ ପଏଜନ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ ଏପରି ଅଭିଯୋଗ ପରେ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛି। ଉତ୍ତର ପ୍ରଦେଶ ପୁଲିସ ମହାନିର୍ଦ୍ଦେଶକ ପ୍ରଶାନ୍ତ କୁମାର କହିଛନ୍ତି ଯେ, ପରିସ୍ଥିତିକୁ ଦୃଷ୍ଟିରେ ରଖି ସମଗ୍ର ରାଜ୍ୟରେ ଉତ୍କଚଉ ଧାରା ୧୪୪ ଲାଗୁ କରାଯାଇଛି। ରାଜ୍ୟ ପୁଲିସକୁ ସହାୟତା କରିବା ପାଇଁ ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସକୁ ମଧ୍ୟ ଡକାଯାଇଛି। ବାନ୍ଦା, ମାଉ, ଗାଜିପୁର ଏବଂ ବାରାଣାସୀରେ ଉଜଚର ୟୁନିଟ୍ ନିୟୋଜିତ ହୋଇଛନ୍ତି। କୌଣସି ପ୍ରକାର ଦଙ୍ଗା ପରିସ୍ଥିତିକୁ ଏଡାଇବା ପାଇଂ ଉତ୍ତରପ୍ରଦେଶ ପୁଲିସର ସୋଶାଲ ମିଡିଆ ସେଲ୍ ମଧ୍ୟ ବିବାଦୀୟ ପୋଷ୍ଟ ଉପରେ ନଜର ରଖିଛି। ମୁକ୍ତାର ଅନସାରୀ ଗ୍ୟାଙ୍ଗଷ୍ଟରରୁ ବନିଥିଲେ ରାଜନେତା। ମାଉ ସଦର ଆସନରୁ ପୂର୍ବରୁ ପାଞ୍ଚ ଥର ବିଧାୟକ ଥିଲେ ଅନସାରୀ। ତାଙ୍କ ନାମରେ ୬୦ଟି ଅପରାଧିକ ମାମଲା ରହିଛି। ରାଜ୍ୟର ବିଭିନ୍ନ କୋର୍ଟ ତାଙ୍କୁ ୮ଟି ମାମଲାରେ ଦଣ୍ଡିତ କରିଥିଲେ। ଜେଲରେ ଥିବାବେଳେ ଗତକାଲି ତାଙ୍କର ହୃଦଘାତରେ ମୃତ୍ୟୁ ଘଟିଛି।

## ୨୬ତମ ମା' ନାରାୟଣୀ ଯାତ୍ରା କମିଟିର କର୍ମକର୍ତ୍ତା ଚୟନ

କନ୍ଧମାଳ, ୨୯/୩ (ନି.ପ୍ର): କନ୍ଧମାଳ ଜିଲ୍ଲାର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ୨୬ ତମ ମା'' ନାରାୟଣୀ ଠାକୁରାଣୀ ଯାତ୍ରା କମିଟିର କର୍ମକର୍ତା ଚୟନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଯାତ୍ରା ପରିଚାଳନା କମିଟିର ଅଧ୍ୟକ୍ଷ ତଥା କନ୍ଧମାଳ ଉପଜିଲ୍ଲାପାଳ ଚିତରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବ ସମ୍ମତି କ୍ରମେ ପୂର୍ବତନ ପରିଚାଳନା କମିଟିର କାର୍ଯ୍ୟକର୍ତା ବୃନ୍ଦ ପୁନଃ ନିର୍ବାଚିତ ହୋଇଛନ୍ତି। ସର୍ବପ୍ରଥମେ ଅତିଥିମାନେ ମା ନାରାୟଣୀଙ୍କ ଫୋଟୋ ଚିତ୍ରରେ ପୂଜାର୍ଚ୍ଚନା କଲାପରେ ପୂର୍ବ କମିଟିର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ ବାର୍ଷିକ ବିବରଣୀ ପଠନ କରିଥିଲେ । କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାନ୍ତି ଆୟବ୍ୟୟ ବିବରଣୀ ପଠନ କରିଥିଲା ବେଳେ ସଭାପତି ପି. ସୁଧାଂଶୁ ସେନାପତି ପୂର୍ବ ଯାତ୍ରାର ସଫଳତା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ପୂର୍ବ କମିଟି ଭଙ୍ଗ ଘୋଷଣା କରିଥିଲେ। ସାଧାରଣ ନିର୍ବାଚନର କୋଡ଼ ଅଫ କଣ୍ଡକ୍ଟ ଲାଗୁ ହୋଇଯାଇଥିବା କାରଣରୁ ଆଉ କମିଟି ବିଧିବଦ୍ଧ ଭାବେ ନିର୍ବାଚନ ନ କରି ଉପଜିଲ୍ଲାପାଳ ପୂର୍ବ କମିଟିର ସଦସ୍ୟ ମାନଙ୍କ ନାମ ସର୍ବ ସମ୍ମତି କ୍ରମେ ଘୋଷଣା କରିଥିଲେ। ସଭାପତି ପି. ସୁଧାଂଶୁ ସେନାପତି, ଉପସଭାପତି ସୁଜିତ ବେହେରା, ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀ, ସହ ସମ୍ପାଦକ ଅରୁଣ ପଣ୍ଡା, ସିମାଚଂଳ ପ୍ରଧାନ, ସୁମନ ପଟ୍ଟନାୟକ, ପାର୍ଥସାରଥୀ ବିଶ୍ୱାଳ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାନ୍ତି, ଅର୍ଥ ସମ୍ପାଦକ କାବୁଲା ସେନାପତି, ସାଂସ୍କୃତିକ ସମ୍ପାଦକ ଭି.ଲୋକନାଥ ରାଜୁ ଭାବେ ପୁନଃ ମନୋନୀତ ହୋଇଥିଲେ। ଉକ୍ତ ଚୟନ ପ୍ରକ୍ରିୟାରେ ପୌର ପରିଷଦର ଅଧ୍ୟକ୍ଷ୍ୟା ସ୍ମିତାରାଣୀ ମହାନ୍ତି, ଏସଡ଼ିପିଓ, ସିଡ଼ିଏମଓ, ଆରଟିଓ, ଫାୟାର ଅଫିସର, ତହସିଲଦାର, ବିଦ୍ୟୁତ ବିଭାଗୀୟ ଅଧିକାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯାତ୍ରା ପରିଚାଳନାରେ ଆବଶ୍ୟକୀୟ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉପଦେଷ୍ଟା ବିଜୟ ମହାନ୍ତି, ଶିବପ୍ରସାଦ ତ୍ରିପାଠୀ, ଅଶୋକ ପଟ୍ଟନାୟକ ସମେତ ସମସ୍ତ ବଜାର କମିଟି, ମନ୍ଦିର, କ୍ଲବର ସଭାପତି ଓ ସମ୍ପାଦକ ଏବଂ ପୂର୍ବ କମିଟିର କାର୍ଯ୍ୟକାରୀ ସଦସ୍ୟ ମାନେ ଯୋଗଦେଇଥିଲେ। ସାହିତ୍ୟିକ କୈଳାଶ ଚନ୍ଦ୍ର ଧଳ ଓ ସାମ୍ବାଦିକ ଅଶୋକ ମହାନ୍ତି ମଂଚ ପରିଚାଳନା କରିଥିଲେ। ଏହି ଅବସରରେ ମା ସ୍ମରଣିକା ଉନ୍ମୋଚନ ହେବା କାରଣରୁ ଆସନ୍ତା ଅପ୍ରେଲ ମାସ ୨୦ ତାରିଖ ସୁଦ୍ଧା ମା ନାରାୟଣୀ ଓ ଅନ୍ୟାନ୍ୟ ମାତୃ ଶକ୍ତି ସମ୍ବଳିତ ଲେଖା ପ୍ରେରଣ କରିବାକୁ ସମ୍ପାଦକ ଆଗ୍ରହ ପ୍ରକାଶ କରିଛନ୍ତି।

ଶନିବାର, ମାର୍ଚ୍ଚ ୩୦, ୨୦୨୪

ଧ୍ୱନି ପ୍ରତିଧ୍ୱନି

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିନ : ଜ୍ଞାନଦୀପ ବସାଙ୍କ ହ୍ୟାଟ୍ରିକ



ବାରିପଦା, ୨୯/୩ (ନି.ପ୍ର): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିନର ମ୍ୟାଚରେ ଟିମ - ଇ ଟିମ - ଡି କୁ ୬୨ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଟିମ - ଇ ୨୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଅଙ୍କିତ ଅମନ ଦାଶ ୯୭ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ମହେନ୍ଦ୍ର କୁମାର ଦେ ଓ ଡି ଜଗନ ରେଡି ୩ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଟିମ - ଡି ୨୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିପାରିଥିଲେ । ଦଳ ପାଖରୁ କେଶବ ଖଣ୍ଡେଲୱାଲ ୪୦ ରନ କରିଥିବା ବେଳେ ବିପକ୍ଷ ଦଳର ଜ୍ଞାନଦୀପ ବସା ହ୍ୟାଟ୍ରିକ ଉଇକେଟ ଅକ୍ତିଆର କରିଥିଲେ ସ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହ ସମ୍ପାଦକ ଅଶୋକ ପଟ୍ଟନାୟକ, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା), କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ସାହାରା ଇଣ୍ଡିଆ ଜମାକାରୀ ଓ ଏଜେଣ୍ଟମାନଙ୍କର ଆସନ୍ତା ୩ ତାରିଖ ସମାବେଶ ପାଇଁ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୨୯/୩ (ନି.ପ୍ର): ସାହାରା ଇଣ୍ଡିଆ ଜମାକାରୀ ଓ କାର୍ଯ୍ୟକର୍ତ୍ତା ମିଳିତ ମଞ୍ଚର ନେତୃମଣ୍ଡଳୀଙ୍କ ବୈଠକ ଶୁକ୍ରବାର ଦିନ ମଧ୍ୟାହ୍ନରେ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ମନୋରଂଜନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ । ସାଧାରଣ ସଂପାଦକ କାର୍ତ୍ତିକ ଚାନ୍ଦ ଗତ ୨୦ ତାରିଖ ଦିନ ବାଲେଶ୍ୱର ସହରରେ ସଭା, ଶୋଭାଯାତ୍ରା ଓ ବିକ୍ଷୋଭ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲେ ମଧ୍ୟ ଉକ୍ତଦିନ ତମାମ ଲଗାତର ବର୍ଷା କାରଣରୁ ଏହି ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ଆମେ ବାଧ୍ୟ ହୋଇଥିଲୁ । ପୁନଶ୍ଚ କର୍ମକର୍ତ୍ତାମାନଙ୍କ ନିଷ୍ପତ୍ତିକ୍ରମେ ଆସନ୍ତା ୩ ତାରିଖ ବୁଧବର ଦିନ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ । ଏପ୍ରିଲ୍ ୩ ତାରିଖ ଦିନ ୧୦ଟାରେ ବାଲେଶ୍ୱର ରେଳଷ୍ଟେସନରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ପହଞ୍ଚିବ । ସେଠାରେ ବିକ୍ଷୋଭ ସମାବେଶ ଓ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ । ସଂପାଦକ ଶ୍ରୀ ଚାନ୍ଦଙ୍କ ପ୍ରସ୍ତାବକୁ ଉପସ୍ଥିତକ ସଦସ୍ୟମାନେ ସ୍ୱାଗତ ଜଣାଇଥିଲେ । ସମଗ୍ର ଜିଲ୍ଲାର ଜମାକାରୀ ଏହି ଆନ୍ଦୋଳନରେ ଯୋଗଦେବାକୁ ନିବେଦନ କରିଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ସିଭିଲ୍ ସୋସାଇଟିର ଉପଦେଷ୍ଟା ତଥା ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ନିରୀହ ଜମାକାରୀ ଓ ଏଜେଣ୍ଟମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥା 'ସେବି' ଓ ସାହାରା କଂପାନୀ ମାଲିକଙ୍କ ବିବାଦରୁ ଏକ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବାର କହିଥିଲେ । ଜମାକାରୀଙ୍କ ଅର୍ଥ ସୁରକ୍ଷିତ ଥିବାବେଳେ କେବଳ ଏହି ବିବାଦ ଓ ମାଲିମୋକଦ୍ଦମା କାରଣରୁ ଜମାକାରୀମାନେ ସେମାନଙ୍କର କଷ୍ଟାର୍ଜିତ ଅର୍ଥ ଫେରିପାଉନାହାନ୍ତି । ତେଣୁ କେନ୍ଦ୍ର ସରକାର ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ଶ୍ରୀ ପାଣିଗ୍ରାହୀ ନିବେଦନ କରିଥିଲେ । ଆସନ୍ତା ଆନ୍ଦୋଳନରେ ସିଭିଲ୍ ସୋସାଇଟି ସହଯୋଗ କରିବ ବୋଲି ବହୁ ପୂର୍ବରୁ ନିଷ୍ପତ୍ତି ନେଇଛି । ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ବେହେରା, ସୁରଜ ପ୍ରକାଶ ପଣ୍ଡା, ଭାସ୍କର ମଲ୍ଲିକ, ଅନନ୍ତ ଶତପଥୀ, ନିରଞ୍ଜନ ଶତପଥୀ, ଶରତଚନ୍ଦ୍ର ଦଳାଇ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜମାକାରୀ ମନ୍ମଥ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଓଡିଶା ଦିବସ ପାଳନ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୯/୩ (ନି.ପ୍ର): ଚଳିତ ବର୍ଷ ଓଡ଼ିଶା ଦିବସ ରାଜ୍ୟ, ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ପାଳନ କରିବା ନିମନ୍ତେ ନିଷ୍ପତି ଗ୍ରହଣ ଗ୍ରହଣ କରାଯାଇଛି । ଆଦର୍ଶ ଆଚରଣ ବିଧି ପାଳନ ପୂର୍ବକ ଏହି ଦିବସ ପାଳନ ନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି ।

ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ତିନୋଟି ଆର.ଡି.ସି. ଜୋନର ଉପନିର୍ଦ୍ଦେଶକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ପ୍ରମୁଖ ଯୋଗ ଦେଇଥିଲେ ।

ଚଳିତ ବର୍ଷ ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆଦର୍ଶ ଆଚରଣ ବିଧି ମୁତାବକ ଓଡ଼ିଶା ଦିବସ ପାଳନର ରୂପରେଖ ସମ୍ପର୍କରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

ପ୍ରମୁଖ ଶାସନ ସଚିବ ନିର୍ବାଚନ ଆଚରଣ ବିଧି ପାଳନ ପୂର୍ବକ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଓଡ଼ିଶା ଦିବସକୁ ସଠିକ୍ ମର୍ଯ୍ୟାଦାର ସହ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଓଡ଼ିଶା ଦିବସ ପାଳନ ଅବସରରେ ଜିଲ୍ଲାରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ରେକର୍ଡ ମାଧ୍ୟମରେ କେବଳ ଓଡ଼ିଆ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇ ପ୍ରାତଃ ସମୟରେ ପ୍ରଭାତ ଫେରି ଅନୁଷ୍ଠିତ ହେବ । ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଆଦିଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରମାନଙ୍କର ଅବଦାନ ସମ୍ପର୍କରେ ଏକ ସାଧାରଣ ସଭା ଆୟୋଜନ କରାଯିବ । ସଭା ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯିବ । ଏହି ସଭାକୁ ଅଠର ବର୍ଷରୁ କମ୍ ବୟସ ଛାତ୍ରଛାତ୍ରୀମାନଙ୍କୁ ଆମନ୍ତ୍ରଣ କରାଯିବ । ଏତଦ୍ ବ୍ୟତୀତ ବରପୁତ୍ରମାନଙ୍କ ରଚନାରୁ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେବ । ଜିଲ୍ଲା ଓ ଉପଖଣ୍ଡର ପ୍ରମୁଖ ସରକାରୀ କୋଠାବାଡ଼ିଗୁଡ଼ିକର ଆଲୋକସଜ୍ଜା କରାଯାଇପାରିବ । ଏହି କାର୍ଯ୍ୟକ୍ରମକୁ କୌଣସି ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଆମନ୍ତ୍ରଣ କରାଯିବ ନାହିଁ କିମ୍ବା କୌଣସି ସରକାରୀ କାର୍ଯ୍ୟକ୍ରମର ପ୍ରଚାର, ପ୍ରସାର ଏବଂ ଦଳୀୟ ଲୋଗୋ ଆଦିର ବ୍ୟବହାର ମଧ୍ୟ କରାଯାଇପାରିବ ନାହିଁ । ଏହି ଅବସରରେ କୌଣସି ଶୋଭାଯାତ୍ରା, ରାଜନୈତିକ ଭାଷଣ ଏବଂ ପ୍ରଚାର ସହ କୌଣସି ପ୍ରକାର ଶୋଭାଯାତ୍ରା, ମାନପତ୍ର ଏବଂ ଫଳକ ଆଦି ପ୍ରଦାନ ନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇ ପାରିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି ।

## ଅବକାରୀ ଚଢାଉ: ଦେଶୀମଦ ବାଇକ୍ ସହ ଜଣେ ଗିରଫ

ନୀଳଗିରି , ୨୯/୩ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ନୀଳଗିରି ଥାନା ପୁନ୍ଦାଳ ରାସ୍ତାରେ ଚଢ଼ାଉ କରି ଜଣେ ମଦ ବେପାରୀକୁ ଗିରଫ କରିବାରେ ସଫଳ ହୋଇଛି । ଏକ ହିରୋ ସ୍ପ୍ଲେଣ୍ଡର ମଟର ସାଇକେଲରେ ୭୦ଲିଟର ଦେଶୀମଦ ନେଇଯାଉଥିବା ବେଳେ ମାଟିଆଳୀ ପଞ୍ଚାୟତ ଘୁଣ୍ଟିବଣିଆ ଗ୍ରାମର ମଙ୍ଗଲ ସିଂଙ୍କୁ କାବୁ କରିଛି ଅବକାରୀ ବିଭାଗ । ଏହି ଚଢ଼ାଉରେ ଅବକାରୀ ବିଭାଗ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ, ଓଆଇସି ଜଗନ୍ନାଥ ବେହେରା, ଆସିଷ୍ଟାଣ୍ଟ ସବ୍ ଇନ୍ସପେକଟର ଜୟମାଧବ ଦାସ ପଟ୍ଟନାୟକ, ଦେବାଶିଷ ମଲ୍ଲିକ, ଶ୍ରୀମତୀ ନାହାନ ମୁର୍ମୁ ସାମିଲ ଥିଲେ ।

## ବିଲ ମଝିରୁ ଅଜଣା ମୃତଦେହ ଉଦ୍ଧାର

ଭୁବନେଶ୍ୱର/ଝାରସୁଗୁଡା, ୨୯/୩ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଅଧୀନରେ ଥିବା ବାଗଡ଼ିହୀ ଫାଣ୍ଡି ଅନ୍ତର୍ଗତ ମଙ୍ଗରାଡିହି ଗ୍ରାମ ନିକଟରେ ମଝି ବିଲରେ ପଡ଼ି ରହିଛି ଏକ ଅଜଣା ମୃତଦେହ । ଶବର ପାରିପାର୍ଶ୍ୱିକ ସ୍ଥିତିରୁ ଏହା ବହୁ ଦିନରୁ ପଡ଼ି ରହିଥିବା ସନ୍ଦେହ କରାଯାଉଛି । ଖବର ପାଇ ଲଇକେରା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧନୀ କୁକୁର ସାହାଯ୍ୟରେ ଘଟଣା ସ୍ଥଳରେ ତଦନ୍ତ କରୁଛି ପୋଲିସ । ଲଇକେରା ଥାନା ଅଧିକାରୀ ଏବଂ ଝାରସୁଗୁଡ଼ା ଏସଡିପିଓ ଘଟଣାସ୍ଥଳରେ ଛାନଭିନ କରିଛନ୍ତି । ମୃତଦେହର ପରିଚୟ ମିଳିନଥିବା ବେଳେ ହତ୍ୟା ନା ଆତ୍ମହତ୍ୟା ସେ ନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ ।

# ପରିବେଶପ୍ରେମୀ ଚୈତନ୍ୟ ସାହୁ ସମ୍ବର୍ଦ୍ଧିତ



ବସ୍ତା,୨୯.୩ (ନିପ୍ର)ବସ୍ତା ଥାନା ହଳଦୀପଦା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡାହାର ଗ୍ରାମର ପରିବେଶପ୍ରେମୀ ଚୈତନ୍ୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଦୁବୁଲାଗଡିସ୍ଥିତ ଅମର ଯବାନ ଯୁବ ସଂଗଠନ ପକ୍ଷରୁ ଶହୀଦ ଦିବସ ପାଳନ ଅବସରରେ ପରିବେଶ ସଚେତନତା ଓ ବୃକ୍ଷରୋପଣ କ୍ଷେତ୍ରରେ ପ୍ରଶଂସନୀୟ ଅବଦାନ ପାଇଁ ଚୈତନ୍ୟଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସଂଗଠନର ଉପଦେଷ୍ଟା ଗୟାପ୍ରସାଦ ଦାସ, ଶ୍ରୀକୃଷ୍ଣ ଗିରି ଓ ଗୌରହରି ମାନ୍ନାଙ୍କ ସମେତ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ । ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଚୈତନ୍ୟ ସୁସ୍ଥ ପରିବେଶ ଗଠନ ପାଇଁ ହଳଦୀପଦା ଷ୍ଟେସନ, ବଜାର ଛକ, ରାଜପଥ ପାର୍ଶ୍ୱ, ସ୍କୁଲ, କଲେଜ ପ୍ରଭୃତି ସ୍ଥାନରେ ନିଜସ୍ୱ ପାଣ୍ଠିରେ ବିଭିନ୍ନ କିସମର ଚାରା ରୋପଣ କରି ଖ୍ୟାତି ଅର୍ଜନ କରିଛନ୍ତି । ସମାଜସେବା ଓ ବୃକ୍ଷରୋପଣ ପାଇଁ ଗତ ଡିସେମ୍ବର ୨୩ ତାରିଖ ରୂପସା ଶକୁନ୍ତଳା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ତାଙ୍କୁ ସବୁଜସାଥି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ପରିବେଶ ସୁରକ୍ଷା ପାଇଁ ସେ ସର୍ବଦା ଆଗଭର ଅଛନ୍ତି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବ ଉଦ୍‌ଘାଟିତ



ବାଲିଆପାଳ , ୨୯/୩ (ନି.ପ୍ର): ମହୋତ୍ସବ ଦ୍ୱାରା ଗୋଟିଏ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭାଇ ଚାରା ଭାବନା ଦୃଢ଼ ହେବା ସହିତ ଆତ୍ମୀୟତା ମନୋଭାବ ଆଗକୁ ବଢେ ବୋଲି ଗୁରୁବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ବାସୁଦେବପୁର ଦୋଳ ମେଲଣ ପଡିଆରେ ଅନୁଷ୍ଠିତ ୧୧ ତମ ସୁବର୍ଣ୍ଣ ରେଖା ଗ୍ରାମୀଣ ଦୋଳ ମହୋତ୍ସବର ଉଦଘାଟନୀ ଉତ୍ସବରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ବରିଷ୍ଠ ଶିକ୍ଷାବିତ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ଡି. ଆଇ. ସୁବାସ ଚନ୍ଦ୍ର ଚୌଧୁରୀ ମୁଖ୍ୟ ଅତିଥି, ଡି. ଏ. ଭି. ର ପ୍ରାକ୍ତନ ଅଧ୍ୟକ୍ଷ ତଥା ବରିଷ୍ଠ ଶିଶୁ ସାହିତ୍ୟିକ କାଳି କିଙ୍କର ଦାଶ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ, ଗାୟକ ଓ ଗୀତିକାର ରମାନାଥ କର , ଗାଁ ମୁଖ୍ୟ କମଳାକାନ୍ତ ବାରିକ, ସୌଭାଗିନୀ ମିଶ୍ର , ଶ୍ରୀକାନ୍ତ କୁମାର ନାଥ ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ । ଆଇନଜୀବୀ ଅର୍ଦ୍ଧେନ୍ଦୁ କୁମାର ବାରିକ ମଞ୍ଚ ଆହ୍ୱାନ ଅତିଥି ପରିଚୟ, ଗୋପାଳ କୃଷ୍ଣ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ । ସୁଶାନ୍ତ ବାରିକ, ହିମାଂଶୁ କମିଳା, ଚନ୍ଦନ ବାରିକ, ଶ୍ରୀକାନ୍ତ ଯାଦବ, ମଦନ ପାତ୍ର, ପ୍ରଭାତ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ପରେ ପଶ୍ଚିମ ବଙ୍ଗର ପିଙ୍କି ମେଲୋଡି ବିଳମ୍ବିତ ରାତି ପର୍ଯ୍ୟନ୍ତ ହୋଇ ଥିଲା ।

# ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବାସୁଦେବପୁର, ୨୯/୩ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ଚାଲିଥିବା ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଏହି ଖେଳରେ ନିମ ପୁର କଟକ ଭଦ୍ରକ ରେଳବାଇ ଟିମ୍ କୁ ହରାଇ ବିଜୟୀ ହୋଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ । ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶାର ବିଶିଷ୍ଟ କ୍ରିକେଟ ଖେଳାଳି ପ୍ରଭଞ୍ଜନ ମଲ୍ଲିକ । ବିଧାୟକ ପ୍ରତିନିଧି ଅସିତ୍ କୁମାର ଦାଶ, କୃଷ୍ଣ ଚନ୍ଦ୍ର ଘଡ଼େଇ, ବିଜେଡ଼ି ଯୁବ ନେତା ଦେବ ଦର୍ଶନ ଦାଶ, ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ଉତ୍ତମ ବାରିକ, ଗୌତମ ସେଠି, ରାଜେନ୍ଦ୍ର ପ୍ରସାଦ ସାହୁ, ମାନସ ସାହୁ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ବିଜୟୀ ଦଳକୁ ଚାମ୍ପିଅନ ଟ୍ରଫି ଓ ହାରିଥିବା ଦଳକୁ ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ଧାରା ବିବରଣୀ ପ୍ରଦାନ କରିଥିଲେ ଉତ୍ତମ ସାହୁ ଓ ବାବୁ ସିହ୍ନା । ମଞ୍ଚ ପରିଚାଳନା କରିଥିଲେ ସାମ୍ବାଦିକ ଉଦୟ ଜେନା ଓ ଧନ୍ୟବାଦ ଅର୍ପଣ କରିଥିଲେ ଉତ୍କଳିକା ସ୍ପୋର୍ଟିଙ୍ଗର ସମ୍ପାଦକ ରଞ୍ଜନ ମହାପାତ୍ର । ସଦସ୍ୟ କାଳନ୍ଦୀ ସାହୁ, ସୁଶାନ୍ତ ସେଠି, ଶଶି ଭୂଷଣ ବାରିକ୍, ଅମର ପାଢ଼ୀ , ଚିକୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ବାସୁଦେବପୁର ଉତ୍କଳିକା ସ୍ପୋର୍ଟ୍ସ ପକ୍ଷରୁ ଏହି ଖେଳ ଆୟୋଜିତ ହୋଇଥିଲା । ବରିଷ୍ଠ ବିଜେଡି ନେତା ସୁବାସ ନାୟକ, ଅମରେନ୍ଦ୍ର ପଲେଇ, ସୁଗୋ ସରପଞ୍ଚ ଚିନ୍ତାମଣି ନାୟକ, ଅରୁଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଖେଳ ଖୁବ୍ ଆକର୍ଷଣୀୟ ହୋଇ ଥିଲା ଓ ଦର୍ଶକ ବନ୍ଧୁ ହସ ଖୁସି ଆନନ୍ଦ ରେ ଉପଭୋଗ କରିଥିଲେ । ଉତ୍ତମ ଦାସ ଓ ବାବୁ ସିହ୍ନା ଏହି ଖେଳରେ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ



ଉଦଳା , ୨୯/୩ (ନି.ପ୍ର): ଉଦଳା ସହରର ଜଗନ୍ନାଥୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୫ମ ବାଷିର୍କ ଉତ୍ସବ ଚଳିତ ମାର୍ଚ୍ଚ ୨୮ ତାରିଖ ଗୁରୁବାର ଦିନ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ମାସ ପୁବର୍ରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଅତିଥି ମଣେ ମଂଚାସୀନ ହେବା ପେର ପରିଚାଳନା କମିଟିର ସଭାପତି ପ୍ରହ୍ଲାଦ ଦାସଙ୍କ ଅଧ୍ୟକ୍ଷତରେ ସାଧାରଣ ସଭା ଆରମ୍ଭ ହୋଇଥିଲା । ପ୍ରତିଷ୍ଠାତା ଦୀପକ ଦାସ ବିଦ୍ୟାଳୟର ଦିର୍ଘ ୫ ବଷର୍ର ଇତିହାସ ବିସ୍ତୃତ ବଣ୍ଣର୍ନା କରିଥିଲେ । ପେର ପ୍ରଧାନ ଆଚାର୍ଯ୍ୟା ବର୍ଷାରାଣୀ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହିତ ବିବରଣୀ ପାଠ କରିଥିଲେ । ଓଡ଼ିଶା ସରକାରଙ୍କର ଶିକ୍ଷାବିଭାଗର ଅଧିକାରୀ ସନ୍ୟାସୀ କୁମାର ବେହରା, ଓଡ଼ିଶା ସାହିତ୍ୟ ଏକାଡେ଼ମୀର ସଦସ୍ୟ କାଳିପଦ ପଣ୍ଡା, ସାମାଜିକ କର୍ମୀ ଡ଼ା.ଭାଗବତ ବେହରା ଓ ଦିଲିପ ଗିରି ଯଥାକ୍ରେମ ମୁଖ୍ୟ ଅତିଥି , ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେର ଯୋଗ ଦେଇ ବଂଚିରହିବା ପାଇଁ ଶିକ୍ଷା କିପରି ଆଜି ଅତ୍ୟାବଶ୍ୟକେର ପରିଣତ ହୋଇଛି ସେ ସମ୍ପକର୍ରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପେର ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶେଷେର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଆନ୍ଧ୍ରର ଆଉ ଏକ ନୂଆ ଚାଲ୍: କୋଟିଆରେ ଲଗାଇଲା ଡିଜିଟାଲ ମିଟର

କୋଟିଆ, ୨୯/୩ (ନି.ପ୍ର): କୋଟିଆ ଦଖଲ ପାଇଁ ନିଇତି ଚକ୍ରାନ୍ତ କରୁଛି ଆନ୍ଧ୍ର । କିନ୍ତୁ ତାକୁ ପଣ୍ଡ କରିଚାଲିଛି ଓଡ଼ିଶା । ସେଭଳି ଆଉ ଏକ ଚିତ୍ର ସାମ୍ନାକୁ ଆସିଛି । ଓଡ଼ିଶା ସୀମାନ୍ତ ତଥା ପଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତରେ ଆନ୍ଧ୍ର ପକ୍ଷରୁ ବିଦ୍ୟୁତ୍ ସେବା ପ୍ରଦାନ ପାଇଁ ଉଦ୍ୟମ କରାଯାଇଛି । ଗତକାଲି ଆନ୍ଧ୍ରପ୍ରଦେଶ ବିଦ୍ୟୁତ୍ ବିଭାଗ ପକ୍ଷରୁ କିଛି ଅଧିକାରୀ ଏକ ଅଟୋ ଯୋଗେ ଡ଼ିଜିଟାଲ ମିଟର ଆଣି ତଳ ଗଞ୍ଜେଇପଦର ଗ୍ରାମରେ କିଛି ଲୋକଙ୍କ ଘରେ ଲଗାଇଥିଲେ । ୩୯ ଜଣ ହିତାଧିକାରୀଙ୍କ ଘରେ ଏହି ଡ଼ିଜିଟାଲ ମିଟର ଲଗାଯାଇଥିବା ଜଣାଯାଇଛି । ତେବେ ସ୍ଥାନୀୟ ବ୍ଲକ ପ୍ରଶାସନ ଏନେଇ ସୂଚନା ପାଇବା ପରେ ଆନ୍ଧ୍ରର ଅଧିକାରୀମାନଙ୍କୁ ଏଠାରୁ ଫେରିଯିବା ପାଇଁ ତାଗିଦ୍ କରିଥିଲେ । ପରେ ସେମାନେ ସେଠାରୁ ଫେରିଯାଇଥିଲେ । ଉପରୋକ୍ତ ଗାଁରେ ଓଡ଼ିଶା ପକ୍ଷରୁ ହାତ ଗଣତି ଘରକୁ ବିଦ୍ୟୁତ୍ ସେବା ପ୍ରଦାନ କରାଯାଇଛି । ପୂର୍ବରୁ ମଧ୍ୟ ଆନ୍ଧ୍ର ନିଜ ଅଧୀନରେ ଥିବା ଗାଁରେ କିଛି ଲୋକଙ୍କ ଘରେ ବିଦ୍ୟୁତ ସଂଯୋଗ କରିଥିବା ସୂଚନା ରହିଛି । ଆନ୍ଧ୍ର ପକ୍ଷରୁ ମିଟର ବଣ୍ଟନ କାର୍ଯ୍ୟକ୍ରମ ସମ୍ପର୍କରେ ଜଣେ ଗ୍ରାମବାସୀ କହିଛନ୍ତି ଯେ, ଆଗକୁ ଭୋଟ ଥିବାରୁ ଆନ୍ଧ୍ର ପକ୍ଷରୁ ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ଏଭଳି ହୀନ ଉଦ୍ୟମ କରାଯାଇଛି । ସୂଚନା ଅନୁସାରେ, ଆସନ୍ତା ମେ' ୧୩ ତାରିଖରେ ଉଭୟ କୋରାପୁଟ ଓ ଆନ୍ଧ୍ରର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ କୋଟିଆରେ ଆନ୍ଧ୍ର ନିର୍ବାଚନ କରିବା ପାଇଁ ବ୍ୟଗ୍ର ହୋଇ ଉଠିଛି । ଏ ନେଇ ଜିଲ୍ଲା ପ୍ରଶାସନର କୌଣସି ପ୍ରତିକ୍ରିୟା ମଳିନି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo